ଭୂମିକା

ରସରାଜ ବ୍ରଜେନ୍ଦ୍ରକୁମାର ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ରଙ୍କର ପୌଗଣ୍ଡ ସମୟରୁ କୈଶୋର ଅବସ୍ଥା ଅବଧି ପର୍ଯ୍ୟନ୍ତ ଯେଉଁ ଯେଉଁ ଭାବ ଉଦ୍ଦୀପନ ହୋଇଥିଲା, ତାହା ପ୍ରଧାନ ଆଦିରସ ହେଲେହେଁ ଆଧ୍ୟାତ୍ମିକ ବ୍ୟାପାର ଅଟେ । ଗୋଲୋକପତି ନିତ୍ୟ ନୂତନ ମୂର୍ତ୍ତିଙ୍କର ଇଚ୍ଛା କେବଳ ଜଗତରେ ମଙ୍ଗଳସାଧନ, ଏହାହିଁ ମୂଳ କାରଣ । ଗୋପାଙ୍ଗନାମାନେ ଅନ୍ୟ ଅନ୍ୟ ଯୁଗମାନଙ୍କରେ ଜଣେ ଜଣେ ଋଷି ଥିଲେ, ସେମାନଙ୍କର ପ୍ରତ୍ୟକ୍ଷରେ ଭଗବାନଙ୍କ ସେବା କରିବାହିଁ ପ୍ରଧାନ ଉଦ୍ଦେଶ୍ୟ । ତେଣୁ ବ୍ରଜ-ଲଳନାମାନଙ୍କୁ ସଂସାରକ୍ଷେତ୍ରରେ ଜପତଡା-ବସାଇ, ପୁଣି ଗୃହରୁ ଟାଣିନେଇ ବନବାସିନୀ କରାଇଥିଲେ । ସେହି ସଙ୍ଗେ ସଙ୍ଗେ ତାହାଙ୍କର ପ୍ରେମର ପରିଚୟ ଦେଇ ଭାବୁକ ଭକ୍ତମାନଙ୍କ ହୃଦୟରେ ପ୍ରେମାଙ୍କୁର ଉଠାଇଥିଲେ । ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ରଙ୍କ ଲୀଳା ମଧ୍ୟରେ ଯାହା ଯାହା କେଳି-କୌତୁକ ଅଛି, ତାହା ସବୁ କେବଳ ପ୍ରେମର ପରିଚୟ । ଚନ୍ଦ୍ରାବଳୀ ଶ୍ରୀକୃଷ୍ଣଙ୍କର ପ୍ରଥମ ପ୍ରେମ-ବିଳାସିନୀ ଅଟନ୍ତି । ସେହି ପୁଣ୍ୟବତୀ ଚନ୍ଦ୍ରାବଳୀଙ୍କ ସଙ୍ଗେ ରସିକରାଜ ଚନ୍ଦ୍ର-ବର୍ତ୍ତଙ୍କ ଯାହା ଯାହା ଲୀଳା ଖେଳା, ତାହାସବୁ ଏ ନାଟକରେ ଉଲ୍ଲେଖ ହେଲା । ଇତି ।

ପ୍ରଣେତା :—

ବାବାଜୀ ଶ୍ରୀ ବୈଷ୍ଣବ ଚରଣ ଦାସ

Digitized by PPRACHIN, SOA

PRINTED BY S. AMINUL I.
ORISSA KOHINOOR PRESS
Chaudhury Bazar,
Cuttack. 1930

Digitized by PPRACHIN, SOA

ଚନ୍ଦ୍ରାବଳୀ ବିଳାସ ନାଟକର—

ଲୀଳାବିନୋଦକାରୀମାନଙ୍କ ପରିଚୟ ।

ଅଭିନେତାଗଣ

ଶ୍ରୀକୃଷ୍ଣ—ନନ୍ଦନନ୍ଦନ, ଗୋପ ସୁରେନ୍ଦ୍ର ।

ବଳରାମ—ରୋହିଣୀନନ୍ଦନ ।

ସୁବଳ—ଶ୍ରୀକୃଷ୍ଣଙ୍କ ପ୍ରିୟନର୍ମ ସଖା ।

ସୁଦାମ—ଶ୍ରୀକୃଷ୍ଣଙ୍କ ପ୍ରିୟ ସଖା ।

ଶ୍ରୀଦାମ—ଶ୍ରୀକୃଷ୍ଣଙ୍କ ପ୍ରିୟ ସଖା ।

ଦାମ—ଶ୍ରୀକୃଷ୍ଣଙ୍କ ପ୍ରିୟ ସଖା ।

ଅନୁଦାମ—ଶ୍ରୀକୃଷ୍ଣଙ୍କ ପ୍ରିୟ ସଖା ।

ମଧୁମଙ୍ଗଳ—ହାସ୍ୟକାରୀ ବିଦୂଷକ, ଶ୍ରୀକୃଷ୍ଣଙ୍କ ସଖା

ବଲ୍ଲଭ—ଶ୍ରୀକୃଷ୍ଣଙ୍କ ସଖା ।

ପଙ୍କଜ—ଶ୍ରୀକୃଷ୍ଣଙ୍କ ସଖା ।

ବସନ୍ତ—ଶ୍ରୀକୃଷ୍ଣଙ୍କ ସଖା ।

ନକୁଳ—ଶ୍ରୀକୃଷ୍ଣଙ୍କ ସଖା ।

କେଳୀ—ଶ୍ରୀକୃଷ୍ଣଙ୍କ ସଖା ।

ବାହୁ—ଶ୍ରୀକୃଷ୍ଣଙ୍କ ସଖା ।

ମଣିଭଦ୍ର—ଶ୍ରୀକୃଷ୍ଣଙ୍କ ସଖା ।

ନନ୍ଦ—ଶ୍ରୀକୃଷ୍ଣଙ୍କ ପିତା, ବ୍ରଜରାଜ ।

ଗୋବର୍ଦ୍ଧନମଲ୍ଲ—ଚନ୍ଦ୍ରାବଳୀଙ୍କ ପତି ।

Digitized by PPRACHIN, SOA

ଅଭିନେତ୍ରୀଗଣ

ଯଶୋଦା—ଶ୍ରୀକୃଷ୍ଣଙ୍କ ମାତା ।

ପୌର୍ଣ୍ଣମାସୀ—ଯୋଗମାୟା ।

ବୃନ୍ଦା—ବନ ଦେବୀ ।

ନାନ୍ଦୀମୁଖୀ—ଗର୍ଗ ନନ୍ଦନୀ ।

ଚନ୍ଦ୍ରାବଳୀ—ଗୋବର୍ଦ୍ଧନମଲ୍ଲଙ୍କ ପତ୍ନୀ ।

ଶୈବ୍ୟା—ଚନ୍ଦ୍ରାବଳୀଙ୍କ ଅନ୍ତରଙ୍ଗା ସଖୀ ।

ପଦ୍ମା—ଚନ୍ଦ୍ରାବଳୀଙ୍କ ପ୍ରିୟନର୍ମ ସଖୀ ।

ଭଦ୍ରା—ଚନ୍ଦ୍ରାବଳୀଙ୍କ ପ୍ରିୟ ସଖୀ ।

ଶ୍ୟାମଳା—ଚନ୍ଦ୍ରାବଳୀଙ୍କ ପ୍ରିୟ ସଖୀ ।

କରାଳା—ଚନ୍ଦ୍ରାବଳୀଙ୍କ ଶାଶୁ ।

ଭଦ୍ରକାଳୀ—ଚନ୍ଦ୍ରାବଳୀଙ୍କ ଅଧିଷ୍ଠାତ୍ରୀ ଦେବୀ ।

ଖଣ୍ଟାର ନାରୀ—ଦୂତୀ ।

ବୈଦ୍ୟ ବୁଢୀ—ଖଞ୍ଜୁଟୀ ।

ରୋହିଣୀ—ବଳରାମଙ୍କ ଜନନୀ ।



Digitized by PPRACHIN, SOA

ମଙ୍ଗଳାଚରଣ

(ଶ୍ରୀ ଶ୍ରୀ ଗୁରୁ ଗୌରାଙ୍ଗଦେବାୟ ନମଃ)

କୃଷ୍ଣୋତ୍କୀର୍ତ୍ତନଗାନ ନର୍ତ୍ତନ-କଳାପାଥୋଜନି ଭ୍ରାଜିତା ।
ସଦ୍ଭକ୍ତାବଳୀ ହଂସ-ଚକ୍ର ମଧୁପଶ୍ରେଣୀ ବିହାରାସ୍ପଦଂ ॥
କର୍ଣ୍ଣାନନ୍ଦକଳଧ୍ୱନି ର୍ବହତୁମେ ଜିହ୍ୱାମରୁ-ପ୍ରାଙ୍ଗଣେ ।
ଶ୍ରୀଚୈତନ୍ୟ-ଦୟାନିଧେ ତବ ଲସଲ୍ଲୀଳା ସୁଧା ସ୍ୱର୍ଦ୍ଧୁନୀ ॥

ପଛ ଉତ୍ତୋଳନ

ବନ୍ଦନା

(ବ୍ରଜକନ୍ୟା ବେଶଧାରୀ ବାଳକମାନେ
ଅର୍ଘ୍ୟଥାଳି ହସ୍ତେ ଗାଇବେ)

(ରଣପୁର ଘର ବନ୍ଦନା—ସ୍ତୁତ)

ଜୟ ଜୟ ଶ୍ରୀଗୁରୁ ଶ୍ରୀ ଚରଣାରବିନ୍ଦ ।
ଜୟ ଶ୍ରୀକୃଷ୍ଣ ଚୈତନ୍ୟ ଜୟ ନିତ୍ୟାନନ୍ଦ ହେ ।୧।
ଜୟ ପତିତପାବନ ବୈଷ୍ଣବ ଗୋସାଇଁ ।
ଜୟ ଗୌର-ଭକ୍ତବୃନ୍ଦ ଚରଣେ ନମଇଁ ହେ ।୨।

Digitized by PPRACHIN, SOA

ଜୟ ଶ୍ରୀ ବ୍ରଜମଣ୍ଡଳ ଜୟ ବୃନ୍ଦାବନ ।
(ଜୟ) କେଶୀଘାଟ ବଂଶୀବଟ ଯମୁନା ପୁଲିନ ହେ ।୩।
ଜୟ ରାଧା ଶ୍ୟାମ କୁଣ୍ଡ ଗିରି ଗୋବର୍ଦ୍ଧନ ।
ଜୟ ସର୍ବ ବ୍ରଜବାସୀ ପକ୍ଷୀ ପଶୁଗଣ ହେ ।୪।
ଜୟ ନିକୁଞ୍ଜ ନାଠୁଆ ଶ୍ରୀ ନନ୍ଦନନ୍ଦନ ।
ଶ୍ରୀ ଗୋବିନ୍ଦ ଗୋପୀନାଥ ମଦନ ମୋହନ ହେ ।୫।
ଜୟ ଜୟ ଭଗବତୀ ଦେବୀ ପୌର୍ଣ୍ଣମାସୀ ।
ଜୟ ବନେଶ୍ୱରୀ ବୃନ୍ଦେ କୃଷ୍ଣ ପଦ-ଦାସୀ ଗୋ ।୬।
ଜୟ ହେ ଅନନ୍ତ କୋଟି କୃଷ୍ଣ ଉପାସକେ ।
ସର୍ବେ ପଦଧୂଳି ଦିଅ ମୋହର ମସ୍ତକେ ହେ ।୭।
ନିଜ ନିଜ ପ୍ରେମ ଭକ୍ତି କର ଦାନ ।
ଅହନିଶେ କୃଷ୍ଣଲୀଳା କରିବି କୀର୍ତ୍ତନ ହେ ।୮।
ଆପଣମାନେ ସାକ୍ଷାତେ କୃଷ୍ଣାବେଶ ମୂର୍ତ୍ତି ।
କୃଷ୍ଣ ଦୟାମୃତେ ମୋ ମାନସ କର ତୃପ୍ତ ହେ ।୯।
(ତବ) ଶ୍ରୀଚରଣ ତଳେ କରୁଅଛି ନିବେଦନ ।
ବୈଷ୍ଣବ ଦାସଙ୍କର କୋଟି ନମସ୍କାର ଘେନ ହେ ।୧୦।
ଅମ୍ଭେମାନେ ଦୀନ ହୀନ ଅଜ୍ଞାନ ବାତୁଳ ।
ସମସ୍ତଙ୍କ କୃପା ଭିକ୍ଷା ସର୍ବେ କର ଦଣ୍ଡ ହେ ।୧୧।

(ଏହି ବନ୍ଦନା ଗାୟନ ଶେଷରେ ବାଳକଗଣ ଶ୍ରୀ ଶ୍ରୀ ଯୁଗଳମୂର୍ତ୍ତି
ରାଧା ଗୋବିନ୍ଦ ଓ ଗୌର ନିତ୍ୟାନନ୍ଦ ଏବଂ ତୁଳସୀ-
ବୃକ୍ଷରୂପା ବୃନ୍ଦାଦେବୀଙ୍କୁ ଆରତି ବନ୍ଦାପନା
ପୁଷ୍ପାଞ୍ଜଳି ସହିତ ହୁଳହୁଳି ଦେଇ
ନମସ୍କାରାନ୍ତେ ସ୍ୱସ୍ଥାନ ସମସ୍ତେ)

ସରଦା ସନ୍ତନ

Digitized by PPRACHIN, SOA

ଚନ୍ଦ୍ରାବଳୀ ବିଳାସ ନାଟକ

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

କୁସୁମିତ ବନପଥ

(ଚନ୍ଦ୍ରାବଳୀ, ଶୈବ୍ୟା, ପଦ୍ମା ଭଦ୍ରା, ଶ୍ୟାମଳା
ଗାନସହିତ ନାଚି ନାଚି ପ୍ରବେଶ)

ଗୀତ

ଚଅ ଲୋ ଚଅ ଫୁଲ ତୋଳି ଯିବା ସଙ୍ଗ ।। ଘୋଷା ।
କୁନ୍ଦ ମନ୍ଦାର ମଲ୍ଲୀ, ମାଧବୀ କୁରୁବେଲୀ ।
ବନରେ ବଢ଼ିଅଛି ଫୁଲ ତୋଳି ଯିବା ସଙ୍ଗ ।। ୧ ।
ଅଶୋକ ଚମ୍ପଅନା, ଜାଇ ଯୁଇ ଦୟଣା ।
ନାଗେଶ୍ବର ସୁମନା ଫୁଲ ତୋଳି ଯିବା ସଙ୍ଗ ।। ୨ ।

Digitized by PPRACHIN, SOA

ଦର୍ଶକ ଗଣଙ୍କ ଧ୍ୟାନ ଆକର୍ଷଣ

ସ୍ଥାନ ପରିବର୍ତ୍ତନ ଓ ଦୃଶ୍ୟ ପରିବର୍ତ୍ତନ

(ଅନେକ ସମୟରେ ନାଟକ ଲାଗି ପ୍ରସ୍ତୁତ ହୁଅନ୍ତି)

ପଟ୍ଟ ପରିବର୍ତ୍ତନ

ଦ୍ୱିତୀୟ ଦୃଶ୍ୟ

ନନ୍ଦାଳୟ ପ୍ରାଙ୍ଗଣ

(ଶ୍ରୀକୃଷ୍ଣଙ୍କୁ କୋଳେ ଧରି ଯଶୋଦା ବସିଛନ୍ତି
ଓ ବାତ୍ସଲ୍ୟମୟୀ ଜନନୀ ଶ୍ରୀକୃଷ୍ଣ ବନକୁ
ଯିବାପାଇଁ ମନା କରୁଥିବା)

ଶ୍ରୀକୃଷ୍ଣ—(ମଦମଦ ହସି) ମାଆ ! ମୁଁ ଆଜି ବଣକୁ ଯିବାପାଇଁ ଗୋଠକୁ ଯିବି । ମୋର ବଡ଼ ସରଧା ହେଉଛି ।

ଯଶୋଦା— ବାପ୍ ରେ ତୁ ପରା ମୋ ଅନ୍ଧର ଲଉଡ଼ି ? ତୋତେ ମୁଁ ଗୋଠକୁ ଛାଡ଼ିଲେ କେମନ୍ତେ ଜୀବନ ଧରି ରହିବି ବାପ !

ଗୀତ

(ଆସ ଆସ, ମିତ ଗୋପ ଗୋପୀ ଗୀତ, ଯିବା ବୃନ୍ଦାବନେ ଚାଲିବ)

ଆରେ ମୋ ଝାଳିଆ ତୁ ବନକୁ ଯିବୁ,
ତୋତେ ଦେଖିବାକୁ ବଳାଉ ମନ ।

Digitized by PPRACHIN, SOA

(ତୋଷ) [illegible],   ଭୋରକ [illegible]
। [illegible] ?

ରସ[illegible]   ଅନନ୍ତ ଅପାର,
[illegible]

[illegible]   [illegible]
[illegible] । ୧ ।

ନବଲକ୍ଷ ଧେନୁ,   [illegible]ରେ ମୋ ଭାଗ୍ୟ,
[illegible] ମୋ ଗୋକୁଳେ ।

[illegible]ର [illegible]ର,   ଅନନ୍ତ [illegible],
[illegible] ତ [illegible] ଗୋପାଳେ । ୩ ।

[illegible],   [illegible] ଚନ୍ଦ୍ରିକା,
ପିନ୍ଧନ୍ତ ଏତେ [illegible] ?

ମୋ ଧନ ବଂଶୀ,   ଅରେ ବନମାଳି
[illegible] । ୪ ।

([illegible] ଦାସ)

ମାଁ ! ମୋତେ ମନା କରୁଛ [illegible]
[illegible] ?

ଗୀତ

([illegible])

[illegible] ନଂ 1
[illegible] ([illegible])

Digitized by PPRACHIN, SOA

ଯେତେ ଧନ ଥିଲେ,　　　କେତେ ଜନ ଥିଲେ,
ନନ୍ଦବୃତ୍ତି ଶୋଭେ ନାହିଁ ବିନା । ଗୋଧନ ।
ଯେଣେ ଏ ଗୋପରେ ଯେତେ ବାଳକ,
ଧେନୁ ରକ୍ଷା ଶିଖନ୍ତି ସେ ବାଳକ ?
ଶିକ୍ଷା ତ ମୋହର,　　　ଶୁଣ ସେ ଜନନୀ,
ସେ ଧନେ ଯିବାକୁ ମୋର ଭାବନା । ୧ ।

(ବୈଷ୍ଣବ ଚରଣ ଦାସ)

ଯଶୋଦା—କାହ୍ନୁ ରେ ! ତା ସତ, ନନ୍ଦବୃତ୍ତି ନ ଜେ ଶିଖିବୁ କାହୁଁ ଆଉ ଟିକେ ବଡ଼ ହୋଇ ଯା ତୋତେ ଗୋଠକୁ ଛାଡ଼ିବ ।

କୃଷ୍ଣ—ମାଆ ! ମୁଁ କଅଣ ବଡ଼ ହୋଇନାହିଁ ?

ଯଶୋଦା—ନା, ଆଉ ! ତୁ ଏବେ ମୋ ଅଣ୍ଟାର ଶିଶୁ ପୁଅ, ତୋର କେତେ ଦିନ ହେଲାଣି ? ଘରକରଣା କରିବାବେଳ କଅଣ ତୋର ଆସିଲାଣି ? ତୁମା ଧନମାଳ ! ଏଇ ଅବୁଝା ହୁଅନା । ମୋ କଥା ମାନି ରହ । ତୁ ବଢ଼ିଗଲେ ତତେ ଗୋଠକୁ ପଠାଇବ ।

କୃଷ୍ଣ—ନାହିଁ ମା ! ମୁଁ ଆଜି ଗୋଠକୁ ଯିବି, ଯିବି, ଯିବି ।

ଯଶୋଦା—(ତାଙ୍କୁ କୋଳରେ ନେଇ) ଆହା ମୋ ସବଶୀନଧୁ ରେ ! କିଏ ତୋତେ ଏ ବୁଦ୍ଧି ଶିଖାଇଲା ଧନ !

Digitized by PPRACHIN, SOA

ଗୀତ

(ଭଜ ବୃନ୍ଦା ସହଚରୀ—ବୃନ୍ଦେ)

ଅହୋ ମୋ ଲବଣୀନିଧି !   କିଏ ତୋତେ ଶିଖାଇଲା ଏ ବୁଦ୍ଧି ।
ଜୀବଧନ ରେ ! ଜନେ ଗୋକୁଳର ବିଧି ।୧।

ମୋହର କୋଳରେ ଥାଇ,   ଏ କାଳ ସେ କାଳ ପରି ହୋଇ ।
ଜୀବଧନ ରେ ! ଶୂନ୍ୟଘରେ ଭୟ ପାଇ ।୨।

ଗଲୁଁ ଗଲେ ସିଲେ ଅନ୍ତର,   ଧାଇଁ ଆସୁ ମୋର କି ଚଉତର ।
ଜୀବଧନ ରେ ! ମୋ କୋଳେ ହେବୁ କାତର ।୩।

କାନ୍ଦୁ ଶତ ଭୟଙ୍କର,   ଦେଖିଲେ ତ ଭୟ କରୁ ଅପାର ।
ଜୀବଧନ ରେ ! ନ ଛାଡୁ ଭାଲୁ ପାଖର ।୪।

ଅନାଇଁ ନଭ ଘନକୁ,   ତୋତେ ବଡ଼ ଭୟ ଲାଗଇ କିଶ ?
ଜୀବଧନ ରେ ! ଥୁ ଥୁ ପକାଉ ଘନକୁ ।୫।

ଅନ୍ଧାର ଘରକୁ ଦେଖି,   ଚମକିଉ ପୁଣି ଅନ୍ଧ ଚମକି ?
ଜୀବଧନ ରେ ! ମୋ କୋଳେ ଅସି ଥାଉ ଲୁଚି ।୬।

ମାଆ ମାଆ ବୋଲି କରୁ,   ଲବଣୀ ଖାଇବୁ ବୋଲି ଧରୁ ।
ଜୀବଧନ ରେ ! ମୋତେ ଛାଡ଼ି ନ ଖାଉ ।୭।

ଆଜି ଯାଏ ତାଙ୍କ ମୋର,   କାହିଁକି ପର କଲୁ ମୋ ଜୀବ ।
ଜୀବଧନ ରେ ! ଅଜଣା ବାଟରେ ।୮।

ପ୍ରାଣ ନ ଥାଏ ମୋ ପିଣ୍ଡେ,   କେତେବେଳେ ଦେଖିବି ତୋତେ ।
ଜୀବଧନ ରେ ! ପ୍ରାଣ ଯିବ ଦୁଃଖେ ।୯।

Digitized by PPRACHIN, SOA

ଏବେ ଦେଉଁପରି ଛନ୍ଦ, ଅଳି କରୁଛ ବନେ ଯିବାପାଇଁ ।
ଯାଦୁଧନ ରେ ! ମୋ ବୋଲ ମାନ କହାଇଁ । ୧୦ ।

(ବୈଷ୍ଣବ ଚରଣ ଦାସ)

(ସୁବଳ, ସୁଦାମ, ଦାମ, ବସୁଦାମ, ଶ୍ରୀଦାମଙ୍କ ପ୍ରବେଶ)

କୃଷ୍ଣ—ଦେଖ ମା ! ମୋ ସାଙ୍ଗ ପିଲାମାନେ ମୋତେ ଡାକିବାକୁ ଆସିଲେଣି ।

ଗୀତ

(ମଙ୍ଗଳ ଭୈରବୀ—ଯତି)

ଦେଖ ମା ଦେଖ ଗୋ କେତେ ଆନନ୍ଦ ମନେ ।
ଆସିଲେଣି ଡାକି ମୋର ସାଙ୍ଗ ପିଲାମାନେ ଗୋ । ୧ ।
ବସା ଭିତର ଦିଆଲୁ ଯମୁନା କୂଳକୁ ।
ଛାଡ଼ିଦେ ମା ତାଙ୍କ ସଙ୍ଗେ ଯିବି ମୋ ଗୋଠକୁ ଗୋ । ୨ ।
ବାନ୍ଧିଦେ ମା ମୋର ଶିରେ ଚୂଡ଼ା ଚନ୍ଦ୍ରିକା ।
ରଞ୍ଜିଦେ ଅଞ୍ଜନ କୋଣେ ନାସିକାରେ ଫୋଟ ଏ ଗୋ । ୩ ।
ଲେଖିଦେ ମା ଭାଲେ ମୋର ଗୋରଚନା ଶୋଭା ।
ନାସାରେ ମଣ୍ଡିଦେ ମୋର ଏ ! ଗଜମୁକୁତା ଏ ଗୋ । ୪ ।
ଦିଅନିଦେ ଶ୍ରୀଅଙ୍ଗରେ ପାଟଚାଦର ମୋର
ଚରଣେ ବନ୍ଧାଇଦେ ମା ରୁଣୁଝୁଣୁ ନୂପୁର ଏ ଗୋ । ୫ ।

Digitized by PPRACHIN, SOA

ବନମାଳା ଖୋଷି ଗଳେ ଦେଇ ଆ ଶିଖାଇ ।
ବନେ ଯିବାପାଇଁ ମନେ ଭାବୁ ଛାଡ଼ିପାରିବୁ ନା । । ୨

(ବୈଷ୍ଣବ ଚରଣ ଦାସ)

ଯଶୋଦା—ନା, ନା, ଧନମାଳ ! ମୁଁ ତୋତେ ଗୋଚାରଣ୍ୟ କରି ସେ ଯମୁନା କୂଳକୁ ଯିବାକୁ ଦେବିନାହିଁ ।

ଗୀତ

(ଶ୍ୟାମକଲ୍ୟାଣ ଉପମରସେ—ଯତି)

ଧନମାଳ ! ଆଖିଅନ୍ଧୁବା ମୋ ଦୁଃଖବସ ରେ !
ଟମକ ରକ୍ତୁ, ଗୁଡ଼ବାଲୁ ଭୁରୁ,
ଥିର ଯାଉଅଛ ମୋର ଧର୍ମ ରେ । ଘୋଷା ।
ଆରେ ମୋ ଗୋପାଳ ଘନଅଁ ଭାଳ ।
ତେଣେ ଯିବାପାଇଁ ବଳାନା ମନ ।
ଅତି ସୁକୁମାର ଦେହଟି ତୋହର
ଫାଟିଲ ପଲ୍ଲବ ଅଙ୍ଗ ତନୁ ରେ । ୧

ଅଜହୁଁ ମୁଁ ଶୁଣା ନାହିଁ ଏ କଥା
ଭଲଭଲା ଯାଉ ଛଡ଼ି ମୋ ପଥ ।
ଦାଉ ଲାଗେ ପ୍ରାଣେ ଶୁଣୁଛି କେମିତିକି,
ଛାଡ଼ିଯାଇଁ ମୁଁ ତା ଭୂଷଣଗୁଡ଼େ କି ୨ ।

Digitized by PPRACHIN, SOA

ଗାଈଆ ଦଳୁଁଟି ଗୀତ ମୋ ଶୋଭେ,
ନାଗ ଏକ ଘର ଓଡ଼ା ପ୍ରେମଭାବରେ ।
ଆଜକାହ୍ନୁ ବଂଶୀ, ଅଧାମ ଲବଣୀ,
ଥାଉ ଥାଉ ବୋଲି କେଉଁ ଧନ୍ୟ ରେ । ୩ ।
ଚାଙ୍ଗୁଡ଼ା ବୁଣିବା ଗୁଣ ମୋ ଯାଦୁ ।
ପାଉଛୁ ତ ଗୁଣ ବୋଲ ନ ମାନୁ ?
ନାଉ ହୋଇ ମୋ, ପିଠିରେ ଗୋଲୁଥା ଛୁ,
ଥାଉ ଥାଉ ସେ ବାଳୁଙ୍ଗ ଚରିରେ । ୪ ।

(ବୈଷ୍ଣବ ଚରଣ ଦାସ)

ଶ୍ରୀକୃଷ୍ଣ—ଏମାନେ କେମିତି ନାଚ ଗାଈଙ୍କୁ ଚରେଇ ଯାଉଛନ୍ତି ।

ଯଶୋଦା—ସେମାନେ ଗଉଡ଼, ଦୁଃଖୀ ରଙ୍କି ସିନା ତେଣୁ ନିଜ ନିଜ କାର୍ଯ୍ୟ କରୁଛନ୍ତି ।

ଶ୍ରୀକୃଷ୍ଣ—ଆମେ କଣ ଗଉଡ଼ ହୋଇନାହିଁ ? ଏତେ ଧନ ଦଉଲତ କଣ ସବୁଦିନେ ଥିବ ?

ଯଶୋଦା—ହଁ ବାପ ! ଆମେ ଗଉଡ଼ ହେବା କି ହେବା ତଏ ଢେର ପାଇବ ? ତାହା ଉପରବାଳାଙ୍କ ହାତେ । ଲକ୍ଷ୍ମୀ ଯାଆନ୍ତାଣୀ ଯାହାକୁ ଯେତେବେଳେ ଯେ [illegible] ବଖାଣନ୍ତି, ତାହା ସେହି ଏକା ଜାଣନ୍ତି । ତେବେ [illegible] ଆମକୁ ଆଉଁଷେ [illegible] ନାହାନ୍ତି ।

ଶ୍ରୀକୃଷ୍ଣ—ମା ! ଏତେ ଟଙ୍କା ଦରକାର କାହିଁକି ? କେତେଜଣ କାହାର

Digitized by PPRACHIN, SOA

ଗର୍ଭ ଯନ୍ତ୍ରଣାରେ ! ମୋର ଏହିତ ଏ ସନ୍ତାନ ସ୍ନେହ ଯେ,
ମନ୍ଦ ଏତେ ଶିଶୁ ଦେଖିଲେ ପରି ଦରୁଛ ?

ଗୀତ

(ସ୍ୱର୍ଣ୍ଣ ଯାନ' ଅର୍ଦ୍ଧ ଏବେ—ସ୍ତବ)

ଅରେ ମୋ ଚାଳସାବାକ୍ତ ଅନ୍ତର ନିଧି !
ଧନଲାଗି ଲୁହରେ ଏ ମୋର ଗର୍ଭସିନ୍ଧି ।
ଚକାଚାଉଁଥ ରେ ।। ୧ ।

ତୁ ତ ମୋ ସର୍ବସ୍ୱ ଧନ ଅମୂଲ୍ୟ ପବିତ୍ର ।
ରଜନୀରତନ ମୋର ନୟନର ତାରା ।
ଚକାଚାଉଁଥ ରେ ।। ୨ ।

ତୁହି ଥିଲେ ସବୁ ଅଛି ବିନା ଶୂନ୍ୟମଣି !
ଦେଖ ତୁମ୍ଭାକୁ ମୋର ଛୋ ଲାଗିଛି ପୁଣି ।
ଚକାଚାଉଁଥ ରେ ।। ୩ ।

(ବୈଷ୍ଣବ ଚରଣ ଦାସ)

ଶୁକୃଷ୍ଣ—ମୁଁ ତୁଲେ ଖାଦ ତୋର ସବୁ ଦୁଃଖ ଚୋଲି କହୁଛ, ଗାଲ ଚାକିରି ଚଷ ଭୂଷି ସଅଣ ନାହିଁ ? ମୁଁ ଥାଉଁ ଥାଉଁ ରଶ୍ମ-ଅଙ୍କ ଭିଳ ଉଦ୍ଧାରେ ଚାହିଁଛ ! ସେମାନେ ଯାହା ବଳତେ ନେଇଯାନ୍ତୁ ଖାଉ ତ ରକ୍ଷ ଶାଅନ୍ତା, ଆମର ସମ୍ପତ୍ତି ଅଭାବ ନଥିଲେ, ମୁଁ ସାଏ ଚାକିରି ଛେଡ଼ି ଯିବାକୁ ମନା କରୁଛ କାହିଁ ? ନା, ନା, ମୁଁ ଯିବି ।

Digitized by PPRACHIN, SOA

ଲଚ୍ଛମୀ ମା—ଶୁଣୁଛୁ ଲୋ! [illegible] ପାଖରେ [illegible] ବାରତା ନେଇ ଆସିଲେ [illegible] ଦକ୍ଷିଣରେ ଦେଖାଇଲେ [illegible] ଝାଡ଼ିଲ୍ଟ, ତୁ ଚାହୁଁଲୁ ସେ ସେଠି କଥା କରିବୁ ? ଧନ ମୋର ! ଧାଠ ଶାଠ ଠଲେ ବଢ଼ୁଥ. ତୋତେ ବାନ୍ଧି ଦେଇଦେବି, ନିଜଲୋକ ଶିଖି ଯାଠ ପଲଙ୍କ ଆଉ ବହୁ ଧାସନରେ ବସି ସୁଖଭୋଗ କର । ଏ ସ୍ଥାନମାନ ବୁଝି ପାରିଲୁ ?

ଲଚ୍ଛମୀ—ନା, ମା ! ଏ ଅଭାବ ଜୀବନ. ସେଇଠି ମୋ ଧନୀ ହେଲେ ଆପଣା ଜୀବନ ଗୁଡ଼ିକ ବଡ଼ ମନ୍ଦ ।

ଗୀତ

([illegible])

ଏ ମୋ ପିଲକଥା ମନରେ ବସୁର ଗୋ !
[illegible] ଏ ମୋ ପିଲକଥା । ଘୋଷା ।

ଧନରେ ଧନ ଥିଲେ ହେଲେ ଭୁବନ ସମ୍ପଦ ।
ଆପଣା ଜୀବନ, ଛାଡ଼ିବାର ବଡ଼ ମନ୍ଦ ଗୋ । ୧ ।

[illegible] ନ [illegible]
[illegible] ଗୋ । ୨ ।

[illegible] ।
ନିଜ [illegible] ଗୋ । ୩ ।

Digitized by PPRACHIN, SOA

ତ, ତବ ବାଲ୍ୟ ଖେଳ ପ୍ରବଳ ଦର୍ଶ ।
ଦେଖ ଭାଗ ବାଦ ବ୍ରଜବୃନ୍ଦ ସମ୍ଭାଷଣ ଗୋ । ୪

କୌସ୍ତୁଭ ଭରଣ ଦାସ ?

ସୁବଳ—ଭାଇ କାହ୍ନୁ ! ମାଆଙ୍କ କଅଁଳ କଥା ଶୁଣି ଶୁଣି ଘରେ ବସିଲେ କଣ ଚଳିବନା, ଆମମାନଙ୍କ ସଙ୍ଗରେ ବାହୁଡ଼ି ଚରେଇ-ବାକୁ ଯିବୁ, କହୁନୁ ଭାଇ ?

ଶ୍ରୀକୃଷ୍ଣ—ଦେଖୁନାହଁ ସୁବଳ ! ମାଆ କପଟ ନାହିଁ କରୁଛନ୍ତି ।

ସୁଦାମ—ତେବେ ଥା, ଥା, ମାଆଙ୍କ ପାଖରେ ମାଆଙ୍କ ଶୁଆ ପାଇ
। ଅମେମାନେ ଯାଉଛୁ ।

ଦାମ—କାହ୍ନୁ ! ତୁ ଆମକୁ କହିଥିବ ତୋର ଆମେ ମାନେ ତୋତେ ଭାବିବାକୁ ଅଛୁ । ତୁ ନ କହିଥିଲେ କଣ ବାହାରିକ ତୋ ପାଖକୁ ଆସି ଥାଆନ୍ତୁ ?

ଶ୍ରୀଦାମ—କହେଇ ଭଲ ! ସବୁ ପାରନ୍ତୁ, କିନ୍ତୁ ବାଛୁରି ଚରା ମଜା ପାଉନୁ ନାହିଁ, ସେଦିନ ଜଙ୍ଗଲରେ ଆମେମାନେ ଯେଉଁ ଭାଲ ମାରିଥିଲୁ ଖେଳ, ଲୁଚକାଳି ଖେଳ ରଜା ପ୍ରଜା ଖେଳ ଖେଳିଥିଲୁ ରେ ! ତୁ ଗଲେ ପରା ଭାରି ମଜା ହୁଅନ୍ତା ?

ଶ୍ରୀକୃଷ୍ଣ—(ସଖାମାନଙ୍କ ଠାରୁ ମାଆଙ୍କ ପ୍ରତି) ମା ! ମା ! ମୋତେ ମନା କରନା, ମୁଁ ତୋ ହାତ ଧରୁଛି, ତୋ ପାଦତଳେ ପଡୁଛି, ମୋତେ ଏକା ଥରେ ଛାଡ଼ିଦେ, ମା ! ମୁଁ ବାଛୁରି ଚରେଇବାକୁ ଯିବି ।

ଯଶୋଦା—କୃଷ୍ଣରେ ! ବିଭାଜର [illegible] କେନା ଯିବୁ

Digitized by PPRACHIN, SOA

କୃଷ୍ଣ—ହଁଅଁ ମା ! ମୁଁ ବିଶୋକପାଙ୍କୁ ବାଣ୍ଟିଁ ପାଶମାରି ଦେଇଛି ।

ଯଶୋଦା—ସେ କେଉଁଠି ବସିଛନ୍ତି ?

କୃଷ୍ଣ—ସେ ଉଦ୍ଧବନ୍ତ, ଆଉ ଗୋଚାରଣକୁ ଯିବାକୁ ମନ ବଳାଉଛୁ ତେବେ କାଲିଦିନ ଦେଖି ସକାଳବେଳାରେ ଯିବୁ ।

ଯଶୋଦା—ତୋ ପିତା ବଡ଼ ନିଷ୍ଠୁର ।

କୃଷ୍ଣ—କାହିଁକି ମା ! ନିଷ୍ଠୁର କାହିଁକି ହେବେ ? ସେତ ଭଲଇ କହୁଛନ୍ତି ।

ଯଶୋଦା—ତେବେ ତୋ ମନକୁ ତାଙ୍କ କଥା ରୁଚିଲା, ହେଉ, ମାତ୍ର କାଲିଦିନ ସକାଳବେଳାରେ ସିନା ଗୋରୁ ଚରେଇବାକୁ ଯିବୁ ? ବାହାର ପଣ୍ଡିତମାନେ ଆସିବେ, ଗଣ୍ଡ କହିବେ, ପାଞ୍ଜି ଦେଖି ଶୁଭବେଳା ଶୁଭମୁହୂର୍ତ୍ତ କହିଦେବେ, ଗୋଚାରଣ ବିଧିବିଧାନ ସବୁ ହେବ, ତେବେ ଯାଇ ଗୋଚାରଣକୁ ଯିବୁ ? ଏମିତ ଜଲ୍ଦି କରୁଛୁ କାହିଁ ! ବତ୍ସ, କାଲିଦିନ ସକାଳ, ବାପାଙ୍କ ଭଲ ନ ଅଙ୍ଗ ଲାଗି ନଥିବ, ନୂଆ ବାଉଁଶ, ଛେଳି, ନୂଆ ମାଳକୁଲି ବଂଶୀ ଦେବୁ କହିଦେବେ, ତେବେ ଯିବୁ ।

କୃଷ୍ଣ—ହେଉ ଭଲକଥା, ଆଜି ମୋତେ ଟିକିଏ ଖେଳିବାକୁ ଏମାନଙ୍କ ସଙ୍ଗେ ଛାଡ଼ିଦେ ଭଲ ?

ଯଶୋଦା—ସେମାନେତ ବାଲୁଙ୍କ ଘର ରେଣୁ ପଲାଣୀଙ୍କୁ ବାହାର-ଛନ୍ତି, ତୁ କେଉଁପରି ତାଙ୍କସଙ୍ଗେ ଯିବୁ ?

କୃଷ୍ଣ—ତାଙ୍କର ଗାଈ ବାଛୁରୀ ସଙ୍ଗରେ ଯିବ, ଶ୍ରୀବତ୍ସ ଗାଈ

Digitized by PPRACHIN, SOA

ଚ ଯନ୍ତି, ଦେଖି ଦେଖି ଶିଖିବ । ଯେମିତ ଗଛ ଉପରେ ଝୁଲି ଗାଈ ଚରାନ୍ତି, ତା ମଧ୍ୟ ଅନୁଭବ କରିବ ।

ଯଶୋଦା—ନା, ନା, ଗଣ୍ଡିଅନ ! ମୋତେ ଏ କଥା କହନା; ତୋ ପିତା ଆସନ୍ତୁ, ତେବେଯାଇଁ ତୋର ଶାସନ କରିବା ନ କରିବା କଥା କହିବ, ମୁଁ ଏଭଳି ତୋତେ ସେ ବଣବୁଲା ପିଲାଙ୍କ ସାଙ୍ଗେ ଛାଡ଼ିବ ନାହିଁ ।

ଗୀତ

(ମୋତେ ଏ ନ କଲେ—ଯତି)

ବନେ ଛାଡ଼ିବି ନାହିଁ ।
ଧନମାଳି ମୋର ଚାଳିଆ କହ୍ନାଇ !
ଛାଡ଼ିବ ନାହିଁ, (ଆହା) ଦୁଃଖୀଧନି—
ଏହା ନ କହ ଛନ୍ଦରେ, (ଛାଡ଼ିବ ନାହିଁ) । ଘୋଷା ।
ଦେହ କଣ୍ଟାଳିଆ ହେଲୁ କପାଳକୁ ମୋର ।
ଯେତେ ମନା କଲେ ହେଲେ ନ ମାନିଲୁ ଗୀର ।
ଅରେ ନୀଳମଣି !
ବୃନ୍ଦାବନ ତୋତେ ଭୋକେ ଯେନ (ଅରେ)
ତୋ ଚନ୍ଦ୍ରବଦନ ଶୁଖାନା ଏ ଯେନ (ନୀଳମଣି)
ମାନ ମାନ ଧନ ମୋର ବାଣୀ (ଅରେ ନୀଳମଣି)

(ବୈଷ୍ଣବ ଚରଣ ଦାସ)

Digitized by PPRACHIN, SOA

ଶ୍ରୀକୃଷ୍ଣ—ମା ! ମୋତେ ନାହିଁ କହୁଛୁ ଯେ, ଲୁଣ୍ଠବର ଏମାନଙ୍କ ସାଥିରେ ଯମୁନା କୂଳକୁ ବାହାରିଯିବ, ଆଜ ତୋ କଥା ଶୁଣିବ ନାହିଁ; ଜାଣିଥା ପଛରେ ଅଜ୍ଞ ମୋତେ ଦୋଷ ଦେବୁନାହିଁ ।

(ନେପଥ୍ୟରୁ ମହାରାଜା ନନ୍ଦଙ୍କ ପ୍ରବେଶ)

ଯଶୋଦା—ଏହୁ ଦେଖ, ତୋ ପିତା ଆସିଲେଣି, ସେ କଣ କହୁବେ ଶୁଣ୍ । ମୋ କଥା ତ ମାନୁନାହୁଁ, ତାଙ୍କୁ ବି ଉତ୍ତର ଦେଲୁ ଦେ ।

ନନ୍ଦ—କଅଣ ପ୍ରିୟେ ! କୃଷ୍ଣ କଅଣ କହୁଛି ?

ଯଶୋଦା—ବାଛୁରି ଚରେଇ ଯିବାକୁ କେତେବେଳୁ ମୋ ସଙ୍ଗେ ଅଳି କରୁଛି ।

ନନ୍ଦ—ଦେଖ ଭଲକଥା, ଯଦି ଗୋରୁବଣକୁ ଯିବାକୁ କୃଷ୍ଣ କହୁଛି, ମନ୍ଦ କଅଣ ? ନିଜ ବୃତ୍ତି ତ ଶିଖିବା ଦର୍କାର ।

ଶ୍ରୀକୃଷ୍ଣ—(ତେଣ୍ଡିମାରି) ବାଃ, ବାଃ, ବାପା ଭଲକଥା କହିଲେ ।

ନନ୍ଦ—(କୃଷ୍ଣଙ୍କୁ କୋଳକରି) କୃଷ୍ଣ ରେ ! ତୁ ସତେ ଗୋଷ୍ଠକୁ ଯିବୁ ?

ଶ୍ରୀକୃଷ୍ଣ—ହଁଅଁ ବାପା ! ଗୋଷ୍ଠକୁ ଯିବି । ବାପା ! ତୁମେ ସବୁ ମୋତେ ସେଦିନ କହୁଥିଲ—ଭଲ ଦିନ ଦେଖି ଗୋରୁବଣକୁ ପଠାଇବ ବୋଲି ? ସେ କଥା କଅଣ ମନେନାହିଁ ?

ନନ୍ଦ—ହଁ ହଁ କହୁଥିଲି; କୃଷ୍ଣଚନ୍ଦ୍ର ରେ ! ତୋର ସେ କଥା ମନେଅଛି ? ଆହା ! ମୋ ପୁତ୍ର ବଡ଼ ବୁଦ୍ଧିମାନ୍ ।

ଶ୍ରୀକୃଷ୍ଣ—ବାପା ! ମୁଁ ପରା ତୁମ୍ଭ ପୁଅ, ନ ବୁଝିଲେ ହେବ କିପରି ?

Digitized by PPRACHIN, SOA

ନନ୍ଦ—(ଆଲିଙ୍ଗନ କରି ମୁଖେ ଚୁମ୍ବନ ପୂର୍ବକ) ଧନ ରେ ! ତୋତେ ଭଗବାନ୍ ଚିରଞ୍ଜୀବୀ କରନ୍ତୁ, ତୋର ଏ କଥାଗୁଡ଼ିକ ଶୁଣି ମୋ ଛାତି ପୁଲକିତ ହେଉଛି ।

(ପୌର୍ଣ୍ଣମାସୀ ଗୀତ ଗାଇ ଗାଇ ପ୍ରବେଶ)

ଗୀତ

(ଯମୁନେ, କହ ଗୋ ! ମୋର ପରାଣମଣି—ଛନ୍ଦ)

ଅହା କି ସୁନ୍ଦର ନନ୍ଦନନ୍ଦନ ଠାଣି ସେ ବାଙ୍କସୁହାଁଣି ।
ଦେଖିଲେ ମାନସ ଆଖି ରହଇ ଲାଖି ।
ନିରନ୍ତରେ ହେଉଥାଏ ଝୁରେଣି । ଘୋଷା ।
ଯେହୁ ତ୍ରିଭୁବନ ମୋହନ, ଅଟେ ସେହି ଗୋପଜୀବନ ।
ପାଳନ୍ତି ନନ୍ଦସୁଜନ ସେ ଯଶୋଦାରାଣୀ ।
ଯାଇଲେ ପୂଜା କରି ତ, ଭକ୍ତଙ୍କ ବଶ,
ଦେବତାମାନଙ୍କ ମଥାର ମଣି । ୧ ।
ଯତେ ଅଛି ସେ ମୃଦୁହାସ, ଦେଖିବ ନୟନ ବିଳାସ ।
ଆନନ୍ଦ ସିନ୍ଧୁରେ ମନ ହେବ ମଗନ ।
ଦଣ୍ଡିଯିବ ଭବ ପ୍ରେମତରଣୀ । ୨ ।

(ବୈଷ୍ଣବ ଚରଣ ଦାସ)

ଶ୍ରୀକୃଷ୍ଣ—ବାପା ! ଦେଖିଲଣି, କେଣୁ କିଏ ଆସୁଛନ୍ତି ?
ଗୋସେଇଁମାଆ ତ !

Digitized by PPRACHIN, SOA

ନନ୍ଦ—ହଁ, ବତ୍ସ ! ତାଙ୍କୁ ନମସ୍କାର କର, ତୋର ସେ କଲ୍ୟାଣ ବାଞ୍ଛିବେ ।

ପୌର୍ଣ୍ଣମାସୀ—ଅଜ୍ଞ ଓ ନନ୍ଦବ୍ରଜନ ସନ୍ତାନବନାରେ ବୁଡ଼ିଛନ୍ତି ! ମନମୋହନ ନାଟୁଆ ନୀଳମଣିଟିକୁ କୋଳରେ ଧରି ମହାବାତ୍ସଲ୍ୟ ରସରେ ମଜ୍ଜି ରହିଛନ୍ତି ! ଧନ୍ୟ, ଧନ୍ୟ ! ତୁମ୍ଭେ ନନ୍ଦ-ଯଶୋମତି ! ଯାହାଙ୍କ ଏ ପରି ପୁଅକୁ ପାଇ ସୁଖରେ ଦିନ କଟାଉଛ ।

ନନ୍ଦ—(ନମସ୍କାର କରି) ମା ! ଆପଣଙ୍କର ଏହି ଆଶୀର୍ବାଦହିଁ ଲୋଡ଼ା ।

ଯଶୋଦା—(କଟିଯାଇ ପୌର୍ଣ୍ଣମାସୀଙ୍କ ପାଦତଳେ ପ୍ରଣାମ କଲେ)

ଶ୍ରୀକୃଷ୍ଣ—(ସେହିପରି ମାନ୍ୟ ସହିତ ନମସ୍କାର କଲେ)

ଶିଶୁଗଣ—(ଶ୍ରୀକୃଷ୍ଣଙ୍କ ସଙ୍ଗେ ସଙ୍ଗେ ନମସ୍କାର କଲେ)

ପୌର୍ଣ୍ଣମାସୀ—ତୁମ୍ଭମାନଙ୍କର ଅଶେଷ ପୁଷ୍ଟି ହେଉ । ସଦା ସର୍ବଦା ଏହିପରି ଆନନ୍ଦରେ ଦିନ କଟାଅ ।

ନନ୍ଦ—ଜନନି ! ଆପଣଙ୍କ କୃପାରୁ ଏ ବୃଦ୍ଧ ବୟସରେ ବାଳକକୁ ପାଇ ଅତି ଆନନ୍ଦରେ ଅଛୁ, କିନ୍ତୁ ଗୋଟିଏ କଥାରେ ମନ ଦୁଃଖ ହେଉଅଛି ।

ପୌର୍ଣ୍ଣମାସୀ—କଅଣ ? କେଉଁ କଥା ?

ନନ୍ଦ—କୃଷ୍ଣ ମୋର ଗୋବତ୍ସଙ୍କୁ ଯିବାପାଇଁ ସବୁଦିନ ଅଳି କରେ, ଅଜ୍ଞ ମାଆକୁ ମହା ବ୍ୟତିବ୍ୟସ୍ତ କଲାଣି ।

ଯଶୋଦା—ମା ଭଗବତି ! ଆପଣ ଚଷ୍ଟେ ମୋ ବାଳାକୁ ବୁଝେଇ କହନ୍ତୁ ।

Digitized by PPRACHIN, SOA

ଗୀତ

(କୃଷ୍ଣନାମ ଅଙ୍କଠାରୁ—ପ୍ରତ)

ଅଗୋ ମାତଃ ଭଗବତ ! ମୋ ବାଳକୁ,
ସଦେ ଅଧେ ବୋଧୁଚର ଗୋ ।
କହୁଥାନ୍ତୁ ଭଲ,   ଏ ବାଇଆ ପିଲା,
ଗୋଟେ ନ ଖାଏ ଭୋଜର ଗୋ ।
ତଅବନ୍ତୁ ଏଥିପାଇଁ ।
(ମୁଁ) ଯେତେ କହୁଲେ ବୁଝିଲା ନାହିଁ ଗୋ । ୧ ।

ଅତ ଅଲଅଲ,   ମୋର ଏ ଗୋପାଳ,
ସର୍ବଦା ଏହାର ଚିନ୍ତା ଗୋ ।
ବତ୍ସ ବୃନ୍ଦଧନ୍ଦା,   କାଖିଲ ନ ଦେଖି;
ନ ଗଲା ନଥିବ ଚିନ୍ତା ଗୋ ।
କ କରବ ଏହା ଲାଗି ।
ଦେଖ ଅଛି ଗୋବତ୍ସ ଅନୁରାଗୀ ଗୋ । ୨ ।

(ବୈଷ୍ଣବ ଚରଣ ଦାସ)

ପୌର୍ଣ୍ଣମାସୀ—କାହିଁକି ? ମନା କରୁଛ କାହିଁକି ?

ଶ୍ରୀକୃଷ୍ଣ—(ପୌର୍ଣ୍ଣମାସୀଙ୍କି ଠାରିଦେଲେ ଅଙ୍କ ନମ୍ରେ) କହ ମା !
ପୌର୍ଣ୍ଣମାସୀ—ହେଉ ଭଲକଥା ।

Digitized by PPRACHIN, SOA

ଗୀତ

(ରଣପୁର ରାସ, ନାରୀମଣି ଗିରିଧାରୀ—ପ୍ରତ)

ଅଗୋ ନନ୍ଦରାଣୀ !   କାହିଁକି ଝୁରୁଲେଣି
କରୁଅଛ ଏଥିପାଇଁ ଗୋ ?
ଏ ତ ଭଲ କଥା,   ନିଜ କୁଳ ପନ୍ଥା,
ଗାବକା ଅନ୍ୟ ବୃତ୍ତି ଗୋ ।
ବନେ ଚରିବେ କୃଷ୍ଣଚନ୍ଦ୍ର ।
ହେବ ଗୋପକୁଳର ଆନନ୍ଦ ଗୋ ୧ ।
ଅବର ଦୁସ୍ତର,   ଅପାରୁଁ ଅପାର,
ମଙ୍ଗଳ ହେବ ଯଶୋଦେ ଗୋ ।
କରୁ ଏବେ ଶିକ୍ଷା,   ଗୋଚାରଣ ଦୀକ୍ଷା,
ତୁମ୍ଭ ପୂର୍ବପୁଣ୍ୟ ଉଦେ ଗୋ ।
ନ କର ତାକୁ ବାରଣ ।
କୃଷ୍ଣ କରୁ ସୁଖେ ଗୋଚାରଣ ଗୋ ।୨ ।

(ବୈଷ୍ଣବ ଚରଣ ଦାସ)

ଯଶୋଦା—ମାଆ ! ଆପଣ ମୋ କାହ୍ନାକୁ ସାହା ଭରସା ଥିଲେ, ସେ ଘରେ ଥିଲେ ଯାହା, ବନେ ଥିଲେ ତାହା, ମୋର ଆଉ ଭୟ କାହାକୁ ? ଡର କାହାକୁ ?

ପୌର୍ଣ୍ଣମାସୀ—ଏଥିପାଇଁ ଚିନ୍ତା କରନା ଯଶୋଦେ ! ତୁମ୍ଭ ପୁଅ ଗୋରୁ ଚରା ଶିଖୁ ।

Digitized by PPRACHIN, SOA

ଯଶୋଦା—ଗୋ-ଶାସ୍ତ୍ର ବିଧି ତ ମୋ କାହ୍ନୁ କିଛି ଜାଣେ ନାହିଁ ? କିପରି ବନସ୍ତରେ ଗୋରୁ ରଖିବ ? ଦୁଷ୍ଟବୁଦ୍ଧି ଗାଈମାନଙ୍କୁ କିପରି ସମ୍ଭାଳିବ, କହନ୍ତୁ ବୁଝ ? ମାଆ ଗୋ ! ଏହି ଏକା ମୋର ଭୟ ।

ଗୀତ

(ନବୀନଘନ ଏ କେବେ ନୂହନ୍ତି ମାନବ—ସ୍ୱର)

ଯାହା ମୁଁ କହୁଛି ଏବେ ଶୁଣ ନନ୍ଦରାଣି !
ତୁମ୍ଭ ପୁତ୍ର ବଡ଼ ବୁଦ୍ଧିମନ୍ତ ଅଟେ ପୁଣି । ୧ ।

ଏ ଗୋପପୁରରେ ମହାଶ୍ରେଷ୍ଠ ଗୋବର୍ଦ୍ଧନ ।
ଗୋ-ଶାସ୍ତ୍ର ବିଦ୍ୟାରେ ସେ ଯେ ଅଟଇ ପ୍ରବୀଣ । ୨ ।

ସହଜେ କୃଷ୍ଣର ସେ ଲେଖାରେ ହେବ ଗୁରୁ ।
ସମୟେ ସମୟେ କାହ୍ନୁ ତା ପାଶକୁ ଯାଉଁ । ୩ ।

ଶିକ୍ଷାକରୁ ଗୋରୁଲକ୍ଷଣ ବିଦ୍ୟା ଅଛି ଯେତେ ।
ଏଥିପାଇଁ ଭଲେ ଚିନ୍ତା ନ କର ଲୋ ସତେ । ୪ ।

(ବୈଷ୍ଣବ ଚରଣ ଦାସ)

(ଶ୍ରୀକୃଷ୍ଣଙ୍କ ପ୍ରତି) ବାବାକାହ୍ନୁ ! ଶୁଣ, ତୋତେ ମୁଁ ସଙ୍ଗରେ ନେଇ ଗୋବର୍ଦ୍ଧନମଲ୍ଲ ଘରଠାକୁ ଯିବି, ତାକୁ ବୁଝେଇ ବାଝେଇ କହିବି । ତୋତେ ସେ ମଧ୍ୟ ଅନ୍ତରରେ ଭଲ ପାଏ । ସେ ତୋ ଠେଇଁ କପଟ ନ ରଖି ସବୁ ମରମ ବୁଝେଇ ଦେବ । ଆ ବାପ ! (ଚାଲି ଗଲେ)

Digitized by PPRACHIN, SOA

ଶ୍ରୀକୃଷ୍ଣ—(ଆନନ୍ଦରେ ହସି ହସି ପୌର୍ଣ୍ଣମାସୀଙ୍କ କୋଳକୁ ଗଲେ)

ନନ୍ଦ—ଭଗବତି ! ତେବେ ମୋ ସୁନା ବତ୍ସ ଆପଣଙ୍କୁ ଲାଗିଲା !

ଯଶୋଦା—ଜନନି ! ଏଥର ଏଣିକି ମୁଁ ଅଚିନ୍ତା ହେଲିଟି ?

ପୌର୍ଣ୍ଣ—ହଁ, ମା ନନ୍ଦରାଣି ! ତୁମ୍ଭେ ପିତା, ମାତା ସନ୍ତୁଷ୍ଟ ଥାଅ; କୃଷ୍ଣ କଥା ମୋତେ ଲାଗେ । ନିଶ୍ଚିନ୍ତରେ ଘରେ ଥାଅ । ମଧ୍ୟାହ୍ନ ସମୟ ହେଲେ କୃଷ୍ଣ ହସି ହସି ତୁମ୍ଭ କୋଳକୁ ଆସିବ । (ଶିଶୁମାନଙ୍କ ପ୍ରତି) ଆସରେ ଗୋପ ଶିଶୁମାନେ ! ମୋ ସଙ୍ଗେ ସଙ୍ଗେ ଗୋବର୍ଦ୍ଧନ ଶୃଙ୍ଗ ଧରଟାକୁ ଆସ, ପରେ ବାଛୁରୀ ଚରେଇବାକୁ ଯମୁନା କୂଳକୁ ଯିବ ।

ଶିଶୁଗଣ—(ଆନନ୍ଦମନରେ ହସି ହସି କହୁଲେ) ଚାଲ ମା ! ଚାଲ ।

(ସମସ୍ତଙ୍କ ପ୍ରସ୍ଥାନ)

ନନ୍ଦ—ପ୍ରିୟେ ! କାହ୍ନୁକୁ ତ ଭଗବତୀ ଭାର କାର୍ଯ୍ୟରେ ନେଲେଣି, ଏଣୁ ଚିନ୍ତା ନ କରି ଗୃହକାର୍ଯ୍ୟ କର । ମୁଁ ଗୋଷ୍ଠକୁ ଯାଉଛି ।

(ପ୍ରସ୍ଥାନ)

ଯଶୋଦା—(ସ୍ୱଗତ ଭାବି) ଅହା ! ଧନ ମୋର ପାଣକୁ ଯିବାରୁ ମୋ କୋଳ କେଡ଼େ ଅସୁନ୍ଦର ଦିଶିଲା ତ ! ମୋ କୃଷ୍ଣ-ଚନ୍ଦ୍ର ପରି ମୋତେ ଆଜ କେହୁ ଦଣ୍ଡ ନାହିଁ; କେତେ-ବେଳକୁ ଆସିବଟି ।

Digitized by PPRACHIN, SOA

ଗୀତ

(ନବୀନ ଘନ ଏ କେବେ ନୂତନ୍ତ ମାନବ—ପ୍ରଭ)

ମୋ କୃଷ୍ଣଚନ୍ଦ୍ର ଘର ତ କେହୁ ନ ଦଶନ୍ତି ।
କେତେବେଳକୁ ଆସିବ ମୋ ଭାଲଅଭାଗୀ । ୧ ।

କୋଳରେ ଧଇଲେ ଏବୁ କୁଞ୍ଜେ ଘାଣୋଇବ ।
ଚନ୍ଦ୍ରାମଣି [illegible] ମୋର ନାନ୍ଦ୍ରଘନ ଜଡ଼ । ୨ ।

ଦଣ୍ଡେ ନ ଦେଖି ତ ପିଣ୍ଡେ ପ୍ରାଣ ଅଛୁ ନୂହେ ।
ଏଣିକ ସାସ୍ତ ଦନିଁ [illegible] ପ୍ରାପ୍ୟେ । ୩ ।

ଭଗବତୀ ପୌର୍ଣ୍ଣମାସୀ ଙ୍କର [illegible] ମାନ୍ତ ।
ବନେ ପଠାଇଛି ସିନା ମୁଁ ଅଜଲ ଦୁଃଖିନୀ । ୪ ।

ନୟନ ସଞ୍ଚାଲ ମୋର ଅଙ୍ଗର ଲଜଡ଼ ।
ହୃଦୟ ଚନ୍ଦନ ମୋର ମନ-ରହୁଚେଉ । ୫ ।

କେତେ ଦଣ୍ଡ ଦେବତାଙ୍କ ସେବ ସେବ ମୁହିଁ ।
ବୃତବାଲେ ପାଇଛୁ ମୋ ବାଳଅ କହ୍ନାଇଁ । ୬ ।

ଯେତେ ଦେବାଦେବୀ [illegible] ସଂସାର ମଧ୍ୟରେ ।
ସର୍ବେ ସାହା ହୋଇଥାଅ ମୋ କୃଷ୍ଣକୁ ବାରେ । ୭ ।

ଜନ୍ମଦାତାନଙ୍କୁ ଆଉ ନ ଲୁଚେ ଅଛନ୍ତି ।
ଗଣ୍ଡ୍ର ତପସ୍ୟା ମୋର ମୁଁ ଅଟେ ମନ୍ଦାବଳୀ । ୮ ।

Digitized by PPRACHIN, SOA

ଅଗୋ ମା ସବମଙ୍ଗଳେ ତୁ ଥିବୁ ବରଷା ।
ମୋ ପୁଅଙ୍କୁ ଯେପରି ନ ପଡ଼ୁ ମନ୍ଦଦଶା । ୯ ।

(ବୈଷ୍ଣବ ଚରଣ ଦାସ)

(ଗାଇ ଗାଇ ଯଶୋଦା ରାଣୀ ଅନ୍ତଃପୁରକୁ ପ୍ରସ୍ଥାନ)

ପଟ ପରିବର୍ତ୍ତନ

ପ୍ରଥମ ଅଙ୍କ

ତୃତୀୟ ଦୃଶ୍ୟ

ଗୋପପୁର ପଥ

(ସୁବାହୁ, କକିଣୀ, ଅର୍ଜ୍ଜୁନ, ସ୍ତୋକକୃଷ୍ଣ, ବିଶାଳ, ବିଜୟ
ପ୍ରଭୃତି ଗୋପ ଶିଶୁମାନଙ୍କ ପ୍ରବେଶ)

ଗୀତ

(ଅସ ଭାଇ ଲୁଚକାଳି—ବୁଢ଼େ)

ଚାଲ ଭାଇ ଗୋପଦାଣ୍ଡେ ଖେଳିବା ।
ଖେଳି ଖେଳି ନାଚି ଭଳି ଆନନ୍ଦ ହେବା । ଘୋଷା ।

ଚାଲ ରେ ସକଳେ ଚାଲ,   ଉଛୁର ହେଲାଣି ବେଳ,
ସଙ୍ଗୀଙ୍କି ଡାକି ବାଛୁରି ଚରାଇଯିବା (ଘୋଷା) । ୧ ।

Digitized by PPRACHIN, SOA

କେଣେଗଲ ସେ ଶ୍ରୀଦାମ, ବସୁଦାମ ଅନୁଦାମ;
ଦାମ-ସୁଦାମ-ସୁବଳ କାହିଁଗଲେ କା ? (ସଖା) । ୨ ।

କହ୍ନାଇ ସ୍ୱଭଲ ଭାବ, ସେମାନେ ଗଲେଣି ଛିଡ ?
ଆସ ଅମ୍ଭେ ବଳୀସ୍ୱର ସଙ୍ଗ ଲେଉଡ଼ବା (ସଖା , । ୩ ।

ସେ ତ ବଳାଘର ପୁଅ, ଅଲକ୍ଷୁଆ ଅନ୍ୟେ;
ଅସିବାଃ ବା ନ ଅସିବା ତଥା ଜାଣିବା । ୪ ।

ଏହୁ ତ ସେ ବଳିସ୍ୱର, ଏଣେ ଆସୁଅଛି ଧାଇଁ;
କେଣେଗଲେ ଆଉମାନେ ଅସ ଦେଖିବା । ୫ ।

(ନେପଥ୍ୟରୁ ବଳରାମଙ୍କ ପ୍ରବେଶ)

ବଳରାମ—କି ରେ କି ରେ ସ୍ୱଭମାନେ, ତୁମ୍ଭେତ ପ୍ରାନେ ଅଛ;
ମୁଁ ଖୋଜି ଖୋଜି ବୁଲୁଛି ହୋଇଣ ଭାବା । ୬ ।

ସଖାଗଣ—ଅରେ ବଳୀସ୍ୱର ତୁ ତ, ଏଠାରେ ମିଳିଗଲୁ ତ
କାହ୍ନୁ କାହିଁଗଲା କହ ପାରିବୁ କବା ? । ୭ ।

(ନେପଥ୍ୟରୁ ଶ୍ରୀକୃଷ୍ଣ, ସୁବଳ ବ୍ୟତୀତ ଅନ୍ୟ ସଖାଙ୍କ ପ୍ରବେଶ)

ଦେଖ ଶ୍ରୀଦାମ ସୁଦାମ. ବସୁଦାମ-ଅନୁଦାମ;
ସ୍ୱଭଜଣ ଅସୁଛନ୍ତି କହୁ ତ ସାବାଃ । ୮ ।

ଶ୍ରୀଦାମାଦ—ଅମ୍ଭେ ସ୍ୱଭଜଣ ସିନା, ଅସିଲୁଁ ସୁବଳ, କାହ୍ନା;
ମାତା ବୃନ୍ଦୀ ସଙ୍ଗେ ଗଲେ କେ ଜାଣେ କବା । ୯ ।

ଭାବ ଯେଉଁ ନାଚ ଶୋଭା, ସେ ଏଣେ ଅସୁଛି ଏବା;
ମଧ୍ୟମଙ୍କ କଥା ଯାଏ ଯେ କିଛ ଖୋବା । ୧୦ ।

Digitized by PPRACHIN, SOA

ଖୋଜନ୍ତୁ ଭୁଲୀ ଅଇଚ, ଭୁଞ୍ଜନ୍ତୁ ସାଉ ସାଉଚ,
ସେ ପଣ୍ଡାଗୋଡାକୁ ଅମ୍ଭେ ସଙ୍ଗେ ନ ନେବା । ୧୧ ।

(ନେପଥ୍ୟରୁ ମଧୁମଙ୍ଗଳଙ୍କ ପ୍ରବେଶ)

ମଧୁ—କି ରେ କି ରେ କି ରେ କି ରେ, କି କହୁ ମୋ ନାଠା ରେ;
ତୁମ୍ଭ ଲଡ଼ୁ ଦେଇ କର ଅଭକ୍ଷ୍ୟ ସେବା । ୧୨ ।

ସଖାଗଣ—ତୁ ବ୍ରାହ୍ମଣ ବାଙ୍ଗାଳିଆ, ଅଟୁ ଜାତ ବଣ୍ଡାଳିଆ;
ଥାଉ ଥାଉ ବର୍ଷେ ଥାରେ ତୋର ଭଣ୍ଡୁବା । ୧୩ ।

ନିତ ଖାଉ ଭର ଜାଉ, ଦେଖାଉ ଛୁଞ୍ଚା ଗୁଞ୍ଛୁଣ;
ଅମ୍ଭେ ଜାଣିଛୁଁ ତୋ ଗୁଣ ତୁ ବଡ଼ ଟୋକା । ୧୪ ।

ମଧୁ—ଚିହ୍ନରେ ଭାଣ୍ଡୁଣି ମୋତେ, ଗାଳି ଦେଉଛ ରେ ଏତେ,
ତୁମ୍ଭେ ତ ଗଉଡ଼ଜାତ ମାଡ଼ୁଆ ଟୋକା । ୧୫ ।

ଖୋଜିଦେବ ଘୋଟା କେତେ, ପଳାଇଯିବ କଣ୍ଟିତେ,
ଯମୁନା ଜଳରେ ଯାଇଁ ମାରିବ ବୁଡ଼ା । ୧୬ ।

ସଖାଗଣ—ଦେଖିବା ଦେଖିବା ଭଲ, ତୁ ଛକଡ଼େ ସଙ୍ଗେ ପିଲ,
କି କର ପାରିବୁ ଏକା ଭାଲୁରୁ ବାଦା । ୧୭ ।

ମଧୁ—ଏହୁ ଦେଖ ଧୂଳି ପିଙ୍ଗି, ପଳାଇବ ବାଟ ଲଙ୍ଘି
କାଣିନାହଁ କି ରେ ମୋତେ ମୁଁ ଭ ଖଳବା । ୧୮ ।

(ଏହା କହୁ ଧୂଳି ପିଙ୍ଗି ପଳାଇ ଯିବା ଅବସ୍ଥା)

Digitized by PPRACHIN, SOA

ସଖୀଗଣ—ଦେଖିଲ ସ୍ୱାଇ ! କେମନ୍ତ ଧୂଳିଫିଙ୍ଗି ପଳେଇଲା, ଗୁଲିବଟି, ଗୁଲିବଟି, ତା ଚୂଟି ଧରି ଗୋଟାକେତେ ଛେଚିଦେବା ।

(ସମସ୍ତଙ୍କର ମଧ୍ୟରୁ ଗୋଡ଼ାଇବାଛଳେ ପ୍ରସ୍ଥାନ)

ପଟ୍ଟ ଉତ୍ତୋଳନ

ପ୍ରଥମ ଅଙ୍କ

ଚତୁର୍ଥ ଦୃଶ୍ୟ

ଗୋପଦାଣ୍ଡ କନ୍ଦି

(ତରତରେ ମଧୁମଙ୍ଗଳ ଦଉଡ଼ ଦଉଡ଼ ପ୍ରବେଶ)

ମଧୁମଙ୍ଗଳ—(ସ୍ୱଗତଃ) ଅମ୍ଭେତ ଯଜୁର୍ବେଦୀ ବ୍ରାହ୍ମଣ, ଏ ଗଉଡ଼ ପିଲା ଗୁଡ଼ାକ ଅମ୍ଭ ସଙ୍ଗରେ ବୁଦ୍ଧି ବିଦ୍ୟାରେ କେଉଁଠି ପାରିବେ ଭଲା ? ତେଣେ ତାଙ୍କୁ ବାଟ ଦେଖେଇଦେଇ; ଏଣେ ଫିଟି ଆସିଲୁଁ । ବାଃ, ବାଃ, ଅମ୍ଭଭଳି ମହା କଳା କୌଶଳୀ ଦ୍ୱିଜକୁଳ ତିଳକଙ୍କୁ ଏ ଗାଈଜଗା ପିଲା ଗୁଡ଼ାଏ କଅଣ ପାରିବେ ? ଅମ୍ଭେ ବୁଦ୍ଧି କୌଶଳରେ ଏକାବେଳେକେ ନାସାଗ୍ରଂ କେଶ ପର୍ଯ୍ୟନ୍ତ ଦୂର ମନ୍ଦର ଫଳକଟାଏ କାଟିଦେଇ ଆସି ଏଠାରେ ଉପସ୍ଥିତ ହେଲୁଣି। ସେ ମର୍ଖ ବାଳକ ଗୁଡ଼ାକ ଅମ୍ଭ ଦେହରେ

Digitized by PPRACHIN, SOA

ହାତ ଲଗାଇଦେବେ କଣ ସମ୍ପର୍କରେ ? ଏବେ କେତେ
ଲୋକଙ୍କରେ ଖୋଜୁଥାଆନ୍ତୁ । ଆମ୍ଭେ ଏଣୁ ଗଲ ବାଟ
ବାଟେ ବାଟେ ଆମ୍ଭ ଆଉଙ୍କ ସନ୍ଧାନ ନେବା ।

(ପ୍ରସ୍ଥାନ)

ଷଷ୍ଠ ପରିବର୍ତ୍ତନ

ପ୍ରଥମ ଅଙ୍କ

ପଞ୍ଚମ ଦୃଶ୍ୟ

ଗୋପପୁର ଗୋଦ୍ଧର୍ଗୀ ପଥ

(ବଳରାମ, ଶ୍ରୀଦାମ, ସୁଦାମ ପ୍ରଭୃତି ଗୋପଶିଶୁଙ୍କ ପ୍ରବେଶ)

ଗୀତ

କେଣେଗଲା ସେହି ବ୍ରାହ୍ମଣ ଟୋକା । (ଭୁଲ)
ଆମ୍ଭଙ୍କୁ ତ କରିଦେଲା ରେ ବୋକା । ଘୋଷା ।
ଏ ଅଦ୍ଭୁତ ନାହିଁ,   ଗଲା ପୁଣି କାହିଁ ?
ଦେଖିଲେ ଦେବାରେ ଦସ୍ତୁର ଧକ୍କା । ୧ ।
ବଡ଼ ଚଗଲା ସେ,   ମାରି ବନାଦୋଷେ,
ପଳାଇ ଅସିଲା ନ ହୋଇ ଥକା । ୨ ।

Digitized by PPRACHIN, SOA

ବଳରାମ—ଯେ ବେଳେ ସେ ବେଳେ, ଆସ ଆସ ବୋଲେ,
କାହ୍ନୁକୁ ନ ପାଉ ଲାଗେ ଭାଟବା । ୩ ।
ଶ୍ରୀଦାମ—ସେ ଘର ରେ ଖାଇ, ମୋତେ ଅଛୁ କହୁ,
ଖାଇକି ବୋଧୁବୁ ନ କର ଦଗା । ୪ ।
ସୁଦାମ—ଭଗବତୀ ଆଇ, ନେଇଛୁ କାଖେଇ,
ଗୋଇବ ଅମାକୁ ଅସଲ ପଗୁ । । ୫ ।
ଦାମ—ଯିବୁ ସେଥିପାଇଁ, ମଥୁରା ରେ ଧାଇଁ,
ଖୋଜୁଛୁ ସେପଟ ସେ ଟକେଟବା । ୬ ।
ଅନୁଦାମ—ଆମ୍ଭେ ଗୁଲ ଯିବା, ନଈକୂଳେ ଥିବା,
ବଳେ ଯିବେ କାହ୍ନୁ ସୁବଳ ସଖା । ୭ ।
ସମସ୍ତେ—ତେବେ କାହିଁ ହେଉ, ଯେନ ରେ ବାଛସ,
ଅଡ଼ାଇ ଅଡ଼ାଇ ଏଥୁ ସଲଖା । ୮ ।
(ଆଖର) ଅବଶ୍ୟ କହ୍ନାଇଁ ପଡ଼ିବ ଦେଖା,
ଜଣାଯିବ ମଧ ବେଢ଼େ ଚାରୁଣୀ ।
ଗୁଲ ରେ ଗୁଲ ରେ ଏଥୁ ସଲଖା । ୯ ।

(ସମସ୍ତେ ପାଦ ଛନ୍ଦ ଛନ୍ଦନାଚ ଗାନାଚଳରୁ ପ୍ରସ୍ଥାନ)

(ବୈଷ୍ଣବ ଚରଣ ଦାସ)

ଷଷ୍ଠ ଉତ୍ତୋଳନ ।

Digitized by PPRACHIN, SOA

ପ୍ରଥମ ଅଙ୍କ

ଷଷ୍ଠ ଦୃଶ୍ୟ

ଗୋବର୍ଦ୍ଧନ ମଲ୍ଲ ଗୃହ

(ଶ୍ରୀକୃଷ୍ଣ ସଙ୍ଗେ ସୁବଳଙ୍କ ଘେନି ପୌର୍ଣ୍ଣମାସୀ ପ୍ରବେଶ)

ଗୋବର୍ଦ୍ଧନ—(ଅନ୍ୟଦିଗରୁ ପ୍ରବେଶି)

ଗୀତ

(ଦେଖ ସଖୀ ଲୋ ସୁନ୍ଦର ଅସ୍ତ୍ର ହେଲେ ଦବାଢର—ପଦ)

ଅହୋ କି ଭାଗ୍ୟ ମୋହର, ମୋହନ ଘନସୁନ୍ଦର,
ଭଗବତୀଙ୍କ ଗହଣେ ମୋ ପୁରେ ବିଜେ ।
ଧନ୍ୟ ମୁହିଁ ଧନ୍ୟ ଆଜ, ଗୋପକୁଳ ଯୁବରାଜ ।
ଲେଖାରେଥ ସାନନ୍ଦରେ ମୋର ସହିତେ ।
ଦେଖି ମନ ହୁଏ ଆନନ୍ଦ ।
ଶ୍ରୀକୃଷ୍ଣର ହସ ହସ ମୁଖାରବିନ୍ଦ । ୧ ।

(ବୈଷ୍ଣବ ଚରଣ ଦାସ)

(ପୌର୍ଣ୍ଣମାସୀକି ପ୍ରଣାମ କରି) ଜନନି ! କେଉଁ କାର୍ଯ୍ୟରେ ବିଜେକଲେ ? ମୋ ଗୃହ ଅଦ୍ୟ ପବିତ୍ର ହେଲା ମା ।! କହନ୍ତୁ କି ନିମନ୍ତେ ଆଗମନ ?

Digitized by PPRACHIN, SOA

ପୌର୍ଣ୍ଣମାସୀ—(ହସି ହସି) ବାପ ଗୋବର୍ଦ୍ଧନ ! ରେ ! ଏ ବାଲ୍ୟ-
ଖଣ୍ଡର ମୋତେ ଆଜ ବସେଇ ହଠେଇ ଦେଲୁନାହିଁ ?
ଅସିବା କାରଣ କହୁଚି ଶୁଣ ।

ଗୀତ

(ଏକେତ ଯମୁନା ଜଳ ବହୁଛି ପ୍ରବଳ—ପ୍ରଭ)

ଅରେ ବାପ ଗୋବର୍ଦ୍ଧନ ଶୁଣ ଯା କହଇଁ ।
ନନ୍ଦ ନନ୍ଦନଙ୍କୁ ଅଙ୍କ ପାଇଥିଲି ମୁହିଁ । ୧ ।

ଯଶୋଦାଙ୍କ ପାଶେ କାହ୍ନୁ କରୁଥିଲେ ଅଳି ।
ଗୋପ ଶିଶୁଗଣ ସଙ୍ଗେ ବନେ ଯିବ ବୋଲି । ୨ ।

ବାତ୍ସଲ୍ୟମୟୀ ଜନନୀ ସେ ଯେ ନନ୍ଦରାଣୀ ।
କହୁଥିଲେ ଏହାଙ୍କୁ କହୁ ଧୀର ବାଣୀ । ୩ ।

ଏତ ବଡ଼ ଅମାନିଆ ଅବୁଝା ଗୋପାଳ ।
ଏକଛନ୍ଦ କରି କରେ ମାତାଙ୍କୁ ଜଞ୍ଜାଳ । ୪ ।

ବ୍ୟସ୍ତ ହୋଇ ବ୍ରଜେଶ୍ୱରୀ କହନ୍ତେ ମୋ ଆଗେ ।
ବୁଝାଇଲି ତାହାଙ୍କୁ ମୁଁ ସ୍ନେହ ଅନୁରାଗେ । ୫ ।

ପୁଣି ବୋଇଲେ ଯଶୋଦା ବିନୟରେ ମୋତେ ।
ଗୋ ଶାସ୍ତ୍ର ବିଦ୍ୟା ମୋ କାହ୍ନୁ ନ ଜାଣେ କିଞ୍ଚିତେ । ୬ ।

ମାରଣା ଗାଈମାନଙ୍କୁ କେଉଁକେ ଅଡ଼ାଇବ ?
ମନାକଲି ଯେତେ ନ ବୁଝିଲେ ତ କେଶବ । ୭ ।

Digitized by PPRACHIN, SOA

ତହୁଁ ମୁଁ ବୋଇଲି କିମ୍ପା ଯାତନା ଏଥିକି ?
କୃଷ୍ଣ ଗୋଷ୍ଠରଣେ ବାଧା ହେବ ମୁଁ ଜାଣୁଁଛି । ୮ ।

ଗୋବର୍ଦ୍ଧନ ମଣ୍ଡ ଛ ଏକ୍ଷାର ହେବ ସ୍ମର !
ଗୋ ଶାସ୍ତ୍ର ବଦ୍ୟା ତାଠାରୁ ଶିଖ ଏ କହାଉଁ । ୯ ।

ଶୁଣି ଯଶୋମତୀ ଆଜ୍ଞା ନ ଦେଲେ ଲହର ।
ଘନମତ ହେଲା ବୋଲି ଜାଣିଲି ମାଠର । ୧୦ ।

ତେଣୁକରେଁ ଏ ବାହା (ମୋ) ପଣନ୍ତ ଉତ୍ତାର ।
ଥାପି କରାଇ ନ ଦଏ ବାଧ ବାନ୍ଧ କର । ୧୧ ।

ଏଣୁ ତୋ ପାଖରୁ ବଳ୍ପ ଆସିବଇଁ ମୁହିଁ ।
ତୋ ସାନ ଭ୍ରଇବ ଅଳା ସମ୍ଭାଳ ରେ ତୁହି । ୧୨ ।

(ବୈଷ୍ଣବ ଚରଣ ଦାସ)

(ଶ୍ରୀକୃଷ୍ଣଙ୍କ ପ୍ରତି) କଳାକାହ୍ନୁ ! ଆଉକି କଅଣ ମାଗିବାପାଇଁ ମାଗ, ଲାଜ ଲାଜ କାହୁଁକି ?

ଗୋବର୍ଦ୍ଧନ—(ଶ୍ରୀକୃଷ୍ଣଙ୍କୁ କୋଳକରି) କାହ୍ନୁ ତୋର ସବୁ କୁଶଳ ତ ?

ଶ୍ରୀକୃଷ୍ଣ—(ନମସ୍କାର କରି) ହଁ ସବୁ ଭଲ ।

ଗୋବର୍ଦ୍ଧନ—(ସୁବଳଙ୍କୁ କୋଳକରି) ସୁବଳ ରେ ! ତୋର ସବୁ ଆନନ୍ଦ ତ ?

ସୁବଳ—(ନମସ୍କାର କରି) ହଁ ମୋର ସବୁ ଭଲ, ମାତ୍ର, କାହ୍ନୁ ଲାଗି ମନରେ ଦୁଃଖ ହେଉଛି ।

Digitized by PPRACHIN, SOA

ଗୋବର୍ଦ୍ଧନ—କାହିଁ କି ? କାହାକୁ କଅଣ ଅପୂର୍ବ ଅଛୁ ?

ଶ୍ରୀକୃଷ୍ଣ—ଗୋଶାସ୍ତ୍ର ପୋଥି (ହସି ହସି) ମୋତେ ଦଅ ଭାଇ !

ଗୋବର୍ଦ୍ଧନ—ଏହୁ କଥା ତ ? ଏଥିପାଇଁ ଭାବନା କଅଣ କୃଷ୍ଣ ! ଏ ଘର କଅଣ ତୋର ନୁହେଁ ? ତାହା ଦେବାକୁ ପ୍ରସ୍ତୁତ ଅଛୁ । ଯଦି କହୁବୁ କଂସ କଟକକୁ ନେଇ ତୋତେ ବଡ଼ ଅଧିକାର ଦଆଇ ପାରେଁ । ଏ ଛାର କଥାକୁ ଚିନ୍ତା କଅଣ ଭାଇ ! ମୁଁ ଯେ ମହାଶ୍ରେଷ୍ଠ ପଦ ପାଇଛୁ, ମୁଁ ଅଜ୍ଞ ଶେ ଜୁଅ ଅପଠ କାର୍ଯ୍ୟ କରୁନାହିଁ ଭାଇ ! ସବୁ ମହାଗୋପଙ୍କ ମଧ୍ୟରେ ବର୍ତ୍ତମାନ ପ୍ରଧାନ ହୋଇଛୁ । ଚାଲ ମୋ ସଙ୍ଗେ ତୋ କଂସମାମୁଁଙ୍କଠାରୁ ଶାଢ଼ି ବନ୍ଧାଇ ଦେବ । ଗୋପ ଯୁବରାଜ ପଦ ପାଇ ମହା ଆନନ୍ଦରେ ରହୁବୁ । ପିତା ତ ତୋର ବୃଦ୍ଧ ହେଲେଣି, ଏଣିକି ତୁ ନନ୍ଦଙ୍କ ରାଜକାର୍ଯ୍ୟ ଭାର ବୁଝ୍ ।

ଶ୍ରୀକୃଷ୍ଣ—ନା, ନା, ଭାଇ ! ମୋର ସେ ବଡ଼ପଣ ଦରକାର ନାହିଁ ।

ଗୀତ

(ଅଢ଼େରସିକ ଶେଖର । ଜଣାଉ ଗଲଣି ତୃତୀୟଗୀତ—ପ୍ରଭ)

ଆହେ ଭାଇ ଗୋବର୍ଦ୍ଧନ !
ଲୋଡ଼ାନାହିଁ ମୋର ରାଜକାର୍ଯ୍ୟ ବଡ଼ପଣ ହେ । ପଦ ।

ଅନ୍ୟ ଗୋପାଳ ବୃତ୍ତି ମୁଁ ଶିଖିବଇଁ ଭଲେ ।
ଗୋଶାସ୍ତ୍ର ପୋଥିଟି ମୋତେ ଦଅନ୍ତୁ ଚଞ୍ଚଳେ ହେ । ୧ ।

Digitized by PPRACHIN, SOA

ଶିଖାଇଦଅ ସକଳ ମଧୁପ ତାହାର ।
ତେବେ ସିନା ଗୁଣଗଣ ଜାଣିବ ଭ୍ରମରବର । ୨ ।

(ବୈଷ୍ଣବ ଚରଣ ଦାସ)

ଗୋବର୍ଦ୍ଧନ—ତେବେ ଥରେ କଂସରଜାଙ୍କ ସ୍ଥମୂରେ ଦେଖା କରେଇବ ।

ପୌର୍ଣ୍ଣମାସୀ—ବାବୁ ଗୋବର୍ଦ୍ଧନ ! ସେ କଂସ ରଜା କଥାରୁ କ ମିଳବ ? ଭଲ ତୋର ଯାହା ମାଗିବାକୁ ଅଛି ତାକୁ ତାହା ଦିଏ । କଷ୍ଟ କରନା, କୃଷ୍ଣଠାରେ ତ ତୋର ଅତି ସ୍ନେହ, ତାର ପଦ୍ମ କମ୍ଳେହ ବଳୁଛି ସେହି ଗୋଷ୍ଠ୍ଯ ଶ୍ରେଣ୍ଡି ଦେ ।

ଗୋବର୍ଦ୍ଧନ—ଭଲ କଥା, ମାଉ ମୋତେ ଗୋପେଶ୍ୱର ମହାଦେବଙ୍କର ଆଜ୍ଞା ହୋଇଛି, ଏ ଶାସ୍ ଦେହ ଶୁଣିବେ ନାହିଁ । ତେଣୁ ଗୋପନଗ୍ରେ ରଖିଛି । ଶ୍ରେନୁ ନନ୍ଦ ରଜାଙ୍କ ପଡ଼ଠାରେ ଗୋପନ କହିବା ମୋର ଉଚିତ ନୁହେଁ, ନଷ୍ଟପ୍ତୁ ଦେବ ।

ଶ୍ରୀକୃଷ୍ଣ—ଭଲ ! ଚଞ୍ଚଳ ମୋତେ ଗୋଶାସ୍ତ୍ର ଦିଅ ।

ଗୋବର୍ଦ୍ଧନ—(ଆନନ୍ଦମନେ)

ଗୀତ

(ଶୁଣ ଶୁଣ ଅମ୍ଭିକେ ଗୋ !—ପ୍ରଭ)

ଗୋପେଶ୍ୱର ଶିବଙ୍କର ହୋଇଛି ଆଦେଶ ।
ତୋତେ ଦେବାପାଇଁ କାହ୍ନୁ ଗୋଶାସ୍ତ୍ର ରହସ୍ୟ । ୧ ।

Digitized by PPRACHIN, SOA

ସ୍ୱପ୍ନେ କହୁଛନ୍ତି ମୋତେ ପ୍ରଭୁ ସନାତନ ।
ସେକାଳେ ମାଗିବେ ଶାସ୍ତ୍ର ଶ୍ରୀନନ୍ଦନନ୍ଦନ । ୨ ।

ସନ୍ତୋଷ ହୋଇଣ ଦେବୁ ଅକପଟ ମନେ ।
ଭାବୁଥିଲି କେବେ କୃଷ୍ଣ ଆସିବେ ଏସ୍ଥାନେ । ୩ ।

ଆଜ ଭଲଯୋଗେ କୃଷ୍ଣ ଆସିଅଛ, ତୁହ୍ନ ।
ଏବେ ଯାଉଛି ଗୋଗ୍ରନ୍ଥ ଆଣି ଦେବାପାଇଁ । ୪ ।

(ପ୍ରସ୍ଥାନ)

ସୁବଳ—(ହସି ହସି) ଭାଇ କାହ୍ନୁ ! ମୋତେ ଗୋଟିଏ କ ଯୋଡ଼ିଏ ସେ ମନ୍ତ୍ରକୁ ଶିଖେଇଦବୁ ନା ? (ଆଲିଙ୍ଗନ କଲେ)

ଶ୍ରୀକୃଷ୍ଣ—(ପ୍ରତ୍ୟାଲିଙ୍ଗନ କରି) ହଁ ଭାଇ ! ଶିଖେଇ ଦେବି । ମୁଁ ଆଗେ ଶିଖିସାରେଁ, ତୋତେ ସବୁ ମନ୍ତ୍ର, ଯନ୍ତ୍ର କହିଦେବି । ତୁଠ ମୋର ଦେହ, ତୁଠ ମୋର ପ୍ରାଣ, ତୋତେ ନ ଦେବି ତ ଆଉ କାହାକୁ ଦେବି ? ଗୋବର୍ଦ୍ଧନ ଭାଇ ଆଗେ ଆଣନ୍ତୁ, ବହି ସମ୍ଭାଳ ।

ପୌର୍ଣ୍ଣମାସୀ—(ସ୍ୱଗତଃ) ଆହା ! ଏ ଦୁହିଙ୍କର କି ଅକୃତ୍ରିମ ସ୍ନେହ !

ଗୋବର୍ଦ୍ଧନ—(ଗୋଗ୍ରନ୍ଥ ଘେନି ପ୍ରବେଶ ହୋଇ) କୃଷ୍ଣ ରେ ! ଏହି ନେ, ନେ, ଏ ଶାସ୍ତ୍ରରେ ଯାହା ଯାହା ଅଛି ତା ସବୁ ଦେଖିସାରି ପରେ ଯେଉଁଠାରେ ତୋର ସନ୍ଦେହ ହେବ, ମୋତେ କହିବୁ, ମୁଁ ଭଲରୂପେ ବୁଝାଇଦେବି ।

ଶ୍ରୀକୃଷ୍ଣ—(ପୁସ୍ତକ ଗ୍ରହଣ କରି) ଭାଇ ! ତେବେ ଆମେ ବିଦାୟ ହେଉଁ ।

Digitized by PPRACHIN, SOA

ଗୋବର୍ଦ୍ଧନ—ନା, ନା, ସ୍ୱର ଏତେବେଳେ ମୁଁ କପର ଗୃହ ଛାଡ଼ିଦେବ ? ନୂଆ ବୋହୂ ମୋ ଘରକୁ ଆସିଛି, ତୋର ଚର୍ଚ୍ଚା ନ କରି ଛାଡ଼ିଲେ ବ୍ରଜବାସୀ କଅଣ ମନେ କରିବେ ? ଅଜ ତୁମ୍ଭ ଜନନୀ କଅଣ ବକ୍ଷୁରିବେ ? ବର୍ତ୍ତମାନ ମୋ ହୃଦୟରେ ମୂର୍ତ୍ତିଏ ଖାଦ୍ୟାର ଭୋଜନକର ଯାଅ ।

ଗୀତ

(ମାଧବୀ ଫୁଲକୁ ଦେଖି ଗୋ ବଖାଣେ—ସ୍ୱର)

ଅଗୋ ପ୍ରିୟେ ପ୍ରୁଣ,　　　　ଏ ବ୍ରଜନନ୍ଦନ,
ଅନ୍ତ ତୁମ୍ଭ ଦେବର ଗୋ ।
ବନ୍ଦାପନା କରି;　　　　ନାଅ ଗୋ ଆଦରି,
କଷ୍ଟରେ ଲଜ୍ଜା ନ କର ଗୋ ।
ମଣୋଜ୍ଞ ବସ୍ତ୍ର ସାର ।
ସୁଖେ ଛାଡ଼ିବଟି ପ୍ରାଣେଶ୍ୱରୀ ଗୋ । ୧ ।
ଦେଖୁଛ ଜହ୍ନୁର,　　　　ବ୍ରହ୍ମଚର୍ଯ୍ୟ ମୋର,
ଯାଉଛୁ ମଧୁବନେ ଗୋ ।
ଏ କୃଷ୍ଣ, ସୁବଳ,　　　　ଲାଗିଲେ ତୁମ୍ଭଙ୍କ,
କଷ୍ଟ ନ ବସ୍ତୁର ମନେ ଗୋ ।
ଚରିତ୍ର ମନ ଜାଣି ।
ଯେତେକ ନୋହିବ ମର୍ଯ୍ୟାଦା ହାନି ଗୋ । ୨ ।

(ବୈଷ୍ଣବ ଚରଣ ଦାସ)

Digitized by PPRACHIN, SOA

ପୌର୍ଣ୍ଣମାସୀ—(ଶ୍ରୀକୃଷ୍ଣଙ୍କ ପ୍ରତି ହସି ହସି) କଳାକହ୍ନୁ ! ତୁମ୍ଭ ଭାଇଙ୍କର କେଡ଼େ ଆଦର ଦେଖିଲ ତ ?

ଶ୍ରୀକୃଷ୍ଣ—(ମନ୍ଦହାସରେ) ହଁ ଅଇ । ଗୋବର୍ଦ୍ଧନଭାଇ ମୋତେ ବଡ଼ ଭଲ ପାଆନ୍ତି ଶୁଣିଥିଲି, ଏବେ ସବୁ ଅନୁଭବ କଲି, ଯାହାହେଉ ଭାଇଙ୍କର ଏହି ଦୟା ଥାଉ ।

ଗୋବର୍ଦ୍ଧନ—(ନେପଥ୍ୟକୁ ଚାହିଁ କହିଲେ) ପ୍ରିୟେ ! ତାହାକୁ କିଆଁ କହୁଛ, ଭଏ କଅଣ ? କୃଷ୍ଣ ତ ପର ନୁହେ, ଏଣେ ମୋର ଭାଇ; ପୁଣି ଗୋପରାଜ ନନ୍ଦଙ୍କ ପୁଅ । ଏହାକୁ ତୁମ୍ଭର ଲଜ୍ଜା କରିବା ଅନୁଚିତ, ଆସ, ଚଞ୍ଚଳ ଆସ ରନ୍ଧାଇ ନିଅ, (ପୌର୍ଣ୍ଣମାସୀଙ୍କୁ) ମା ! ମୁଁ ମଥୁରା ଯିବାକୁ ଡେରି ହେଉଛି, ଆପଣ ତ ଅଛନ୍ତି, ସବୁ ଚିନ୍ତା ନେବେ ମୁଁ ଯାଉଛି ।

ପୌର୍ଣ୍ଣମାସୀ—ହଁ ଯାଅ ବାପ ! ତୋତେ ବେଳ ଡେରି ହେଉଛି ଯାଅ ।

ଗୋବର୍ଦ୍ଧନ—(ପ୍ରଣାମ ସହିତ କହିଲେ) ଭଗବତି ! କାହ୍ନୁକୁ ସମୟେ ସମୟେ ମୋ ଘରଠାକୁ ଆଣୁଥିବେ ।
(ଶ୍ରୀକୃଷ୍ଣଙ୍କୁ ଓ ସୁବଳଙ୍କୁ କୋଳକରି) ଥାଅ ! ମୁଁ ଗଲି ।

ଶ୍ରୀକୃଷ୍ଣ }
ସୁବଳ } —(ହସି ହସି ଆନନ୍ଦମନେ) ଯାଅ ଭାଇ ! କଂସ ମାମୁଁଙ୍କୁ ଆମ୍ଭର ପ୍ରଣାମ ଜଣାଇ ଆସିବ ।

ଗୋବର୍ଦ୍ଧନ—ହଁ ଭାଇ !

(ପ୍ରସ୍ଥାନ)

ନେପଥ୍ୟେ—(ହୁଳହୁଳି ଧ୍ୱନି)

Digitized by PPRACHIN, SOA

ପୌର୍ଣ୍ଣମାସୀ—(ଶ୍ରୀକୃଷ୍ଣଙ୍କ ପ୍ରତି) ଘନସୁନ୍ଦର ! ଏଣେ ଚାହିଁଲଣି ! ତୁମ୍ଭ ସ୍ୱଜନ କେଡ଼େ ଶ୍ରଦ୍ଧାରେ ତୁମ୍ଭଙ୍କୁ ବନ୍ଦାପନା କରିବାକୁ ଅର୍ଘ୍ୟଥାଳ ସଜାଡ଼ି ସଖୀମାନଙ୍କୁ ଘେନି ଆସୁଛି ଚାହାଁ ।

ଗୀତ

(ଚାହାଁ ଅଭିନବ ସୁକୁମାରୀ—ପ୍ରତି)

ଚାହଁ ଚାହଁ ଅହେ ବନମାଳି !
ସଖୀ ସଙ୍ଗେ କେଡ଼େ ଶୋଭା ଧରେ ଚନ୍ଦ୍ରାବଳୀ । ପଦ ।
ସଜାଡ଼ି ଅର୍ଘ୍ୟଥାଳ, ପଢ଼ାଇଣ ଫୁଲଫୁଲ ।
ଆସୁଛନ୍ତି ଚଳ ଚଳ ସଖୀଗଣ ମିଳି । ୧ ।

(ବୈଷ୍ଣବ ଚରଣ ଦାସ)

ଶ୍ରୀକୃଷ୍ଣ } ସୁବଳ } —(ମନ୍ଦହାସରେ ନେତ୍ରଦ୍ୱାରା ଠରାଠରି ହେଲେ)

(ଚନ୍ଦ୍ରାବଳୀ, ଶୈବ୍ୟା, ପଦ୍ମା, ଭଦ୍ରା, ଶ୍ୟାମଳାଙ୍କ ସଙ୍ଗେ ଅର୍ଘ୍ୟଥାଳି ହସ୍ତେ ମନ୍ଦ ମନ୍ଦ ହସି ପ୍ରବେଶ ଓ ପୌର୍ଣ୍ଣମାସୀଙ୍କ ଚରଣ ତଳେ ପ୍ରଣାମ କରିବା ଅନନ୍ତର)

ଶୈବ୍ୟା—(ଚନ୍ଦ୍ରାବଳୀଙ୍କ ପ୍ରତି) ହଇ ଗୋ ! ବନ୍ଦାପନା କରିବାକୁ ଆସି ପୁଣି ଏତେ ଲାଜ ବାଢ଼ୁଁଛମ ?

Digitized by PPRACHIN, SOA

ପଦ୍ମା—(ହସି ହସି) ଉଠିବ ବୋଲି, ପାଶକୁ ଅସିବାକୁ ଲାଜ ଲାଗୁଛି ଗୋ !

ଭଦ୍ରା—(ହସି ହସି) ଏ ଛନ୍ଦକପଟ ଛାଡ଼, ଚଞ୍ଚଳ ଅସି ବନ୍ଦାଅ

ଶ୍ୟାମଳା—(ହସି ହସି) ଅଗୋ ! ଅଞ୍ଚଳ ଝିଙ୍କାଙ୍କୁ ବିଶ୍ୱାସ ନାହିଁ ଯେ, କାଳେ ଧରି ପକାଇବେ, ଏଣୁ ପ୍ରିୟସଖୀ ଆମର ଲାଜ-ସଙ୍ଗରେ ଭୟ କରୁଛନ୍ତି ଗୋ, ଭଦ୍ରେ ! ଜାଣିପାରୁ ନାହିଁ କି ?

ପୌର୍ଣ୍ଣମାସୀ—(ଚନ୍ଦ୍ରାବଳୀଙ୍କ ପ୍ରତି) ଧନମାଳି ! ତୁ ପଣ୍ଡି ନ ପଡ଼ି ଭୁଲିଲୁ ? ଏ ନପଡ଼ି ଭୁଲିଲ ତ ତୋର ପରିହାସର ପାତ୍ର ହୋଇଛନ୍ତି, ଇଚ୍ଛାସୁଖେ ଅସି ବନ୍ଦାଅ,ଲାଜ କାହିଁକି ?

ଚନ୍ଦ୍ରାବଳୀ—(ଅର୍ଘ୍ୟଥାଳି ଧରି ଶ୍ରୀକୃଷ୍ଣଙ୍କ ବନ୍ଦାଇଲେ)

ସଖୀଗଣ—(ଆନନ୍ଦରେ ହୁଳହୁଳି ପକାଇବା ଅବସ୍ଥା)

ଶ୍ରୀକୃଷ୍ଣ
ସୁବଳ } —(କଣ୍ଠରେ ହସ୍ତ ଦେଇ ହୋଇ ବନ୍ଧୁଥିବା)

ପୌର୍ଣ୍ଣମାସୀ—(ସ୍ୱଗତଃ) ଅହା ! ଧନ୍ୟ ଆଜି ମୋ ନେତ୍ର ପବିତ୍ର ହେଲା, ବହୁଦିନର ଅଭିଳାଷ ମୋର ପୂର୍ଣ୍ଣ ହେଲା ! କୃଷ୍ଣ-ଚନ୍ଦ୍ରାବଳୀଙ୍କ ନେତ୍ର ମିଳନ କି ସୁନ୍ଦର ଦୃଶ୍ୟ ! (ନେତ୍ର ପ୍ରତି) ନୟନ ! ଅଉ ଏ କୁଞ୍ଜ ଲୀଳା କେବେ ଦେଖିବୁ ?

ଚନ୍ଦ୍ରାବଳୀ—(ବନ୍ଦାପନା ଅନ୍ତେ ଶେଷରେ ଶ୍ରୀକୃଷ୍ଣଙ୍କ କଟାକ୍ଷ ନୟନରେ ଚାହିଁ ମନ୍ଦ ମନ୍ଦ ହସିବା ଅବସ୍ଥା)

Digitized by PPRACHIN, SOA

ଦୃଶ୍ୟ—(ଚନ୍ଦ୍ରାବଳୀଙ୍କ ଅନ୍ତଃପୁର ବାଜନସ୍ୱନ କୋଷ୍ଠରେ ସୂକ୍ଷ୍ମ
ମନ୍ଦ ମନ୍ଦ ଶୁଭୁଥିବା)

ସଖୀଗଣ—(ଆନନ୍ଦମନେ)

ଗୀତ

(ମାଧୁର୍ଯ୍ୟ ରେ ମାଧୁର୍ଯ୍ୟ—ପ୍ରଭ)

ଅହା କି ସୁନ୍ଦର ସଖି ! ଦେଖ ଗୋ ନିରେଖି ।
ଆଖିରେ ଆଖି କି ପ୍ରେମେ ଯାଉଅଛି ଲାଖି ।
ସଖି ! ଦେଖ ଗୋ ନିରେଖି । ଘୋଷା ।

ଚେରକି ଚାହାଁଣି ସଙ୍ଗେ ଭ୍ରୂଲତା ବିଳାସ ।
ମଧୁର ଅଧରେ ଦେଖ କି ମଧୁର ହାସ । ୧ ।
ଅନ୍ତରେ ଅନ୍ତର ହେଳାସର ମିଶାମିଶି ।
ମନ୍ତର ମୂରତ ଦୁହେଁ ଯାଉଛନ୍ତି ଦିଶି । ୨ ।
ଅଙ୍କ ଶ୍ୟାମ ଚନ୍ଦ୍ରାଙ୍କର ନୟନ ମିଳନ ।
କି ସୁନ୍ଦରମାନେ ସଖି ! ଏ ତନୁ ଲାବଣ୍ୟ । ୩ ।

(ସଖିଗଣ ସୁମଧୁର ସ୍ୱରେ ଗାନ ସହିତ ନୃତ୍ୟ ସମନ୍ୱେ)
ପରଦା ପତନ

Digitized by PPRACHIN, SOA

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

କାମ୍ୟବନ ପଥ

(ଯୋଗମାୟା ପୌର୍ଣ୍ଣମାସୀଙ୍କ ସଙ୍ଗେ ବନଦେବୀ ବୃନ୍ଦାଙ୍କ ପ୍ରବେଶ)

ପୌର୍ଣ୍ଣମାସୀ—(ସହାସ୍ୟ ବଦନେ) ବୃନ୍ଦେ ! ନନ୍ଦନନ୍ଦନଙ୍କ ମନୋଗତ ଭାବ କଅଣ ବୁଝି ପାରୁଛ ?

ବୃନ୍ଦା—(ହସି ହସି ସଲଜ୍ଜେ) ଭଗବତି ! ଅତି ଅପୂର୍ବ ଭାବ ଦେଖୁଛି ।

ପୌର୍ଣ୍ଣମାସୀ—କପର, କହିଲ ବଳ ?

ବୃନ୍ଦା—କହୁଛି ଶୁଣନ୍ତୁ ।

ଗୀତ

(ବରଜବନ୍ଧୁ ହେ ପଲ୍ଲୁର ଯାହା—ଝମ୍ପ)

ଅଗୋ ଭଗବତି ଜଗତଜନନି ! ଯାହା ଦେଖୁଛି ସେ ଅପୂର୍ବ ବାଣୀ ।
ଯେଣେ ବନକୁ କିଶୋର ବୟସ । ସେ ଭଞ୍ଜନ ଅଙ୍ଗେ ଭଙ୍ଗ ବିଳାସ ।
ଛାଇର ଅତି ଉଦାର ଗୋ !

Digitized by PPRACHIN, SOA

କେୟୂର କଙ୍କଣ　　　　ଆଦ ଅଲଙ୍କାରେ
ହୋଇ ସଜ୍ଜିତେ ଅଧର ଗୋ । ୧ ।

କଟି ହେଲଣି ଅତେବେକ ସରୁ । ଘଣ୍ଟି ଲଗାନ୍ତେ ତନୁ ଫଳ ଗୁରୁ ।
ତଟିନୀତଟ ଭ୍ରମଣରେ ମନ । ଲୁଟି କରନ୍ତ ବସେ ମନ ଧନ ଗୋ ।
ଚହିବେ ନୂତନ ଭଙ୍ଗୀ ଗୋ ।

କୋଟି କୋଟି ନାରୀ　　　　ନୟନ ଖଞ୍ଜନ
ପଞ୍ଜରୀ ସେ ନବରଙ୍ଗୀ ଗୋ । ୨ ।

ମନେ ହସିବା କହିବା ଚାତୁରୀ । ଛନ୍ଦେ ସେ ସୁନ୍ଦରୀ ଧୈର୍ଯ୍ୟ କଣ୍ଟୁରୀ ।
କୁନ୍ଦେ କୁନ୍ଦଳାପର ଲଜ୍ଜ ଦୁଇ । ବନ୍ଦେ ବାସୁକୀ ସୁବଳ ନ ଚହିଁ ଗୋ ।
ନନ୍ଦେ ସ୍ୱର୍ଣ୍ଣ ଗଣେଶ ଗୋ ।

କୁନ୍ଦେ କି ବନ୍ଧୁ　　　　ଗଢ଼ିଛୁ ଗଣ୍ଡଦେଶ
ମନକୁ ଦେଉଛୁ ତ୍ରାସ ଗୋ । ୩ ।

ନର ଗନ୍ଧର୍ବ ନାରୀ ପୁରୁଷର । ଯାର ଶୋଭା ଚାରୁ ଏକ ଶରୀର ।
ତାର ରୂପ ଦେଖି କେ ବଶ ନୋହେ । ଯାର ନାରୀ ମଣିବ ହେବାମୋହେ ।
ଜାର ପୁରୁଷ ସେ ବ୍ରଜେ ଗୋ ।

ହାର ମଣି ତାକୁ　　　　ଲୋଚନେ ଦେଖନ୍ତି
କି ଉପମା ଦେବ ମୁଁ ଯେ ଗୋ । ୪ ।

ରୂପର ପର ଗମ୍ଭୀର ଗମନ । ଦୃଷ୍ଟ ସ୍ମିତ ବାଙ୍କେ ବିଲୋକନ ।
କି ସନ୍ଧିକ ହୋଇ ଗଲା ଚାତୁରୀ । ବଶ ନୋହୁବ ଦେଖି କେ ଚତୁରୀ ।
ରସରାଜ ମୂର୍ତ୍ତି ହର ଗୋ ।

Digitized by PPRACHIN, SOA

ଦଶ ସହସ୍ର ମୁଖ   ଭବ ହୋଇଲେ
ସେ ଭଙ୍ଗୀ ନ ବର୍ଣ୍ଣିପାରୁ ଗୋ । ୫ ।

ସାଲ ପ୍ରକାଣ୍ଡ ନ ଜଘନ ମୂଲ । ଅଳପ ଅରକ୍ତ ସ୍ତବ ସେ ମାଳ ।
କୁଳକଢ଼ା ଗୋପୀ କଳପତରୁ । ବେଳକୁବେଳ ତ ହୋଇଲେ ସ୍ଥୂଳ ।
ତାଲ ଫଳବତ ଜାନୁ ଗୋ ।

ମାଳ ଅବଧିରେ   ଅତି ଶୋଭା ଧରେ
ଦେଖି କେ ପାଶୋରେ ମନୁ ଗୋ । ୬ ।

କୃପଣ ଧନପ୍ରାପ୍ତେ ଯତ୍ନନନ । ଦର୍ପଣେ ଦେଖୁଁ ଅତି କମ୍ପମାନ ।
ଅର୍ପଣ ଚୁମ୍ବନ କରିବା ଲୋଭ । ଦର୍ପକ ବାଣରେ ପାଇଣ କ୍ଷୋଭ ।
ସର୍ପ କି କୁଣ୍ଡ ମାଧୁରୀ ଗୋ ।

ତର୍ପଣ କରୁ ଦକ୍ଷି   ଦୁଗ୍ଧ ସ୍ତନେଣ
ପାତ୍ରରେ ଦଂଶେ କି କରୁ ଗୋ । ୭ ।

ବାଠ ନଦୀ ଘାଠ କୁଞ୍ଜ କୁଟୀରେ । କଠ କପଟେ ଥାନ୍ତି ଗୁପତରେ ।
ହାଠକଅଙ୍ଗୀମାନଙ୍କୁ ଯେ ଭେଟି । ଲଠ ଲଗାନ୍ତି କରୁ ବଠାବଟି ।
ହଠକୁ କାହିଁ ପେଷନ୍ତି ଗୋ ।

ହଠହଠା ଗୋପ   ଯଉବନାଙ୍କର
ବୃନ୍ଦାବ ବିନା ହସନ୍ତି ଗୋ । ୮ ।

(୬ କବିସୂର୍ଯ୍ୟ ବ୍ରହ୍ମା)

Digitized by PPRACHIN, SOA

ପୌର୍ଣ୍ଣମାସୀ—ବତ୍ସେ ! ଚାଲ ହୋଇଛୁ, ଚାଲ ସେ ଘନସୁନ୍ଦରଙ୍କୁ ମୁଁ ଗୋଟିଏ ମନ୍ତ୍ର ଦେବି, ଯେପରି ମନ୍ତ୍ର ପଢ଼ି ବଂଶୀ ବଜାଇଲାମାତ୍ରେ କୁଳସ୍ତ୍ରୀମାନେ ଶୁଣି ଉନ୍ମନା ହେବେ ।

(ଦୁହିଁଙ୍କ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

ଦ୍ୱିତୀୟ ଅଙ୍କ

ଦ୍ୱିତୀୟ ଦୃଶ୍ୟ

ଗୋବର୍ଦ୍ଧନ ମଲ୍ଲ କକ୍ଷ

(ଜଟିଳା ଓ ଗୋବର୍ଦ୍ଧନ ମଲ୍ଲଙ୍କ ପ୍ରବେଶ)

ଗୋବର୍ଦ୍ଧନ—ଜନନି ! ମୁଁ ଶୁଣିପାରୁଛି କୃଷ୍ଣ ଯମୁନାକୂଳରେ ବାଟଘାଟ ଜଗି କୁଳଯୁବତୀମାନଙ୍କୁ ବଡ଼ ହଇରାଣ କରୁଛି ତୁମ୍ଭ ବଧୂକୁ ଏବେ ଅଟକ କର । ଆଜି ଯେବେ କଥାବାର୍ତ୍ତା ହେଉଥିଲେ ଗୋବର୍ଦ୍ଧନ ଗିରିତଳେ କେତେଜଣ ଯୁବା-ସ୍ତ୍ରୀଙ୍କି ବାଟ ଅଗୋଳି ନନ୍ଦ ପୁତ୍ରରେ ହଟହଟା କରୁଥିଲା ।

ଜଟିଳା—ମୁଁ ଏଥିପାଇଁ କଅଣ କରିବି ? ତୋ ଘରଣୀକୁ ତୁ ଅଟକି ରଖ, ନଇଲେ ଲୋକହସାରେ ପଡ଼ିବା ।

ଗୋବର୍ଦ୍ଧନ—ମୁଁ ତ ଅଟକ କରିବି, କିନ୍ତୁ ତୁମ୍ଭେମାନେ ତାକୁ ଏହୁ କଥା ନିଷେଧ କର, ଯେପରି ସେ ଏକାହୋଇ ବାହୁଁ

Digitized by PPRACHIN, SOA

ନ ଯିବ । ସେ ଦୁଷ୍ଟ ଚୋରାଖା ଦେଖନ୍ତୁ ଆଉ ଚାହିଁ
ରହିବ ନାହିଁ, ଚେଲକୁଦେଲ ଅତଏବ ଦୁଷ୍ଟାମି କଲ ।
ବିଶ୍ୱାସଘାତ ଚଲଚଥା ମନରୁ ଯାଉନାହିଁ ।

ଗୀତ

(ରାଧା ଗୋବିନ୍ଦ ଲୀଳା ଅମୃତେ ସୁଖ ଖେଳା—ବୃତ)

କଳା ପର୍ବତ ତଳେ, କଳାବତୀକି କୋଳେ,
କଳା କଳାକୁ ଝଗ୍ଡରେଇ ।
ବଧୂ ଭାବିଁ ନ ଯାଉ, ବନ୍ଧୁ ବୋଲଣା ନୋହୁ,
ବଦ୍ଦୁଲା ବନ ଅଛନ୍ତି ରେ ଗୋ । ଜନନି ! ॥
ହରି ଦେଖିଲେ ହରି, ହରି ନେବଟି ଧରି,
ହରିବଟୀକ ମନାକର ।
ହରିସୁତା ନିକଟେ, ହରି ସେ ସବୁ ଘାଟେ,
ହରି ବଦନଟି ଆହାର ଗୋ । ଜନନି ! ॥
ମଧୁର ସଙ୍ଗ ସେବେ, ମଧୁର ରସେ ମତ୍ତେ,
ମଧୁପ ତବ ଆଚରଣ ।
ମଧୁ ଖାଉଛି ତଳେ, ମଧୁସୂଦନ ଡାଳେ,
ମଧୁ ତବ ଗଣ୍ଡ ଷଣ୍ଢଣି ଗୋ । ଜନନି ! ॥
ଶିବ ଜଲେ ଅଶିବ, ଶିବ ମୁଖ ଅଶିବ,
ଶିବ ଘର ଛ ଗୋ ନୟନ ।

Digitized by PPRACHIN, SOA

ଶିବଲୋକେ ତା କାଯ୍ୟ, ଶିବଯଗ୍ୟ ମୋ ଦେହ,
ଶିବା ମୋଠାରେ ସୁପ୍ରସନ୍ନ ଗୋ । ଜନନି ! ॥

ବଳାଇ ନଦେ ମନ, ବଳାଭୂଷା ନୟନ,
ବଳାହକରେ ସେ ନ ଦେଖ ।

ବଳାଅପର୍ବ ଏ ଯେ, ବଳାଛାର ସହକେ,
ବଳାଇ ସ୍ମର ସେ ନ ଦେଖ ଗୋ । ଜନନି ! ॥

ସାରଙ୍ଗ ତନୁ ତଳେ, ସାରଙ୍ଗଧର ହେଲେ,
ସାରଙ୍ଗମୂର୍ତ୍ତୀ ଦେଖାଇଛି ।

ସାରଙ୍ଗ ସାରଙ୍ଗରେ, ସାରଙ୍ଗ ସାରଙ୍ଗରେ;
ସାରଙ୍ଗ ସାରଙ୍ଗ ଦଅଇଛି ଗୋ । ଜନନି ! ॥

(୬ ଭବିସୂର୍ଯ ବ୍ରହ୍ମା)

ଚନ୍ଦ୍ରାବଳୀ(ନେପଥ୍ୟରେ ବହୁ ଶୁଣି ଶୁଣି ଥର କଠିଳକୁ ସ୍ମରଣ କହୁଲେ)
ହା ପ୍ରଭୁ ! ଏ ଦାସୀପ୍ରତି ଇଏ କି ଦଣ୍ଡ ଦେଉଛ ?

ଜଟିଳା—ବାପ ଗୋବର୍ଦ୍ଧ ରେ ! ଶୁଲ ଏଥିର ଉପାୟ କରବା ।

(ଦୁହେଁ ପ୍ରସ୍ଥାନ)

ପଞ୍ଚ ପରିବର୍ତ୍ତନ

Digitized by PPRACHIN, SOA

ଦ୍ୱିତୀୟ ଅଙ୍କ

ତୃତୀୟ ଦୃଶ୍ୟ

କେଳି କଦମ୍ବମୂଳ

(ଶ୍ରୀକୃଷ୍ଣ ବିରସ ବଦନେ ଦଣ୍ଡାୟମାନ
ବୃନ୍ଦାଙ୍କୁ ଦେଖ ଭଗବତୀପୌର୍ଣ୍ଣମାସୀଙ୍କ ପ୍ରବେଶ)

ପୌର୍ଣ୍ଣମାସୀ—(ଶ୍ରୀକୃଷ୍ଣଙ୍କୁ ଅଣ୍ଡିଶି ଅଣ୍ଡିଶି) କଳାଚାନ୍ଦ ! ତୁମ୍ଭର ଏ ବିରସ ବଦନ କାହିଁକି ?

ଗୀତ

(ଅଗୋ ଭଗବତୀ ଜଗଜ୍ଜନନୀ—ପ୍ରଭୃ)

ଘେନ କଳାଚାନ୍ଦ ! ଘରବରଜ !
ମନରେ କାହିଁକି ନାହିଁ ପ୍ରସନ୍ନ ?
ଆନନ କଥା ହୋଇଛି ମଳିନ ?
ଦୀନଜନ ପରି ବସିଛ ଧନ ହେ !
ଆନ କଥା ନୋହେ ଜାଣି ହେ !
ସନମତ ନ କରନ୍ତି ହେ ତରୁଣୀ,
ସୁରତଦାନକୁ ମଣି ହେ । ୧ ।
ଏକ ମନ୍ତ୍ର ଯେ କହୁଛି ତୁମ୍ଭରେ ।
ଲୋକ ନ ଜାଣିବେ ରଖ ଗୋପ୍ୟରେ ।

Digitized by PPRACHIN, SOA

ତାକ ଯାହାକୁ ତୁମ୍ଭେ ମନେକର ।
ତାଙ୍କର ଉଚାର ଏକ ଅକ୍ଷର ହେ,
କଳସ୍ତ ପ୍ରାପ୍ତ ସେଣବ ହେ ।
ନାକରି ସେ ଜାଉଥିବା ଯାକ ମନୁ,
ତୁମ୍ଭ ପ୍ରୀତ ନ ଛୁଡ଼ିବ ହେ ।୨।

'(୬ ଜବିହୃର୍ଯ୍ୟ ବ୍ରହ୍ମା)

ଶ୍ରୀକୃଷ୍ଣ—(ଅଳ୍ପ ହାସ୍ୟ ଅଧରେ ରଖି କହୁଲେ) ଉଦ୍ଧୋ ! ମୋ ମନ ଜାଣି ଅଛ ଅଇ ବଡ଼ କୃପା କଲେ !

ଗୀତ

ମୋ ମନ ଜାଣି ଅଇ କୃପା କଲେ ।
ଏ ଉପଦେଶ ଯା ମୋତେ କହୁଲେ ।
ଧନ୍ୟ ଧନ୍ୟ ସେହୁ ମନ୍ତ୍ରର ଗୋଷ୍ଠି ।
ତୁମ୍ଭଙ୍କୁ ପ୍ରଣାମ ମୋ କୋଟି କୋଟି ଗୋ !
ବତାଇଲ ଏଥେଁ ଅସି ଗୋ !
ନାସ୍ତି ବଶୀଭୂତ ହୋଇବା ଉପାୟ,
କହ ମାତଃ ପୌର୍ଣ୍ଣମାସୀ ଗୋ ॥

ପୌର୍ଣ୍ଣମାସୀ—ନାଥ ଏ ଉପାୟ ଏତକବେଳେ ।
ଜଣିବ ତ୍ରିଲୋକ ଏ ମନ୍ତ୍ରବଳେ ।
ଚୂଣମଣି ଏହା ରଖିଥା ମନେ ।

Digitized by PPRACHIN, SOA

କଲ୍ୟାଣ ବାଞ୍ଛି ଯାଉଛୁ ସଦନେ ହେ !
ସମ୍ଭବେ ହେବ ଦେଖା ହେ !
ନାଟେରନ୍ଦ୍ର ନୀଳରତନ ପ୍ରତିମା,
ଚନ୍ଦ୍ରାପାଶେ ଦ୍ବିଜ ଲେଖା ହେ ॥

(୬ କବିସୂର୍ଯ୍ୟ ବ୍ରହ୍ମା)

(ଏହା କହି ଆନନ୍ଦମନେ ବୃନ୍ଦାଙ୍କ ସହ ପ୍ରସ୍ଥାନ)

ଶ୍ରୀକୃଷ୍ଣ—(ସ୍ୱଗତଃ) ଅହା ! ଭଗବତୀଙ୍କର ମୋ ପ୍ରତି କି ଅସୀମ ଦୟା ! ସଖାମାନଙ୍କ ପାଖକୁ ଏବେ ଯାଉଛି, ତାଙ୍କ ସଙ୍ଗେ ମିଶି ବଂଶୀ ଫୁଙ୍କିବି ।

(ପ୍ରସ୍ଥାନ)

ଷଷ୍ଠ ପରିବର୍ତ୍ତନ

Digitized by PPRACHIN, SOA

ଦ୍ୱିତୀୟ ଅଙ୍କ

ଚତୁର୍ଥ ଦୃଶ୍ୟ

ଭାଣ୍ଡୀର ବନ

(ସୁବଳ, ସୁଦାମ, ଦାମ, ଅନୁଦାମ, ମଧୁମଙ୍ଗଳ ପ୍ରଭୃତି ପ୍ରବେଶ)

ଗୀତ

(କାଳଅଢାଙ୍କୁ ଚୋମଲତନୁ—ପ୍ରତ)

ମଧୁମଙ୍ଗଳ— ଆସ ରେ ଭାଇ ବଂଶୀ ବଜାଇ
ନାଚିବା ଆନନ୍ଦ ହୋଇ ହେ ।
ଖେଳ କୌତୁକ ବେଳ ତ ଠିକ
ପଡ଼ିଛି ଆମ୍ଭରପାଇଁ ହେ ॥
ବନ ମଞ୍ଜୁଳ ତମାଳମାଳ
ଦେଖି ଦେଖି ପ୍ରାଣସାଥି ହେ ।
କେଳି କଦମ୍ବ ବକୁଳ ଆମ୍ବ
ନାଗେଶ୍ୱର ପନ୍ତ ପନ୍ତ ହେ ॥
ପୁଷ୍ପ ମଣ୍ଡିତା କେତେ ଏ ଲତା
ଦଶୁଛନ୍ତି ମନୋହର ହେ ।
କାଁମନ ତନୁ ନ ହେବ ମୋହୁ
ନୟନେ ପଡ଼ିବ ଯାବ ହେ ॥

Digitized by PPRACHIN, SOA

ସଖାଗଣ—ମଧୁମଙ୍ଗଳ　　　　କାର୍ଯ୍ୟେ ମଙ୍ଗଳ
　　ଗାଇଲ ମଙ୍ଗଳ ଗୀତ ହେ ।
ହସ ରସିଆ　　　　ମନ ତୋଷିଆ
　　ତୁମ୍ଭେ ବିନା ପ୍ରାଣମିତ ହେ ॥
ଆସ ଖେଳିବା　　　　ଡୋଳା ଡୋଳିବା
　　ବୁଲି ଏ ଭଣ୍ଡୀର ବନେ ।
କୁସୁମ ମାଳ　　　　ଗନ୍ଥି ସକଳ
　　ମଣ୍ଡାଇବା ଧେନୁଗଣେ ହେ ॥
କାହାକୁ ଡର　　　　ଅଛୁ ଆମ୍ଭର
　　ବଡ଼ ଦ୍ୱିଜ ଥିଲେ ସଙ୍ଗେ ହେ ।
କଥାଟି ମାନ　　　　କେତେ ଯତନ
　　କରୁଥାନ୍ତି ନବରଙ୍ଗେ ହେ ॥

(ବୈଷ୍ଣବ ଚରଣ ଦାସ)

ସୁଦାମ—ଠିକ୍ ଠିକ୍ ମଧୁମଙ୍ଗଳ ସଖା ଆମର ନ ଥିଲେ ଏଣେ ରହସ୍ୟ କିଏ ଲଗାନ୍ତା ?

ଶ୍ରୀଦାମ—ମାତ୍ର ଭଲଆ ମଧୁ ସମୟେ ସମୟେ କଳାକର ପିଠା ହେଇଯାଏ । ହେଉ ଛାଡ଼ ସେକଥା, ଆସ ନାଚ ନାଚ ବଂଶୀ ବଜାଇବା ।

ସୁବଳ—ସଖାଗଣ ! ଏତେ ଆନନ୍ଦ ହଉଚ ଯେଉଁମାନଙ୍କ ଭାଇ ଆମର କେତେବେଳୁ ସଙ୍ଗ ଛାଡ଼ି ଯାଇଛନ୍ତି ତାଙ୍କୁ ଦିନ ଯାଉଁ ଖୋଜିଲ ?

ସୁଦାମ—ସୁବଳ ରେ ! ସେ ତ କାହାକୁ କିଛି ନ କହି ନ ବୋଲି ତୁନିକରି କେତେବେଳେ ଯେ ଖସଡ଼ିଂବାର୍ କରୁଛି; ତାଁ କିଏ ଜାଣେ ?

ଦାମ—ସୁଭ ! ବାଛୁରିମାନଙ୍କୁ ଅଣିବାକୁଲେ ଥରେ ଥରେ ଗୁଲିଯାଏ, ମାତ୍ର ସେ ଯେ କୁଆଡ଼େ ଯାଏ, ତାହା କିଏ କହି ପାରିବ ?

ଅନୁଦାମ—ଅରେ ସୁଭ ! ମୋ ନାଆଁଟି ଅନୁଦାମ, ମୁଁ ସବୁ କରୁଛି ଅନୁମାନ, ଜାଣ ?

ସୁଦାମ—କଅଣ ଅନୁମାନ କରୁଛୁ ?

ଅନୁଦାମ—ମୁଁ ଏଠି କିଛି କହିବ ନାହିଁ, ଏଠି କିଛି କହିବ ନାହିଁ, ସବୁ ସଖାମାନେ ଥିବେ, ବଳାଭାଇ ଥିବ, ତେବେ ଯାଇଁ ସେ ମରମଟି ଖୋଲିଦେବି ଯେ, ଆଜ ଯେମିତି କାହ୍ନୁ ଭାଇ କେବେ ଆମମାନଙ୍କୁ ଛାଡ଼ି କୁଆଡ଼େ ଯାଇନ ପାରିବ ।

ମଧୁମଙ୍ଗଳ—ଅରେ ସୁଭ ! ମୁଁ ଭଲରୂପେ ଜାଣେ, କାହ୍ନୁ ପ୍ରତିଦିନ ଯେଉଁଆଡ଼େ ଯାଉଛନ୍ତି ମୁଁ ତାହା ଉତ୍ତମ ପ୍ରକାରେ ଜାଣେ, କିନ୍ତୁ ତୁମ୍ଭମାନଙ୍କ ଆଗରେ ସେ କଥା କହିବାର ନୁହେଁ, ବଡ଼ ରହସ୍ୟ କଥା ଏଟା ।

ସୁବଳ—(ମଧୁ ଅଡ଼କୁ ନେତ୍ରରେ ଠାରି ନିଷେଧ କରିବା ଅଭିନୟ)

ମଧୁମଙ୍ଗଳ—ଦେଖ୍ ଦେଖ୍ ସୁବଳ କିପରି ମୋତେ ....

ସୁଦାମ—ବନ୍ଧୁ ! କହୁଁ କହୁଁ ରହିଗଲ କିଆଁ ?

ମଧୁମଙ୍ଗଳ—ହଁ, ହଁ, ତେମେମାନେ ଭାରି ସିଆଣିଆ, ମୋ ଭଳି କୃଷ୍ଣ ସଖାଠାରୁ ଅକଲ ନେଇ ଯିବନା ? କରେ ସୁଭ ! ରସିକ ରତନୁଠାଏ ପରା ! ଜାଣିଲ ?

Digitized by PPRACHIN, SOA

ଦାମ—ବଟୁ ! କିଏ ରସିକରଞ୍ଜନ ବୋଲି କହୁଛ ?

ମଧୁମଙ୍ଗଳ—ଯେ ହେଲେ ଜଣେ, ସବୁ ଫିଟେଇଦେବ କାହିଁକି ?
ମୁଁ ନୋହିଲି ବା କାହିଁକି, ତୁ ନୋହିଲୁ ବା କାହିଁକି ?
ଆମ୍ଭର ଭିତରୁ ଯେ ହେଲେ ଜଣେ ତ ଅଛୁ ।

ସୁବଳ—(ପୁଣି ନେତ୍ରଭଙ୍ଗୀରେ ନିଷେଧ କରିବା ଅଭିନୟ)

ସୁଦାମ—(ସୁବଳ ପ୍ରତି) ଭାଇ ସୁବଳ ! ତୁ ବଟୁକୁ କଅଣ ଆଖି-
ଠାରି ମାରୁଚୁ ? ତୁ କିଛି ଏ ବିଷୟ ଜାଣୁ କିରେ ?

ସୁବଳ—ନା, ଭାଇ ! ମୁଁ କିଛି ଜାଣେ ନାହିଁ ତ ।

ଦାମ—ଆରେ ! କିଛି ଜାଣେ ନାହିଁ ବୋଲି ନ କହ , ଅଳ୍ପ ଜାଣେ
ବୋଲି କହ ? ସନ୍ଦେହଟା ତୁଟିଯାଉ ।

ମଧୁମଙ୍ଗଳ—ସନ୍ଦେହ ଗୋଟାଏ କଅଣ ଭାଇ ! ଯମୁନା କୂଳ;
ସେହି କଦମ୍ବମୂଳ କଥା ଏ ଗୋପପୁରବାଳକରେ କିଏ
ନ ଜାଣେ ?

ଗୀତ

(ଅହେ ନନ୍ଦଲାଲ ! ଭଲ ତ କହୁଲ—ପ୍ରତି)

ସେ ଯମୁନା କୂଳ,   କଦମ୍ବର ମୂଳ;
କଥା କେ ନ ଜାଣେ ଭାଇ !
ଗୋପପୁରବାଳ,   ଚହଳ ପଡ଼ୁଛି,
ଗଳି କନ୍ଦ ସାଇ ସାଇ ॥

Digitized by PPRACHIN, SOA

(କହ୍ନାଇଁ ନାଆଁରେ ବସିଛୁ ହଟା ।)
କି କରେ କେ ଜାଣି ସେ ଭଣ୍ଡିଚଟା ॥
ମୋ କଅଲୁ କେହ୍ନ ନ ମଣ ଅଟା ।
ଦେଖଲଣି ସେ ଜଣେ ରସିକ ଫଟା ॥
(କହ୍ନାଇଁ ନାଆଁରେ ବସିଛୁ ହଟା) । ୧ ।

(ବୈଷ୍ଣବ ଚରଣ ଦାସ)

ସୁଦାମ—ବନ୍ଧୁ ! ଏ କଥା କଅଣ ସତ ?

ମଧୁମଙ୍ଗଳ—ସତ ନୁହେ ଆଉ କଅଣ ମିଛ ? କରେ ଭାଇ ! ଯମୁନାକୁ ପାଣିପାଇଁ ଆସିବାକୁ ସବୁ ନୂଆ ନୂଆ ଭୁଆସୁଣିମାନେ ଡର ମଲେଣି ? ସେ ଗଜଭୂଣୀ ଯୁବତୀଗୁଡ଼ାକୁ ଟାକ ଟାକରେ ଛନି ହୋଇ ଘାଟପାଖ କେଳି-କଦମ୍ବ ମୂଳଟିରେ ଛପି ରହୁଥାଏ, ତାହାକୁ ଯେ କେତେ-ପ୍ରକାର ହଟହଟା କରେ ତାହାକହୁ ହେବ ନାହିଁ ।

ସୁଦାମ—ଅଚ୍ଛା, କଅଣ କଅଣ କରେ ?

ମଧୁମଙ୍ଗଳ—ତେବେ କହୁଛି ଶୁଣ ଶୁଣ—

ଗୀତ

(କୋକଚ୍ଛନ୍ଦା ଅଞ୍ଜନ ମର୍କତ ଇନ୍ଦ୍ରନୀଳମଣି —ପ୍ରଭ)

ନଅ ନୂଆ ଗୋପ,— ଯୁବତୀକି ଟାକ,
ଛପିଥାଏ ନୀପମୂଳେ ।

Digitized by PPRACHIN, SOA

ବାଟ ଜଗି ବେଢେ,   ଘାଟ ଏସ ଲୁଗାଏ
ଘାଟ ସାଧୁବାର ଛଳେ ହେ ସଇ !
ପାଟପିନ୍ଧା ଗୁଆଳିନୀ ସୁନ୍ଦରୀ ଦେଖେ ଭୋଳ
ସାଠ ବେଳେ ସେ ଦଣ୍ଡ ପଡ଼ାଇ, ହେ ସଇ !
ସ୍ୱାଟପର ତମାଳଅ ସେନ୍ଧୁ, ହେ ସଇ ।
ବାହାକୁ ବେଢେ—   ରଙ୍ଗରେ
ନୟନ ଭ୍ରୂଲତା ଠାରୁ ।
ବାହାକୁ ଓସାରୁ,   ଯାହାକୁ ତାହାକୁ
ଚଞ୍ଚଳେ ପକାଏ ଧରୁ ହେ ସଇ !
ଆଉମାନେ ପଳାନ୍ତି ଡରୁ; ହେ ସଇ !
ଗୋପ ଗ୍ରାମରେ ପଶାନ୍ତୁ ହୁରୁ, ହେ ସଇ !
ତାର ଏଡ଼େକ ଲମ୍ପଟଗିରି ହେ, ସଇ ! । ୨ ।

(ବୈଷ୍ଣବ ଚରଣ ଦାସ)

ଅନୁଦାମ—(ନେପଥ୍ୟକୁ ଚାହିଁ) ଏହୁ ତ ଆସିଲେଣି କାହ୍ନୁ !

ମଧୁମଙ୍ଗଳ—ଏଁଥର ଚୁପ୍ ହୋଇଯିବା ଦରକାର୍ ।

ଶ୍ରୀକୃଷ୍ଣ—(ନେପଥ୍ୟରୁ ପ୍ରବେଶ ହୋଇ କହୁଲେ) ସଖାମାନେ !
କହୁଁ କହୁଁ ରହିଗଲ ଯେ, ବୋଧହୁଏ ମୋ ନାଆଁରେ
କଅଣ ବଖାର ପକେଇଥିଲ; ନୁହେଁ ?

ମଧୁମଙ୍ଗଳ—ଅରେ ଅରେ, କଥାରେ ପରା ଲୋକେ କହନ୍ତି;
"ଚୋରର ମନ କାହିଁରେ ? ନା, ଗଣ୍ଠିରେ" ତୁଜ ତୁ ଲଦ୍:

Digitized by PPRACHIN, SOA

ଗ୍ଲେର, କଣାରୁ ଗ୍ଲେର, ଗ୍ଲେଗଭ ଗ୍ଲେଗଭ ନୃତ୍ୟା-
ଗ୍ଲେରୁଟିଏ ହେଲୁଣି; କାହ୍ନୁ ! ଆଉ କଅଣ ଭାବୁଚୁଁ ?
ତୋ ମନକଥା ଏବେ ତୁ ଆଗରୁ ଫିଟେଇ କହି
ପକେଇଲୁଣି । ଯେତେହେଲେ ତ ଗଉଡ଼ଆ ବୁଦ୍ଧି ?
ମାଗି ଆଣିବା ଠିଆଣ ପରି ଶୁଦ୍ଧୁଭାଏ ମାନ ।

ସୁବଳ—(ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ କରି କହିଲେ)
ଭାଇ କାହ୍ନୁ ! କହ ଭଲ ? ଏତେବେଳଯାଏଁ କେଉଁଆଡ଼େ
ଥିଲୁ ? ପ୍ରିୟସଖା ! ମୁଁ ପରା ତୋର ଜଣେ ନରମ ସଖା ?
ମୋତେ ଛାଡ଼ି ଯିବାକୁ କିମିତି ତୋ ମନ ହୁଏ କାହ୍ନୁ ?

ମଧୁମଙ୍ଗଳ—ଭାରି କଥାଟାଏ କହିଲ, (ଗେଡାଇ ହୋଇ) ଓଃ
ନରମ ସଖା ନା, ଫରମ ସଖା ? ମରମ କଥା କଣ
କହିଦେବ ସେ ତୋତେ ? ଗରମ ଲାଗିବାରୁ ପରମ
ଦୟାଳୁ ଅମ୍ବର ଧରମ ପୋଛୁ ପୋଛୁ ଭରମ ହୋଇ
ଟିକିଏ ଧରମ ସୂତା ଅଡ଼କୁ ଗୁଳିଯାଏ । ଦରମସ
ହେଲାପରି କରମକୁ ଶୁମରି ଶୁମରି କେମିତ ସରମରେ
ମୁହଁକୁ ଶୁଖେଇ ଦେଇଚ ଦେଖିଲ ?

ଗୀତ

(ପ୍ରିୟସଖା ! ଚାହିଁବ ଏପରି—ପ୍ରଭ)

କଳାକାହ୍ନୁ ! ହେଲୁ କି ବାଇଆ ?
ଚାହିଁକି ମଳିନ ଦିଶେ ତୋର କାଇଆ । ଘୋଷା ।

Digitized by PPRACHIN, SOA

ମୂର୍ତ୍ତିଟି ଯାଉଛୁ ଶୁଖି,   କେଉଁ କଥାପାଇଁ ଦୁଃଖୀ ?
ଆଉ କିଆଁ ଚୂଳେ ନାହିଁ ଫୁଲ ଟାହୁଆ ? । ୧ ।
କସ ଅସିଛୁ ହଜାଇ,   କହୁଲେ ଦେବ ଖୋଜାଇ,
କହ ମୋତେ ସମଝାଇ ମୁଁ ତୋ ଭାଇଆ । ୨ ।

(ବୈଷ୍ଣବ ଚରଣ ଦାସ)

ଶ୍ରୀକୃଷ୍ଣ—ବନ୍ଧୁ ! ତୁମ୍ଭେ କଥାରେ କଥାରେ ମରମ ଖୋଲ ଜାଣ ଏକା, ନୁହେଁ ?

ସୁବଳ—ସେ କାଙ୍ଗାଳିଆ ବ୍ରାହ୍ମଣ କଥାକୁ ଗାଢର କରନା ସଖା !

ସୁଦାମ—ଯା ହେବାର ହେଲାଣି, ଏବେ କଅଣ କରାଯିବ କହୁନ୍ତୁ କହୁନ୍ତୁ ବାଙ୍କା ?

ଦାମ—ସେ କଅଣ କହିବ ବୋଲି ପଚାରୁଛୁ ସୁଦାମ ! ତା ଛାତିରୁ କଅଣ ଏ ପର୍ଯ୍ୟନ୍ତ ଗଲାଣି ଦଙ୍କା ?

ଅନୁଦାମ—ମାରୁଛି ପଗ ସ୍ବାଳୁ ଝରଡ଼ ଧକ୍କା ।

ଶ୍ରୀଦାମ—ସେ ପଗ ହେଲାଣି ଗୋପ ନାରୀଙ୍କର ଚଢ଼ଚମକା !

ମଧୁମଙ୍ଗଳ—ଅକାରଣେ କାହୁଁ ତକାଇ ତକାଇ ମକାପରେ ଦାନ୍ତ କଲାଣି ଫଟା ।

ଶ୍ରୀକୃଷ୍ଣ—ଅରେ ପେଟ କାହୁତିଆ ବଙ୍କଣା ପେଚ୍ଛା ! କାହିଁକି ମୋ ସଙ୍ଗେ ହେଉଛୁ ଏପରି ? ପାଉଛୁଟି କଷ୍ଟ ମୋ'ଠାରୁ ବଳା

ମଧୁମଙ୍ଗଳ—ଏବଟୁରୁ ସେଥିକି ଅଛି କି ଶଙ୍କା ? ଯେବେ ମାଲ୍‌-ପାଏଁ ଅସଲ ଛଙ୍କା, ତେବେ ଛଡ଼ପାଏ ମନରୁ ଉଙ୍କା ।

Digitized by PPRACHIN, SOA

ଅରେ ଚଞ୍ଚଳାଚାନ୍ଦ୍ରୁ ନିଭୃଙ୍ଗ ବନ୍ଧା ! ତୋ ସ୍ମୃତିଯାକ
ମୋ ହୃଦରେ ଅଙ୍କା । ତୁ କ ହୋଇଛୁଣି କୁଳକଳଙ୍କା
ଏ କଥା ସତ କି ମିତ୍ର, କହୁଛ କହୁଲ୍ ମୃଦୁଳାଙ୍ଗୁଙ୍କା
ନୋହୁ କି ତୁ ଗନ୍ଧର୍ବଶ୍ରୀଙ୍କ ପଣ୍ଡାନ୍ତହିଙ୍କା ?

ସୁଦାମ—ବନ୍ଧୁ ! ତୁମ୍ଭଙ୍କ କଥାରେ କିଏ ପାରିବ ? କହନ୍ତା ପଦ ପଢେଇ ଯେ କେଚ୍ଛ ଗୁଡ଼ାଏ ଛଳେଇ ? ଆଜି ନାଠୁଆ ନୀଳମଣିକି କହିଦେଇ ଗଲଣି, ଏହା କଣ ଉପଯୁକ୍ତ ଯୁକ୍ତି ତୁମ୍ଭର ?

ମଧୁମଙ୍ଗଳ—କଅଣ କହୁଲ ? ନାଠୁଆ ନୀଳମଣି ? ନା, ନା; ତା ନୁହେଁ; ଇଏ ଗୋଟିଏ ଅସଲ୍ କାଠୁଆ ଶାଳମଣି ।

ସୁଦାମ—କାଠୁଆ ଶାଳମଣି କଅଣ ?

ମଧୁମଙ୍ଗଳ—(ହାସ୍ୟଛଳେ) ହା ! ହା ! ହା ! ହା ! ହା ! ହା !, ଅହେ ! କାଠୁଆ ଶାଳମଣିର ଅର୍ଥ ଆଜ୍ଞାଏ ବୁଝିନାହିଁ. ନା ସମଝିନାହିଁ ? ଯଦି ନ ବୁଝିଛ, ତେବେ ବୁଝାଇ ଦେବା, ଶୁଣ, ଶୁଣ ।

ଗୀତ

(ଧୀରଚନ୍ଦ ହୃଦ-ପଦ୍ମ ମିହିର—ଛନ୍ଦ)

କଦମ୍ବ ଗଛରେ ଏ ଥାଏ ବସି ।
ବଂଶି ଘେନଯାଏ ସେ ମୀନଦୃଶୀ ।
କୁଞ୍ଜବନେ ଏକା ଏକାନ୍ତ ସ୍ଥାନେ ।
ମନ୍ତ୍ର ମାଲୁଥାଏ ପ୍ରତ୍ୟେକ ଜନେ ଚେ ।

Digitized by PPRACHIN, SOA

ସଖା ଶ୍ରୀଦାମ !
ଶଲ ବୁଦ୍ଧିଟି ଏହାର ପ୍ରଧାନ ହେ । ୧ ।

ଶ୍ରୀଦାମ—ଆଜ୍ କାଠୁଆ ଅର୍ଥଟି ବନ୍ଧୁଗଣ ଯେ, କହିଲ ନାହିଁ ?

ମଧୁମଙ୍ଗଳ—ହଁ, ହଁ, ତାହା କହୁଛୁ କାନ ଡେର ଶୁଣ ।

ଗୀତାଂଶ

ଲୋକେ କହନ୍ତି ପରମ ଦୟାଳୁ ।
ବୁଝିବାକୁ ତ ସେ ଯେ ଶମ୍ଭୁଆଳୁ ।
ଏହାଠାରୁ ନେଇ ତାହାକୁ ଦଏ ।
ଏପର ଦାନକି ପୃଥ୍ୱୀରେ କିଏ ହେ ।
ସଖା ଶ୍ରୀଦାମ !
ଲୋକରେ ମରୁଛୁ ବଟୁ ବ୍ରାହ୍ମଣ ହେ । ୨ ।

(ବୈଷ୍ଣବ ଚରଣ ଦାସ)

ଶ୍ରୀକୃଷ୍ଣ—(ଆଲିଙ୍ଗନ କରି) ସଖା ବଟୁ ! ଗୁଲ, ଗୁଲ, ଯାହା ଖାଇବ ତାହା ଦେବା, ଅଜ ମୋତେ କହା କରନା ।

ମଧୁମଙ୍ଗଳ— ବାଃ, ଏ ପଦ ବାଙ୍ଗଲାକୁ ହେଲା ।

(ସମସ୍ତଙ୍କ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

Digitized by PPRACHIN, SOA

ଦ୍ୱିତୀୟ ଅଙ୍କ

ପଞ୍ଚମ ଦୃଶ୍ୟ

ଚନ୍ଦ୍ରାବଳୀଙ୍କ କକ୍ଷ

(ଚନ୍ଦ୍ରାବଳୀ ପଦ୍ମାସଖୀଙ୍କ ସଙ୍ଗେ ଦଣ୍ଡାୟମାନ ।)

ଗୀତ

ଚନ୍ଦ୍ରାବଳୀ —

(କହ ମୋ କଳାକହ୍ନାଇଁ—ପ୍ରତି)

ଅଗୋ ପଦ୍ମାସଖି ! ଶୁଣ, ମନ ମୋହନଅ କୃଷ୍ଣଙ୍କ ଗୁଣ ଗୋ ।
ପରାଣସଖି ! ଅଙ୍ଗ କଥା ଅକଥନ ଗୋ । ୧ ।

ଖେଳିବ୍ୟା ସଖୀ ସଙ୍ଗକର, ଯମୁନାକୁ ଗଲ୍ ସ୍ନାହାନ ସାର ଗୋ ।
ପରାଣସଖି ! ହରାଇଲ୍ ଜ୍ଞାନ ଶିଖ ଗୋ । ୨ ।

କଦମ୍ବ ମୂଳରେ ହରି, ସୁହାଣିରେ ନେଲେ ଚେତନା ହରି ଗୋ ।
ପରାଣସଖି ! ଠାଣି ବଙ୍କିମ ଭଙ୍ଗୀସ ଗୋ । ୩ ।

ଶିଖୀପୁଚ୍ଛ ବାଙ୍କଚୂଡ଼ା, ତା ମୂଳକୁ ନାନା କୁସୁମ ବେଢ଼ା ଗୋ ।
ପରାଣସଖି ! ସେହୁ ଗୋପ ଘରଚୂଡ଼ା ଗୋ । ୪ ।

କଅଁପଙ୍କୀ ଦୁଇଧାଡ଼, ବାମ ଦକ୍ଷିଣକୁ ବନ୍ଧନ୍ତୁ ବେଢ଼ି ଗୋ ।
ପରାଣସଖି ! ଧଇର୍ଯ୍ୟ ଦେଲ ଘଞ୍ଜଡ଼ ଗୋ । ୫ ।

ଚନ୍ଦ୍ର କୁଣ୍ଡଳ ମଣ୍ଡଳୀ, ଚନ୍ଦ୍ରକଲେ ଗର୍ବ ପର୍ବତ ଟାଳି ଗୋ ।
ପରାଣସଖି ! ତା ସଙ୍ଗେ ଗୁଞ୍ଜାବମାଳ ଗୋ । ୬ ।

Digitized by PPRACHIN, SOA

ନୂଆରଙ୍ଗ ଜାମୁଡାଳ, କର୍ଣ୍ଣେ ଶୋଭିଅଛି ଗଣ୍ଡକୁ ଢଳ ଗୋ ।
ପରାଣସଖି ! ଦେଖି ଜାଇବ କେ ବାଳୀ ଗୋ । ୭ ।
ଭାଲେ ତା ଚନ୍ଦନ ବିନ୍ଦୁ, ଦେଖି ଲାଜିବ ସମ୍ପୂର୍ଣ୍ଣ ଇନ୍ଦୁ ଗୋ ।
ପରାଣସଖି ! ନୋହିଲେ ହୋଇବ ବନ୍ଧୁ ଗୋ । ୮ ।
ନାସାରେ ଗଜମୁକୁତା, ଘନକୋଳେ କିବା ନବ ସବିତା ଗୋ ।
ପରାଣସଖି ! ଏହୁ ଗୁଣେ ଜଗଜିତା ଗୋ । ୯ ।
ଶୁହିଁ ସେ ଚନ୍ଦ୍ରବଦନ, ଦେଖିଁ ନାସ୍ତି ଗର୍ବିବ ମଦନ ଗୋ ।
ପରାଣସଖି !(ପୁଣି) ତହିଁରେ ବଂଶୀ ବାଦନ ଗୋ । ୧୦ ।
ଭଲ ସେ ବିମ୍ବ ଅଧର, ଧରମ କରମ ଭୁଲିଲି ମୋର ଗୋ ।
ପରାଣସଖି ! ପତିବ୍ରତା ବ୍ରତ ଦୂର ଗୋ । ୧୧ ।
ତହିଁ ପୁଣି ମନ୍ଦହାସ, ସେ ପ୍ରତିଅଙ୍ଗରେ କି ପରିଆଶ ଗୋ ।
ପରାଣସଖି ! କୁଳ ଯାଉ ପଛେ ନାଶ ଗୋ । ୧୨ ।
ତା ଯେଉଁ ବାଙ୍କ ଚାହାଣି, (ଦେଖି) ପଥର ହୋଇଲେ ହୋଇବ ପାଣି ।
ପରାଣସଖି ! ଯମୁନା ବହେ ଉଜାଣି ଗୋ । ୧୩ ।
ମକର କୁଣ୍ଡଳ ଝଳ, ଝଲକ ଝଲକ ଗଣ୍ଡକୁ ଢଳ ଗୋ ।
ପରାଣସଖି ! କି ସେ ପୁଷ୍ପବନ୍ତ ଦୋଳ ଗୋ । ୧୪ ।
ଗଲେ ମୋତ ରୂପସରି, ଜୀବନ ଥିଲେ କି ହେବ ପାସୋରି ଗୋ ।
ପରାଣସଖି ! କଲା ମୋତେ ଏତେସର ଗୋ । ୧୫ ।
ଓସାର ହୃଦ ସୁନ୍ଦର, ଗୋପୀବୃନ୍ଦ ମନ ସ୍ନେହ ମନ୍ଦର ଗୋ ।
ପରାଣସଖି ! କେ ଜାଣେ ଏତେ ଦୁନ୍ଦର ଗୋ । ୧୬ ।
ସେ ଉରେ ମୁକୁତା ହାର, ଦଣେ ନବଘନେ ନକ୍ଷତ୍ର ଧାର ଗୋ ।
ପରାଣସଖି ! କି ଅବା ସେ ଜଳଧାର ଗୋ । ୧୭ ।

Digitized by PPRACHIN, SOA

ନଳୀନ ପ୍ରକାଣ୍ଡ ଭୁଜ, ତାକୁ ବନ୍ଧ ସଙ୍ଗେ କେତେ ଝଗଡ଼ ଗୋ ।
ପରାଣସଖି ! ଝାଡ଼ଇ ଦାମିନୀ ଓଜ ଗୋ । ୧୮ ।

ଦେଖି ତା ହାର ପଦକ, ଖାଇ ଅଇଲି ମୁଁ ପ୍ରେମମାଦକ ଗୋ ।
ପରାଣସଖି ! ହୃଦ ହୁଏ ଦକ ଦକ ଗୋ । ୧୯ ।

ଭୁଜେ କନକ କଙ୍କଣ, ମୋଡ଼ା ହୋଇଛି ସେ ହୋଇ ଦ୍ୱିଗୁଣ ଗୋ ।
ପରାଣସଖି ! ବେଣୁ ସଙ୍ଗେ ଅବଗୁଣ ଗୋ । ୨୦ ।

ଅଙ୍ଗୁଳି ଅଶୋକ କଳି, ଓଠଁରେ ମୃଦୁ ଛା ଦଶେ ଫୁଲ ଗୋ ।
ପରାଣସଖି ! ଧଏ ସତୀ ରଞ୍ଜି ଠାଳି ଗୋ । ୨୧ ।

ନଖର ଅଭ ପ୍ରଖର, ଅଧର ଅମୀୟ ଭଣ୍ଡାର ଜୁର ଗୋ ।
ପରାଣସଖି ! କରିବାକୁ ସେ ଯନ୍ତ୍ର ଗୋ । ୨୨ ।

କଟିତଟେ ପୀତାମ୍ବର, ନୂଆମେଘେ ଅକା ବିଜୁଳି ସ୍ଥିର ଗୋ ।
ପରାଣସଖି ! ରୁକ୍ମିଣୀ ସଙ୍ଗେ ରୁଚିର ଗୋ । ୨୩ ।

ପାଦେ ପାଉଁଜି ନୂପୁର, ବାଜୁଛି ବାଜୁଛି ବୋଲେ କି ସ୍ୱର ଗୋ ।
ପରାଣସଖି ! ନ ଚଳେ ନାଗ ପପୁର ଗୋ । ୨୪ ।

ତ୍ରିଭଙ୍ଗୀରେ ହୁଏ ଭଙ୍ଗ, କଦମ୍ବ ତରୁକୁ ଆଉଜି ଯୋଗ୍ୟ ଗୋ ।
ପରାଣସଖି ! ତାହାକୁ ହେବ ସେ ତଙ୍ଗ ଗୋ । ୨୫ ।

ଚନ୍ଦ୍ରା—(ହସି ହସି କହିଲେ) ସଖି ! ସେ ତାହାକୁ ବଶ ହେବେ, ମୁଁ କହିପାରୁ ନାହିଁ, ମାତ୍ର ମୋ ମନେ ମନେ ଭାବୁଛି, ଅମ୍ଭ ଜେମାମଣି ଚନ୍ଦ୍ରାବଳୀଙ୍କି ଏହା ସୁନ୍ଦର ବର ଘଟଣା ହେବେ ।

Digitized by PPRACHIN, SOA

ଗୀତ

(କହ କହ ଗୋ ଲଳିତେ—ପ୍ରଭ)

ଅଗୋ ହେମାମଣି ଶୁଣ, ତାଙ୍କପରି ଏକା ତୁମ୍ଭେ ଘଟଣ ଗୋ ।
ସୁନ୍ଦରୀମଣି ! ରୂପେ ଗୁଣେ ତୁଲ୍ୟ ଜାଣ ଗୋ । ୧ ।
ମୋ ମନେ ଅଛନ୍ତି ମାନ, ତୁମ୍ଭେ ଯୋଗ୍ୟ ସିନା ସେ ବଖ୍ୟାନ ଗୋ ।
ସୁନ୍ଦରୀମଣି ! ନୀଳମଣି ସୁନାଗର ଗୋ । ୨ ।
ଅଛ କି ଦେଖିଛ କନ୍ତ, ତୁମ୍ଭଠାରେ ଲଗାଇଲେ କି ସ୍ନେହ ଗୋ ।
ସୁନ୍ଦରୀମଣି ! ଛୁଇଁଚନ୍ଦ୍ର କଥା ଦେହ ଗୋ । ୩ ।
କିସ ପୂର୍ଣ୍ଣ ଚନ୍ଦ୍ର କହୁ, ସେ ତ ନବକିଶୋର ହରଣ୍ଣୁ ଗୋ ।
ସୁନ୍ଦରୀମଣି ! ଅସିଲ କି ତାଙ୍କୁ ମୋହୁ । ୪ ।
ମୁଁ ତ ଅନ୍ତରଙ୍ଗ ସଖୀ, ଫିଟାଇ କହ ସଂଶୟ ନ ରଖି ଗୋ ।
ସୁନ୍ଦରୀମଣି ! (ସେ) କି ହେଲେ ତୁମ୍ଭଙ୍କୁ ଦେଖି ଗୋ । ୫ ।

(ବୈଷ୍ଣବ ଚରଣ ଦାସ)

ଚନ୍ଦ୍ରାବଳୀ—ସଦ୍ମେ ! ସେ ମୋତେ ଦେଖି ଯେଉଁ କହିଲେ, ତା ଶୁଣ

ଗୀତ

(ରାଧା ଧର ସଖୀକର—ପ୍ରଭ)

ଲଲାଟରେ ଖୋଷି ଢୋଲା, ଯା କହିଲେ ମୋତେ ସେ ନନ୍ଦବାଳା ଗୋ ।
ଧୈର୍ଯ୍ୟ ଧରିବ କେଉଁ ଅବଳା, ସଜନୀ ଗୋ । । ୧ ।

Digitized by PPRACHIN, SOA

ବୋଇଲେ ବନ୍ଧୁ ତ ହେଲା, କାମଜଳେ ମୋର ବୁଡ଼ନ୍ତ ଭେଳା ଗୋ ।
ଅହା ତ ମୃଦୁ ବଚନ ମେଳା, ସଜନି ଗୋ ! ।୨।

ଅନା ଧନ ଥରେ ମୋତେ, ଲାଜ କାହିଁପାଇଁ ବୋଲି ସେ କେତେ ଗୋ ।
ସେକେନ୍ଦ୍ରରେ ଲୁଚିଲେ ଅଗ୍ରତେ, ସଜନି ଗୋ ।।୩।

ପୁଣି କହିଲେ ଏମନ୍ତେ, କା ମଣିକୁ ଗୁନ୍ଥିଥିଲି ମୁଁ ପ୍ରାତେ ଗୋ ।
କେଉଁ ଭାଗ୍ୟରୁ ଦେଖିଲି ନେତ୍ରେ, ସଜନି ଗୋ ! ।୪।

ଆଜ ଯାହା ଛନ୍ଦ ବନ୍ଧ, ଶୁଣିଲେ ହୃଦୟ ହେଉଛି ଦନ୍ଦ ଗୋ ।
ନେତ୍ର ମଧ୍ୟରେ ସେ ଛନ୍ଦ ବନ୍ଧ, ସଜନି ଗୋ ।।୫।

(ବୈଷ୍ଣବ ଚରଣ ଦାସ)

ପଦ୍ମା—ଅଜ କଅଣ କହୁଛନ୍ତି କହିଲ ? ମୁଁ ଶୁଣେ ଭଲ ?

ଚନ୍ଦ୍ରାବଳୀ—ଶୁଣ ଗୋ ! ସେ କହୁଥିଲେ ଗୀତରେ କହିଲେ ।

ଗୀତ

(କହୁଛି ଏତେକ ତୋତେ—ଘୋଷା)

ଦେଖ ଦେଖ ଚନ୍ଦ୍ରମୁଖୀ, ଯା ହୃଦେ ମଦନ-ଅଙ୍ଗାର ଦୁଃଖୀ ରେ ।
ନବନାଗର ! ଚରଣେ ଶରଣ ପଶି ରେ ।୧।

ମଳୟ ଜୀବଜୀବନ, ଦିଅ ମୋ ଗଣ୍ଡରେ ସକୁ ଚୁମ୍ବନ ରେ ।
ନବନାଗର ! ସ୍ମର ତପ ନିବାରଣ ରେ ।୨।

କେତେ ଦିନୁ ଆଉ ଆଶ; ମିଳାଇଲୁ ତା ଦଇବ ପାଶ ରେ ।
ନବନାଗର ! ନ କର ଦାସେ ନିରାଶ ରେ ।୩।

Digitized by PPRACHIN, SOA

ଆଜ ମୋତେ ନ ଯା ଛାଡ଼ି, ବଜ୍ର ପଡ଼ୁ ପଛେ ମୋ ଶିରେ ମାଡ଼ି ରେ ।
ନବନାଗର ! କୁଳ ଯାଉ ପଛେ ବୁଡ଼ି ରେ । ୪ ।

ଦେଖିଲି ଧନକୁ ତୋତେ, ମୋ ମନେ ଥିବ କି ତୋହ ସଙ୍ଗତେ ରେ ।
ନବନାଗର ! ସେବାକର ଅହରହେ ରେ । ୫ ।

ଆସ ଆସ ଚନ୍ଦ୍ରମୁଖୀ, ହୋଇଛୁ ସେ ଧନୁ ବିରହେ ଦୁଃଖୀ ରେ ।
ନବନାଗର ! ମିଶାମିଶି ହେବା ଦେଖି ରେ । ୬ ।

(୬ କବିସୂର୍ଯ୍ୟ ବ୍ରହ୍ମ ।)

ପଦ୍ମା—ସେ ନବରଙ୍ଗିଆ କାମ୍ ଲଜ୍ଜେ ବୁଲନ୍ତି, ସତେ କେବଳ ଦ୍ୱନ୍ଦ ଲଗେଇ ଜାଣନ୍ତି ମ ?

ଚନ୍ଦ୍ରାବଳୀ—(ଭାବାବେଶରେ ସ୍ୱଗତଃ) ଆହା ! କି ସୁନ୍ଦର କଥା ତାଙ୍କର ! ଅମୃତମୟ ସୁମଧୁର ଭାଷାରେ କୃଷ୍ଣ ପ୍ରସାରି ଯେତେବେଳେ ଆଲିଙ୍ଗନ କଲେ, ସେ ଭାବ କି ପାଶୋରି ହେବନାହିଁ ?

ପଦ୍ମା—ସଖି ! ତେବେ ପରମ ସୌଭାଗ୍ୟବତୀ, ଯାହା କି ସେ ଭୁବନଭୁଲା ଶ୍ୟାମସୁନ୍ଦରଙ୍କ ମନକୁ ଭୁଲେଇଛ । ପୁଣି କଅଣ ହେଲା କହୁଲ ?

ଚନ୍ଦ୍ରାବଳୀ—ତେବେ ଶୁଣ ।

Digitized by PPRACHIN, SOA

ଗୀତ

(ଅଇଲା ବସନ୍ତ ରଜା—ପ୍ରଭ)

ଆଗୋ ପଦ୍ମେ ! କି କହିବି ସେହୁ ସମାଚାର ।
କରଗତ କଲେ ଖେଳେ ମୋ ଉରଜ ଭ୍ରର ଗୋ । ୧ ।

କଳା କଳେବର ଗୋଟି ଯାଉଥିଲା ଥର ।
ସାତ୍ତ୍ୱିକ ବିକାରେ ନେଲେ ପୂର୍ଣ୍ଣ ପ୍ରେମଭାର ଗୋ । ୨ ।

ସେହୁକାଳେ ସଖି ! ମୁଁ ରହନ୍ତେ ମୁଖ ପୋତ ।
ଲଗାଇଲେ କି ରଙ୍ଗରେ ମୋ ଗୁଡିକି ଛତ ଗୋ । ୩ ।

ମୁଖେ ଚମ୍ବ ଦେଇଁ ଦୁଃଖେ କାନ୍ଦ କାନ୍ଦ ମୁହିଁ ।
ଲାଜ ଭୟ ଭୁଲେ କରେ ଛୁଙ୍ଗାଡ଼ ଦେଲଇଁ ଗୋ । ୪ ।

ତେବେ ସୁଧା ଗୁଠି ଅବମ୍ବିଲେ ମୋର ପାଶେ ।
ହସି ହସି ଗେଲେ ଗେଲେ ଦାସ ପରୁହାସେ ଗୋ । ୫ ।

(ବୈଷ୍ଣବ ଚରଣ ଦାସ)

ପଦ୍ମା—ତା' ପରେ କଣ ହେଲା ?

ଚନ୍ଦ୍ରାବଳୀ—ଆହା ! ସେ କଥା କଅଣ କହିବ ସଖି !

ଗୀତ

(ବ୍ୟଥିତ କଥିତ ଧନା ଗିର—ପ୍ରଭ)

ଯେତେକର ତାଙ୍କୁ ଦେଲି ଗାଳି,
ଉତ୍ତର ନ ଦେଲେ ବନମାଳୀ ।

Digitized by PPRACHIN, SOA

ଅହା ସେ ଅଟନ୍ତି,   କେଡ଼େ ସହଣୀକ,
ଖଳ ହୃଦ ହୋଇଯାଏ ଗୋଳ ।
ଅଗୋ ପ୍ରାଣସଖି ! କସ୍ଵଇଲ୍ ତାଙ୍କୁ ମୁଁ ତ ମହାଦୁଃଖୀ । ୧ ।
ଯାହୁଁ ହୂତୀଅସି ଦୂର ଗୁରୁ,
କେତେବେଳୁ ଦେଖି ଏ ଗୃହସ୍ଥ ।
କରେ ତାଳ ମାରୁ,   ତା ସନ୍ଧୁ ନ ପାଉ,
ହସିଲେ ତଗ ତମାଳ କରୁ ।
ଅଗୋ ପ୍ରାଣସଖି ! କସ୍ଵଇଲ୍ ତାଙ୍କୁ ମୁଁ ତ ମହା ଦୁଃଖୀ । ୨ ।

(ବୈଷ୍ଣବ ଚରଣ ଦାସ)

ପଦ୍ମା—ସଖି ! ଲଜ୍ଜା ପଡ଼ିଗଲ ତ ?

ଚନ୍ଦ୍ରାବଳୀ—ହଁ ପଦ୍ମେ ! ମୁଁ ସେମାନଙ୍କ ଆଗରେ ଲଜ୍ଜା ପଡ଼ିଗଲି !

ପଦ୍ମା—ଶ୍ରୀକୃଷ୍ଣ, ତାହୁଁ କଅଣ କଲେ ?

ଚନ୍ଦ୍ରାବଳୀ—ସେ ଛଳ ଛଳ ହୋଇ ପଳାଇଗଲେ ।

ଗୀତ

(କରମ ମୋହର ମନ—ପ୍ରତ)

ଶୁଣି ସେ ଗଲେ ପଳାଇ,   ଅନ୍ତରେ ଅଇଲି ଶିର ନୁଆଁଇ ଗୋ ।
ପରାଣସଖି ! ଲାଜେ ବାହାକୁ ନ ଚାହୁଁ ଗୋ । ୧ ।
ସେହୁ କଥା ପଡ଼େ ମନ, ଘର ବାହାରେ ତ ହେଲି ଅଜ୍ଞାନ ଗୋ ।
ପରାଣସଖି ! ଅନୁକ୍ଷଣେ ଛଳ ଛଳ ଗୋ । ୨ ।

Digitized by PPRACHIN, SOA

ତୋ ଆଗେ କେଉଁ କପଟ, କହୁଚେ ହେବ ମୋ ଲା'ଙ୍କେ ଭେଟ ଗୋ
ପରାଣସଖି ! ନ ଦଶଇ ବୁଝି ବାଟ ଗୋ । ୩ ।

ପଦ୍ମା—ସଖି ଚନ୍ଦ୍ରାବଳୀ ! ଏତ ଅଳପ କଥାକୁ ଭୁଲେଣି କାହିଁକି ? ମୁଁ ସେ ମନମୋହନଙ୍କ ସଙ୍ଗେ ତୁମ୍ଭଙ୍କୁ ଭେଟ କରାଇ ଦେଇ ପାରେଁ । ମୋତେ ତୁମ୍ଭେ କି ପୁରସ୍କାର ଦେବ ?

ଚନ୍ଦ୍ରାବଳୀ—ଯାହା ମାଗିବୁ ତା ଦେବି । ଏ ଜୀବନ ତ ତୋର ସଖି ! ମାଗୁଛୁ କଣ ?

ପଦ୍ମା—ଚନ୍ଦ୍ରାବଳି ! "ଏ ଜୀବନ ତୋର" ବୋଲି ମୋତେ ଯାହା କହୁଛ, ଏ କଥା ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ କରୁନାହିଁ ।

ଚନ୍ଦ୍ରାବଳୀ—କାହିଁକି ? ପଦ୍ମେ ! ବିଶ୍ୱାସ କରୁନାହିଁ କିଆଁ ?

ପଦ୍ମା—ଆଜି ପଦ୍ମା ସିନା ପାଖରେ ଅଛି ବୋଲି ଯା କହୁଚ, ସେ ମନମୋହନସ୍ୱାମୀଙ୍କ ପାଖରେ ଏକାନ୍ତ କେଳିବେଳେ କଣ ଏ କଥା ରହିଥିବ ?

ଚନ୍ଦ୍ରାବଳୀ—କାହିଁକି ନ ରହିଥିବ ? ତୋର ଏ ଗୁଣ-ଋଣ କି ସହଜେ ଶୁଝି ପାରିବ ?

ପଦ୍ମା—ହେଉ ହେଉ ମନେ ରଖିଥାଅ. ତେତେବେଳେ ଜାଣିବ ଯେ, କାହାକୁ ଦେହ ଜୀବନ ସମର୍ପଣ କରିବାର ଜଣା ପଡ଼ିବ ।

ଚନ୍ଦ୍ରାବଳୀ—ପଦ୍ମେ ଗୋ ! ଏ ଅଭାଗିନୀ ଚନ୍ଦ୍ରାବଳୀର ମନକଥା କଅଣ ଜାଣିନାହୁଁ ?

ପଦ୍ମା—ହଁ ଜାଣିଛୁ, ଯେତେବେଳେ ପର୍ଯ୍ୟନ୍ତ ସୁନ୍ଦର ନାଗରଙ୍କ ଅଙ୍ଗ ସଙ୍ଗ ନ ପାଇଚ; ସେତେବେଳ ଅବଧି 'ସଖି ! ସଖି !' ହେଉଥିବ । ନାଗରଙ୍କ ସଙ୍ଗ ମିଳିଗଲେ, ଆଉ କି ସଖି ?

Digitized by PPRACHIN, SOA

ଚନ୍ଦ୍ରାବଳୀ—ନା, ପଦ୍ମେ ! ମୁଁ କେବେହେଁ ତୁମ୍ଭର ଏ ସ୍ନେହଭାବକୁ ଭୁଲି ପାରିବି ନାହିଁ । ସଖି ଗୋ ! ମୋ ସ୍ମୃତି କାହିଁକି ଥିଲୁଣ ? ମୁଁ କଅଣ କରିବି ? କୁଆଡ଼େ ଯିବି ? ଆହା ! ଏ ଦଣ୍ଡରେ ପଡ଼ିଲିଟି, ହାୟ ! ହାୟ ! କାହିଁକି ସେ କଦମ୍ବମୂଳକୁ ଚାହିଁ ଦେଲିଟି ?

(ଥରି ଲାଗିଲେ)

ପଦ୍ମା—ସଖି ! ଅଳ୍ପ କାହିଁକି ? ଏପରି ହସ୍ କରୁଛ କାହିଁ ?

ଚନ୍ଦ୍ରାବଳୀ—ପଦ୍ମେ ଗୋ ! ସେହି କଥାକୁ ଏକା ହସ୍ କରୁଛି ।

ପଦ୍ମା—କେଉଁ କଥାକୁ ସଖି ?

ଚନ୍ଦ୍ରାବଳୀ—କହୁଛି ଶୁଣ :—

ଗୀତ

(ସହି ଗୋ ! ଏ ରାଧାର ମରଣଟି ଶ୍ରେୟ—ବୃନ୍ଦେ)

ସହି ଗୋ ! ଭାଲି କଥା ନ ଯାଏ ମନରୁ ।
ଥକୁଛି ମୋ ଦେହ ତାଙ୍କ ନାମ ଧରୁ ଧରୁ ଗୋ ! । ଘୋଷା ।

ଯମୁନା କୂଳରେ ମୁହିଁ, ଶ୍ୟାମ ଗୁଅଙ୍କୁ ଚାହିଁ,
କଥା ହେଉଥିବାର ଚରିତ ।

ଜାଣି ଦୂର ଗୁରୁ ହୁଡା, କହୁଲେ ଆସି ହଠାତ,
ମୋ ଶାଶୁ ନଣନ୍ଦଙ୍କ ପାଶେ ତ ଗୋ ! ପ୍ରିୟସହି ଗୋ !

ଭାଲି କଥା ନ ଯାଏ ମନରୁ ।
ଥକୁଛି ମୋ ଦେହ ତାଙ୍କ ନାମ ଧରୁ ଧରୁ ଗୋ । ୧ ।

Digitized by PPRACHIN, SOA

ଠାବେ ଠାବେ ଭେଦ୍ଧ ଭେଦ୍ଧ, ଦେଖିଛନ୍ତି ବୁଦ୍ଧାବୁଦ୍ଧ;
ସେ ଗୂଢ଼ତ ପ୍ରସଙ୍ଗ ସବାଇ ।
ଅନୁମାନ କର ଯାହା, ଜାଣିଲେ ମୋହର ନାହା,
ଠାଉ ଠୁଉ ମାଡା ଅଗେ ବନ୍ଧୁ ଗୋ ! ପ୍ରିୟସନ୍ଧ ଗୋ !
କାଲିକଥା ନ ଯାଏ ମନରୁ ।
ଥକୁଛ ମୋ ଦେହ ତାଙ୍କ ନାମ ଧରୁ ଧରୁ ଗୋ ।୨।

(ବୈଷ୍ଣବ ଚରଣ ଦାସ)

ପଦ୍ମା—ସଖି ! ଦମ୍ଭବତୀ ହୁଅ ।

ଗୀତ

(ବେଣୁପାଣି ! କାହ୍ନ ଝଠ ଝଠ କଣି ପାହ୍ନଲକ୍ଷ୍ମୀ—ବୃତ)

ସଖି ! ଦମ୍ଭଧର ନ ହୁଅ ବିମନା ଗୋ, ଚନ୍ଦ୍ରାନନା ! । ଘୋଷା ।
ଯୋଗମାୟାଙ୍କ କୃପାରୁ ତୋର ମନୋରଥ ।
ପୂର୍ଣ୍ଣ ହେବ ବୃଥା ଚିନ୍ତା ଛାଡ ପ୍ରାଣମିତ ଗୋ, ଚନ୍ଦ୍ରାନନା ! । ୧ ।
ଚନ୍ଦ୍ରକ ଚୂଳିଆ ଇନ୍ଦ୍ରନୀଳମଣି କାନ୍ତ ।
ତୋ ପ୍ରେମରସରେ ସଦା ମଜ୍ଜି ରହିଛନ୍ତି ଗୋ, ଚନ୍ଦ୍ରାନନା ! । ୨ ।
କି କରି ପାରିବେ ଶତ ଶତ ଅସହଣୀ ।
ନ ହୁଅ ଏ ଚିନ୍ତାର୍ଥିନୀ ଚିନ୍ତ ଚିନ୍ତାମଣି ଗୋ, ଚନ୍ଦ୍ରାନନା ! । ୩ ।

(ବୈଷ୍ଣବ ଚରଣ ଦାସ)

Digitized by PPRACHIN, SOA

ଚନ୍ଦ୍ରାବଳୀ—ସଖି ସତ୍ୟେ ! ସତେ ମୋ ବାସନା ପୂରିବ ?
ମନରେ ପ୍ରତେ ନାହିଁ ତ ?

ଶୈବ୍ୟା—(ନେପଥ୍ୟରୁ ପ୍ରବେଶ ହୋଇ କହୁଲେ)
ସଖି ଚନ୍ଦ୍ରାବଳି ! ଗୋଟିଏ ଦୁଃଖର କଥା ଦେଖିଲି ଦେଖିଲା-ବେଳୁଁ ମୋ ମନ ଘାଣ୍ଟି ଚାଲିଛି ହେଉଛ, ଆହା ! ଦଇବ କ'ଣ ନ କରେ ?

ଚନ୍ଦ୍ରାବଳୀ—ଶୈବ୍ୟେ ! କି ଦୁଃଖ କାହାର ଦେଖିଲି ?

ଶୈବ୍ୟା—କୃଷ୍ଣଙ୍କର ଗୋ ! କୃଷ୍ଣଙ୍କର ।

ପଦ୍ମା—ତାଙ୍କର କି ଦୁଃଖ ପୁଣି ? ନୂଆ ନାଗରଙ୍କର ତ ନୂଆ ନଆ ସୁଖର ସୀମା ନାହିଁ, ତାଙ୍କର ଦୁଃଖ ବୋଇଲେ କିଏ ବିଶ୍ୱାସ କରିବ ସଖି ? ବୋଧହୁଏ ମିଛ କହୁଛ ।

ଶୈବ୍ୟା—ନା ସଖି ! ମିଛ କାହିଁକି କହିବି ? ସାକ୍ଷାତରେ ଏବେକ୍ଷଣି କଦମ୍ବମୂଳରେ ଦେଖି ଆସିଲି ।

ଚନ୍ଦ୍ରାବଳୀ—(ଆକୁଳତା ଭାବେ କହୁଲେ) କଅଣ ଦେଖିଲି ଶୈବ୍ୟେ ! ଚଞ୍ଚଳ କହ ? ମୋ ପ୍ରାଣରେ ବାଧା କରାଇ ହେଲି ଯେ, ସଖି !

ଶୈବ୍ୟା—ସଖି ! ଦୁଃଖୀ ଶ୍ୟାମସୁନ୍ଦରଙ୍କ ଦୁଃଖ କହୁଛି ଶୁଣ :—

ଗୀତ

(ବରଜବନ୍ଧୁ ହେ ! ପଣ୍ଟର ଯାହା—ପ୍ରଭୃ)

ଅଗୋ ଚନ୍ଦ୍ରାବଳୀ ପ୍ରାଣସଙ୍ଗିନି !
ଯା ହୋଇଗଲେଣି ମୁରଲୀପାଣି !

Digitized by PPRACHIN, SOA

ଡୁମ୍ବରଲଗି ସେ ଘନସୁନ୍ଦର ।
ହେଲେଣି ଦ୍ୱିତୀୟା ଶଶୀ ଆକାର ଗୋ !

କଦମ୍ବ କୁଞ୍ଜଟି ବସା ଗୋ ! କଦମ୍ବ ନିକୁଞ୍ଜ ବସା ।
ହା ହା ପ୍ରାଣେଶ୍ୱରୀ   ବୋଲି ଅବକାରେ
ଲୋଟନ୍ତ ନ ଛୁଟେ ଭ୍ରାନ୍ତା ଗୋ । ୧ ।

ନିରନ୍ତେ ମଦନ ଜ୍ୱରେ ଅଛନ୍ତି ।
ନୀରପାନ ବିନା ଆନ ନ ରୁଚି ।
ନୀରଜନୟନେ ଅଶ୍ରୁ ମଣ୍ଡନ ।
ନିରନ୍ତରେ ରାଧା ନାମ କୀର୍ତ୍ତନ ଗୋ !
ଗିର କହୁଁ କହୁଁ ଭୁଲ ଗୋ ! ଗିର କହୁଁ କହୁଁ ଭୁଲ ।
ଶିର ଢାଳୁଛନ୍ତି   ଯେ ଯାହା କହିଲେ
ନ ବୁଝନ୍ତି ହୋଇ ଜଡ଼ ଗୋ ।୨।

ଘର ବାହାରେ ନ ବସଇ ମନ ।
ବରବରନା ! ତୋତେ ସଦା ଧ୍ୟାନ ।
ଶ୍ରେୟବସର କୁଞ୍ଜବନେ ପଶନ୍ତି ।
ହାରକେଦନ୍ତୀ ! ତୋତେ ଚିନ୍ତି ଚିନ୍ତି ଗୋ !
ଥର ଥର ତନୁ ଥରେ ଗୋ ! ଥର ଥର ତନୁ ଥରେ ।
ଧରଣୀ ଧର   ଉପାୟ କରୁଛନ୍ତି ।
କାର୍ଯ୍ୟ ଲକ୍ଷ୍ୟ ନୋହୁଚାରେ ଗୋ ! । ୩ ।

(୬ କବିସୂର୍ଯ୍ୟ ବ୍ରହ୍ମା)

Digitized by PPRACHIN, SOA

ଚନ୍ଦ୍ରାବଳୀ—ଅହା ! ସଖି ଗୋ ! ମୁଁ କି କଥା ଶୁଣିଲି ?
ସେ ସୁକୁମାର ମୂରତି ମୋ'ଲାଗି ଏତେ ଦୁଃଖୀ ହୋଇ-
ଛନ୍ତି ସତେ ? ହାୟ ! ହାୟ !! ମୁଁ କି ଉପାୟ କରିବି ?
ଅହା ଜୀବନବଲ୍ଲଭ !

ଗୀତ

(ନବୀନ ଘନ ଏ କେତେ ନୂତନ ମାନବ—ତ୍ରିତ)

ଅହା ଜୀବନବଲ୍ଲଭ ଅହେ ପଦ୍ମମୁଖ !
ଛାର ଅଭାଗିନୀ ଲାଗି ସହିଲ ଯା ଦୁଃଖ ॥

କେଉଁଗୁଣେ ସମସରି ହେବି ମୁଁ ତୁମ୍ଭଙ୍କ ।
ରୁକ୍ମିଣୀଠାରେ ବଳାଇଲ ଯା ସ୍ନେହକୁ ॥

ଅଜନ୍ମ ଦୁଃଖିନୀ ମୁଁ ତ ଅକିଞ୍ଚନାର୍ଦ୍ଧ ପୁଣ୍ୟ ।
ତୁମ୍ଭ ସେବାକୁ ବା କାହିଁ ହୋଇବି ଭାଜନ ॥

ଅହେ ଗୋକୁଳଚନ୍ଦ୍ରମା ଲାବଣ୍ୟ ପସରା ।
ସୁକୁମାର ମୂରତି ହେ ସତୀ-ଧୃତି ହରା ॥

କେପରି ଦେଖନ୍ତି ଥରେ ହେଲେ ତୁମ୍ଭ ଗାତ୍ର ।
ମନା ତ ହେଲାଣି ମୋତେ ବାହ୍ୟ ଗତାଗତ ॥

କି ବୁଦ୍ଧି କରିବି ପ୍ରଭୁ ନ ଦିଶେ ଉପାୟ ।
ଭୋଳହୋଇ ଯାଉଛନ୍ତି ଏ ପାପିନୀ ହୃଦୟ ॥

ଯେବେ ତବ ସୁଦୟା ଏ ଦାସୀଠାରେ ଥିବ ।
ଅବଶ୍ୟ ଦୁଃଖିନୀ ଚନ୍ଦ୍ରା ସେବା ଯୋଗ୍ୟ ହେବ ॥

Digitized by PPRACHIN, SOA

(ଗାନଛଳେ ଅନୁତାପିନୀ ଚନ୍ଦ୍ରାବଳୀ ଅଶ୍ରୁନୟନେ ଭାବାବେଶିନୀ)

ଶୈବ୍ୟା } —(ସାନ୍ତ୍ୱନା ପ୍ରଦାନ କରୁ ସଖି ଚନ୍ଦ୍ରାବଳୀଙ୍କୁ
ପଦ୍ମା } କୋଳକରୁ ଘେନିଯିବା)

ଗୀତ

(ନିଶ୍ଚୟ ମୁଁ କଂସଲଗି ହେବ ଅବତାର—ପ୍ରଭ)

କିମ୍ପାଇଁ ଅନୁତାପିନୀ ହେଉ ଜୀବଧନ ?
ତୋ ପ୍ରେମେ ମୋହନ ହୋଇଛନ୍ତି ବନ୍ଧନ ॥

ଅଗୋ କଳାବତୀ ! କଳାକାନ୍ତୁ ସଙ୍ଗେ ଅମ୍ଭେ ।
ନିକଟରେ ମିଳାଇବୁଁ ଥୟଧର ଦମ୍ଭେ ॥

ଭଗବତୀ ଯୋଗମାୟା ଦେବୀ ପୌର୍ଣ୍ଣମାସୀ ।
ଏ ମାୟା ପଟଳ ବିନା ଅଛନ୍ତି ପ୍ରକାଶି ॥

ସେହୁ ଜନନୀ ଗୋ ତୋତେ ଛନ୍ତି ସୁପ୍ରସନ୍ନା ।
ନ ହୁଅ କାତରମନା ଅଗୋ ଚନ୍ଦ୍ରାନନା ! ॥

ଆସ ଆସ ପ୍ରାଣେଶ୍ୱରୀ ! ଯିବା ଉଦ୍ୟାନେ ।
କାଳୀକି ପୂଜିବା ଶ୍ୟାମଚନ୍ଦ୍ର ଦରଶନେ ॥

ତୋଳିବା ମନ୍ଦାରଫୁଲ ଗନ୍ଥି ଯତ୍ନେ ହାର ।
ମଣ୍ଡିବା ଶ୍ୟାମଙ୍କୁ ଶ୍ୟାମ ହେବେ ଗଳାହାର ॥

ବୁଲି ବୁଲି ଫୁଲବନେ ହାସ ପରିହାସେ ।
ସକଳେ ପୂର୍ଣ୍ଣ କରି ମନର ଆଶାସେ ॥

ଫେରିବା ସଂଦନେ ଅଗୋ ଧନ ଚନ୍ଦ୍ରାବଳି !
ତୁମ୍ଭ ମନ ପ୍ରାଣ କିଣିଲେଣି ବନମାଳୀ ॥
ଛାଡ଼ ଗୋ ହୃଦରୁ ଶଙ୍କା ଅଗୋ ଶଙ୍କାର୍ଥିନୀ ।
ଗୋଷ୍ଠିପାଳ ତୁମ୍ଭର ହେଲେଣି ଶଙ୍କାଟଣି ॥
ଅସ ଗୋ ! ଅସଗୋ ! ! ଚନ୍ଦ୍ରାବଳୀ ଚନ୍ଦ୍ରାନନୀ !
ଅସ ଗୋ ! ଅସ ଗୋ ! ! ସୁକୁମାରୀ ଜୀବଧନୀ !
ଅସ 'ଗୋ ! ଅସ ଗୋ ! ! ମୋହନ ମନମୋହିନୀ

(ଏହିପରି ଅଖର ଲଗାଇ ଗାନ୍ତଲେ ସଖୀ ଦୁହେଁ ଚନ୍ଦ୍ରାବଳୀକି
ଭୋଳକରି ଘେନିଯିବା ସମୟେ)

ପରଦା ପତନ



Digitized by PPRACHIN, SOA

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

କାମ୍ୟବନ

(ନାନ୍ଦୀମୁଖୀ, ବନଦେବୀ, ବୃନ୍ଦା ଧୀରେ ଧୀରେ ପ୍ରବେଶ)

ନାନ୍ଦୀମୁଖୀ—ସଖି ! ଚନ୍ଦ୍ରାବଳୀଙ୍କ କଥା କଅଣ କହୁଥିଲ ମୋତେ କହ ।

ବୃନ୍ଦା—ଚନ୍ଦ୍ରାବଳୀ ସୁନ୍ଦରୀ ତାହା ପ୍ରିୟସଖୀମାନଙ୍କ ସଙ୍ଗରେ ତେଣେ ଏହାକ୍ଷଣି ଭଦ୍ରବନ ଗଜସ୍ୱୀ ତୀର୍ଥଠାରୁ ଆସିବେ । ସୁକୁମାରୀ କୃଷ୍ଣପ୍ରେମିକା କୃଷ୍ଣଙ୍କୁ ଯେଉଁଦିନଠାରୁ ମନେ ମନେ ବରିଲେଣି, କୃଷ୍ଣକଥା ଶୁଣିଲେଣି, ସେହିଦିନୁ ବିରହିଣୀ ହୋଇ ସବୁଆଡ଼େ କୃଷ୍ଣମୟ ଦେଖୁଛି, ନିରନ୍ତର ନୟନ ଯୁଗଳରୁ ଧାର ଧାର ହୋଇ ନୀର ଝରିପଡ଼ୁଛି । ଅହା ! ନବରସିକା ନବରସିକଙ୍କ ଲାଗି କେତେ ଦୁଃଖ ପାଉଛି !

ଗୀତ

(ଛାଡ଼ିଲଣି ରାଧା ପୂର୍ବ ଗୁମାନ—ବୃତ୍ତେ)

ବିରହିଣୀ ଚନ୍ଦ୍ରାବଳୀ ନାଗରୀ ।
ନିରତେ ନୟନରୁ ଢାଳେ ବାରି ।

Digitized by PPRACHIN, SOA

ନୀଳଘନେ ଝୁହିଁ ଝୁହିଁ ସୁନ୍ଦରୀ ।
କି କହେ କାହାକୁ ଯେ ଭୁଜଙ୍କର ଯେ ।
ସବୁ ଦେଖେ କୃଷ୍ଣମୟ ସେ ।

ଚକ୍ଷୁ ଲଜାଳିବ,   ପାଶରେ ନ ଥିବ,
ଦମ ଦମ ତା ହୃଦୟ ଯେ ।୧।

ନିଜ ବେଶ ଝୁହିଁ ତମାଳ ପଟ୍ଟେ ।
ମୁକୁରେ ଢୋଳା ଦେଖି ଦନ୍ତ ଛଟେ ।
ସାସ୍ତ୍ର ଶୁକ ଯାଉ ଦେଲ ଅନଳୁ ।
ତେବେ ବୋଧି ନ ପାରିଲ ମନକୁ ସେ ।
ବୋଲେ ଧୂବ ନାଗ୍ରଞ୍ଜନ ସେ ।

କି ଦେଇ ଭଣ୍ଡିଲ,   ଶଙ୍କୁ ତାହାର;
ନୀଳ ନବଘନ ଶ୍ୟାମ ସେ । ୨ ।

"କ" କାର ଶୁଣି କୃଷ୍ଣ ନାମ ମଣେ ।
କୋକିଳ ବାଣୀ ସର୍ବଥା ନ ଶୁଣେ ।

କର୍ଣ୍ଣରେ କର ମୁଦେ ଯେବେ ଗୋପୀ ।
ସିନ୍ଧୁ ଗର୍ଜନ ଡହୁଁ ଶୁଣି ଡର ସେ ।
ବୋଲେ କାମ ମାୟାରୂପୀ ସେ ।

ଅଥଇ ଜଳରେ;   ମଡ଼ାଇ ବୁଡ଼ାଇ,
ମାରେ ଅନାଥିନୀ ଗୋପୀ ସେ । ୩ ।

ନୀଳୋତ୍ପଳ ଦେଖି ବୋଲେ ସେ ମଲି
ନଣନ୍ଦ ଆଦ କରନ୍ତି ଢମାଳି ।
କାଳୀ ନାମ ଶୁଣି ଭୁଷଣ ଅଢା ।

Digitized by PPRACHIN, SOA

ହସନ୍ତ ଭେଦ ନ ବୁଝନ୍ତ ତାହା ସେ ।
ପ୍ରେମ-ମଦେ ମତୁଅଛି ସେ ।
ପରମାସୁନ୍ଦରୀ,   ମଣିଷ୍ଠି ଯାହାର,
ମୃଗାଙ୍କୁ ସ୍ପୃହେଁ ନରୋଳ ସେ । ୪ ।

ନାନ୍ଦୀମୁଖୀ—ସଖି ବନଦେବି ! ମୁଁ ମଧ୍ୟ ସେ ବାଳାର ଭେଟେ ଭେଟେ ପ୍ରକାଶ ଚେଷ୍ଟା ଅନୁମାନ କରଇ ।

ବୃନ୍ଦା—କପରି ? କେଉଁଠାରେ ଦେଖିଲ ?

ନାନ୍ଦୀମୁଖୀ—ସଖିସ୍ଥଳୀଠାରେ, ଏହିପରି ସେ ବସନ୍ତ ଆଜ ଚନ୍ଦ ଲଳିତାଙ୍କୁ ନନ୍ଦାଙ୍କର କହୁଥିବାର ଶୁଣିଛି ।

ଗୀତ

(ପ୍ରୀତ ବୋଲି ଯେଉଁ ଦୁଇ ଅକ୍ଷର—ବୃତ୍ତେ)

ଶୁଣେ ହଳ ଏ ବସନ୍ତ ମରୁତ ।
ବିନା ଦୋଷରେ ଦେଉନା ଦହୁ ତ ।
ସଦାଗତ ନାମ ତୋହର ସତ ।
ସବର୍ଣ୍ଣେ ପାର୍ଶ୍ୱସୂନ୍ଧେ ସନ୍ଧି ଜାତ ସେ ।
(ବୋଲେ) ତୋର ଅର୍ଥ ବହେ ସେ ।
ଅନତ ମଧ୍ୟରେ ଲବାବ ନୋହେ । ୧ ।

ପୁଣି ଲୁଟଇ ଧନ୍ୟ ଶଶଧର ।
ତିବାର ଅନ୍ଦ୍ୟରେ ମୋହ ତସ୍କର ।
ନିଜ ହୃଦକୁ କି ଦୃଷ୍ଟି ନ କର ।

Digitized by PPRACHIN, SOA

ସତ୍ୱ ସୃଷ୍ଟି ତ ହୋଇଲା ଅମର ।
(ବୋଲେ) କେ ଜାଣେ ତୁମ୍ଭଙ୍କୁ ।
ଶହାଇ ହେଜିଲ ଏବେ କାହାକୁ ? । ୨ ।

ଶଶୀବଦନୀ କହେ ଅହେ ବନ୍ଧୁ ।
ଅପୂର୍ବ ନାମ ତୁମ୍ଭର ମୋ ବୁଝି ।
ଅବଳା ମାରିବା କେଉଁ ଉଚିତ ।
ଏହା ଅଦ୍ୟ ଛାଡ଼ କରୁଛ ହତ ।
(ବୋଲେ) କ୍ଷମ ଅପରାଧ ।
ବନ୍ଧୁ ବନ୍ଧୁ ବନ୍ଧୁର ବର୍ଣ୍ଣେ ବୋଧ । ୩ ।

କର ଅସଙ୍ଗତ ରତ ପତି ହେ ।
ଅନଙ୍ଗ ଶର ଅନଳେ ବର୍ଣ୍ଣ ଏ ।
ଏଣୁ ମଣୁଛି ଜାଳିବ ମୋ ଦେହ ।
ମୋ ହୃଦରେ ଅଛି ମୋ ବନ୍ଧୁ ସ୍ନେହ ।
(ବୋଲେ) ଏହା ମାତ୍ର ଛାଡ଼ ।
ସେ ମାଧୁର୍ଯ୍ୟାମୃତେ ଏ ଅଦ୍ର ବଡ଼ । ୪ ।

ବୃନ୍ଦା—ନାନ୍ଦୀମୁଖି ! ସତ୍ୟ, ସତ୍ୟ, ଏହାପର ତା ସ୍ୱଭ ।
ଏହାରୂପେ ଦନ୍ଦ ଦନ୍ଦ ଅଙ୍ଗ ।

ବୋଲେ ଯାଉ ମୋର ପରାଣ ଧିକ ।
ଶାଶୁ ନଣନ୍ଦ ଡରେ ହୋଏ ଧୀର ।
ବେଦନା ବ୍ୟାଙ୍କେ ଦୁଃଖର କାତର ସେ ।
ଶୈବ୍ୟା ପଦ୍ମାଦ ସଜନୀ ସେ ।

Digitized by PPRACHIN, SOA

ପରସ୍ପରମାନେ,   ବାଳାର ଉପାୟ—
ମାନ କରନ୍ତୁ ସେ ଯେନ ସେ ॥

ନାନ୍ଦୀମୁଖୀ—ବୃନ୍ଦେ ! ଆସ ତ ବହିନ, ଚନ୍ଦ୍ରାବଳୀର ଅବସ୍ଥା ଦେଖି-ଆସିବା, ଆଉ ମଧ୍ୟ ପ୍ରବୋଧ ଦେଇ ଆସିବା ।

ବୃନ୍ଦା—ହଁ ସଖି, ଚାଲ ଭଦ୍ରବନରେ ସେ କାଳି ପୂଜାରେ ଥିବେ; ସେଠାକୁ ଚାଲ ।

(ଦୁହିଁଙ୍କ ପ୍ରସ୍ଥାନ)

ଷଷ୍ଠ ପରିବର୍ତ୍ତନ

ତୃତୀୟ ଅଙ୍କ

ଦ୍ୱିତୀୟ ଦୃଶ୍ୟ

କୁସୁମିତ ଭଦ୍ରବନ

(ଚନ୍ଦ୍ରାବଳୀ, କାଳପୂଜା ନିମନ୍ତେ ସଖୀମାନଙ୍କ ସଙ୍ଗେ ଫୁଲ ତୋଳୁଥିବା ଅବସ୍ଥାନ)

ଗୀତ

(ଉପର୍ବଲିତା ନବ ବନିତା—ବୃନ୍ଦେ)

ସନ୍ଧ୍ୟା— ଚାହିଁ ଗୋ ସହ,   କି ଶୋଭା ଏହ,
କୁସୁମବନ ଶୋଭା ଗୋ ।

Digitized by PPRACHIN, SOA

ଚନ୍ଦ୍ରାବଳୀ— ସ୍ଥୂଳ ଡୋଳକବା,   ଚାଲ ସୁଣିବା,
ଭବାନୀ ହେବେ ଲେଖି ଗୋ, (ଏ ଫୁଲେ) ॥

ଶୈବ୍ୟା— ଏ ଜବା ଦେଖ.   ଡୋଇ ନନ୍ଦିଣ,
ରହୁଛି ଅମ୍ବପାଇଁ ଗୋ ! (ସଙ୍ଗାତ) ।

ଚନ୍ଦ୍ରାବଳୀ— ଚମ୍ପକ ତୋଳ,   ଗନ୍ଥିବା ମାଳ,
ପୂଜିବା ଅମ୍ବିକାଇ ଗୋ ! (ସଙ୍ଗାତ) ॥

ପଦ୍ମା— ଦେଖ ସଜନୀ,   ଏ ତ ରଜନୀ,
ଭର ମଲ୍ଲୀକା ବାସ ଗୋ ! (ସଙ୍ଗାତ) ।

ଚନ୍ଦ୍ରାବଳୀ— ନ କର ହେଳା,   ଭଦ୍ରା ଶ୍ୟାମଳା,
ତୋଳିବା ଆସ ଆସ ଗୋ ! (ସଙ୍ଗାତ) ॥

ଭଦ୍ରା— ଦେଖ ରେ କୁନ୍ଦ—   ଦଶନା କୁନ୍ଦ,
ଫୁଟିଛି କେତେ ଏଥି ଗୋ ! (ସଙ୍ଗାତ) ।

ଚନ୍ଦ୍ରାବଳୀ— (ଅତି) ପସନ୍ଦ କରି,   ସ୍ୱଚ୍ଛନ୍ଦ ମନେ,
ତୋଳିବା ସେନ୍ତି ସେନ୍ତି ଗୋ ! (ସଙ୍ଗାତ) ॥

ଶ୍ୟାମଳା— ଦେଖ ଗୋ ଅଳି,   ଫୁଲ୍ଲ କଅଳି,
ରଙ୍ଗଣୀ ଛତ୍ରିଅନା ଗୋ ! (ସଙ୍ଗାତ) ।

ଚନ୍ଦ୍ରାବଳୀ— ପଶୁଛୁ ବସ,   ତୋଳିବା ଆସ,
ସବୁ ମିଶାଇ ସିନା ଗୋ ! (ସଙ୍ଗାତ) ॥

ସମସ୍ତ ସଖୀ— ହେ କୁଳପାଳ,   ତୁ ଜପାମାଳ,
କରୁଛୁ ଯାର ନାମ ଗୋ ! (ସଙ୍ଗାତ) ।
ସେ ଗଳେ ମିଳ,   କହିବୁ ଅଳ !
ଏ ତ କେଳିଆରାମ ଗୋ ! (ସଙ୍ଗାତ) ॥

Digitized by PPRACHIN, SOA

ଚନ୍ଦ୍ରାବଳୀ—ସଖି ମୁଁ ଯେ ତାଙ୍କୁ ଜାଣି ଜାଣି ପ୍ରାଣେ ଡରୁଥାଇଁ, ତାଙ୍କ ନାମ ଶୁଣିଲେ ମୋ ଦେହ ଗୋଟା ଥରିଯାଏ, ତାଙ୍କ ନାମ କହନା, କହନା ।

ଗୀତ

ତାଙ୍କ ନାମ ଶୁଣି ଥରୁଥାଇଁ
(ମୁଁ ତ) ପ୍ରାଣେ ଡରୁଥାଇଁ ଗୋ ।
(ମୁଁ ତ) ଜାଣି ଡରୁଥାଇଁ ଗୋ !

ଅସହଣୀଙ୍କର, ମେଳ ସଙ୍ଗ ସହୁ,
ଲୋକଲାଜେ ମରୁଥାଇଁ, ମୁଁ ତ । ଘୋଷା ।

ଦିନେ ମୋତେ ଏକା, ଦେଖିକରି ବକା—
ଛଳି ଯାଇ ଦେଲେ ପାନ ଗୋ ।

ବୋଇଲେ ଏ ମୋର, ଅଧର ରଞ୍ଜନ,
ଦେଉଛି ଅଧର ପାନ, ମୁଁ ତ । ୧ ।

(ପରି) ଦିନେ କପଟନେ, ଲୁଚି ବସିଥିଲେ,
ମୋ ଦରଶନକୁ ଠାଇ ଗୋ ।

ନଦର ଦୋଇ; କୁସୁମ ତୋଳୁଥିଲି,
ଓଢ଼ୁ ପଚାଇଲେ ଯାଇ, ମୁଁ ତ । ୨ ।

(ତୁମ୍ଭେ) ଅଳି ଓଗାଳିଣ, ଟାଳିଦେଲି ଯନ୍ତୁଁ;
ପଳାଇଗଲେ ବଂଶୀଧରି ଗୋ !

ଛାଡ଼ିଲେ କି ହେବ, ସେହୁ ଦିନଠାରୁ,
ଯାହାଙ୍କୁ ବୁଝି ଥାଏ, ମୁଁ ତ । ୩ ।

Digitized by PPRACHIN, SOA

ସଖୀଗଣ— ଚଳ ମନ୍ଦ ମନ୍ଦ,—   ପୁଅଠାରେ ନାହିଁ,
ନୀପମୂଳେ ତାର ଶଢି ଗୋ !
କଞ୍ଜନୟନାଙ୍କି;   ଏକାନ୍ତେ ଦେଖିଲେ,
କୁଞ୍ଜକୁ ନଅଇ ସୂଷ୍ଟି । ୪ ।

ଚନ୍ଦ୍ରାବଳୀ— ଅଗୋ ସଖୀଗଣ,   ଶୁଣ ତାଙ୍କ ଗୁଣ,
ମୋଠାରୁ ପଣେ ଅଧିକା ଗୋ !
ଜାଣି ଏ ଭାବକୁ,   ମୋର ବଲ୍ଲଭକୁ,
କରିଥାନ୍ତି ଭୁଲ ଲେଖା । ୫ ।

(୰ ଗୌର ଚରଣ)

ନେପଥ୍ୟେ (ଚନ୍ଦ୍ରାବଳୀଙ୍କ ନାମ ଧରି ଘନ ଘନ ବଂଶୀ ଧ୍ୱନି)

ଚନ୍ଦ୍ରାବଳୀ—(ଫୁଲ ଡାଳରୁ ହସ୍ତ ଖସାଇ ଚମକି ପଡ଼ିଲେ ଓ ସ୍ଥିର ଥିର ଉଠିଲା) ହାୟ ! ହାୟ !

(ଢଳି ଢଳି ପଡ଼ିଲେ)

ଶୈବ୍ୟା—ଆହା ! ପ୍ରିୟସଖୀର ଏବେକି ଦଶା ? (ଚଞ୍ଚଳ ହୋଇ ଧରିଲେ)

ପଦ୍ମା—ଆହା ! ସୁକୁମାରୀ ଚନ୍ଦ୍ରାବଳୀ ଗୋ ! କାହିଁକି ଏପରି ହୋଇଗଲ ? ସଖି ! ଉଠ ଉଠ, ବଂଶୀଧ୍ୱନି ଶୁଣି କାହିଁ ଧୈର୍ଯ୍ୟ ହରାଇଦେଲ ?

ଭଦ୍ରା—ଚନ୍ଦ୍ରମୁଖି ! ଉଠ ସଚେତ ହୁଅ ।

ଶ୍ୟାମଳା—ଧନମାଳି ! ଏ ବଂଶୀଧ୍ୱନି ତୋତେ ଏପରି କରାଇଦେବ କିନା ? ପ୍ରିୟସଖି ଗୋ ! ଦମ୍ଭ ଧର ।

ସବୁସଖୀ—ସଖି ! ଦମ୍ଭ ଧର ।

Digitized by PPRACHIN, SOA

ଗୀତ

ହସ୍ତ ଧର ପ୍ରିୟସଖି !   ଅଗୋ ସୁରୁ ଚନ୍ଦ୍ରମୁଖି;
ଚନ୍ଦ୍ରାବଳୀ କନକବରନା ।
ଏ ମୋହନ ବଂଶୀ ଧ୍ୱନି;   ସିନା ଗୋ ପିକବଚନି,
ତୋତେ ଏହା କଲାଟି ନହାନା ଗୋ । ପ୍ରିୟସହୃ ଗୋ !
ଉଠ ଉଠ ହୁଅ ଗୋ ସଚେତ ।
କି କେ ଅକାରଣେ ଧନ ହେଉଛ ଏମନ୍ତ ଗୋ । ୧ ।

ସେ ନୂଆ ରସିକରାଜ,   ବଞ୍ଚିବ କି କୁଳ ଲାଜ,
ନତ ନତ କରେ ଏହୁପରି ।

କାହୁଁ କି କର ତୋ ନାମ,   ଜାଣିଲା ସେ ଘନଶ୍ୟାମ,
ଘୋଷିଲଣି ମୂଳମନ୍ତ୍ର କରି ଗୋ ! ପ୍ରିୟସହୃ ଗୋ !

କିମ୍ପା ବଳାଇଲୁ ତାରେ ମନ ।
ଜାତ ପାଟକରେ ତୁ ତ ହୋଇବୁ ଅଚ୍ଛନ୍ନ ଗୋ । ୨ ।

ଚନ୍ଦ୍ରାବଳୀ—(ସଚେତ ହୋଇ ଜଡ଼ିତ କଣ୍ଠେ କହୁଲେ)
ସଖି ! ଏ ବଂଶୀ ତ ମୋତେ ଉଗାସ୍ତ ହେଲା ? କି
ବୁଝି କରିବ, ମୋତେ ଉପାୟ କହ ? (ଅଶ୍ରୁ ମୋଚନ)

ପଦ୍ମା—ଆଜ କାନ୍ଦଲେ କି ଫଳ ସଖି ! ଆସ, ଆସ; ଏହୁ ଫୁଲତଳ
ମାଳ ଗୁନ୍ଥି ରକ୍ଷସ୍ତ ତୀର୍ଥରେ ଭଦ୍ରକାଳୀଙ୍କି ମନାଇବା । ସେ
ଦେବୀ ସୁପ୍ରସନ୍ନା ହେଲେ ଅବଶ୍ୟ ତୋର ଏବାଧା ହରଣହେବ

Digitized by PPRACHIN, SOA

ଚନ୍ଦ୍ରାବଳୀ—ହେଉ ସଖି ! ଚାଲ ।

ସଖିଗଣ—(ଚନ୍ଦ୍ରାବଳୀଙ୍କି ଧରି ସମସ୍ତଙ୍କର ଧୀରେ ଧୀରେ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

ତୃତୀୟ ଅଙ୍କ

ତୃତୀୟ ଦୃଶ୍ୟ

ଧୀର ସମୀର

(ଶ୍ରୀକୃଷ୍ଣ, ସୁବଳଙ୍କ ପ୍ରବେଶ)

(ଅନ୍ୟ ଦିଗରୁ ମଧୁମଙ୍ଗଳଙ୍କ ପ୍ରବେଶ ଓ ଉଚ୍ଚ ପରିହାସ ଭଙ୍ଗି)

ମଧୁମଙ୍ଗଳ—ବାହ୍ନୁ ! ତୁ ବଡ଼ ହଟହଟିଆ, ନଟଖୁଟିଆ, ଲଟପଟିଆ । ଭାଇ ପୌର୍ଣ୍ଣମାସୀ ତୋ କାନ ପାଖରେ ଛୁନ୍ କରି କି ମନ୍ତ୍ର ଯନ୍ତ୍ର ଶୁଣାଇ ଦେଇଥିଲେ ଯେ, ଛାଡ଼ା ଅଛି ପରୀକ୍ଷା କରିବାକୁ ବସିଲୁ ? ଯା, ଯା, ତୋତେ ଆଉ କଅଣ କହିବା ?

ଶ୍ରୀକୃଷ୍ଣ—କଅଣ ବଟୁ ! କଅଣ ହେଲା କି ?

ମଧୁମଙ୍ଗଳ—ଅରେ ଭାଇ ! ମୁଁ ଏବେକ୍ଷଣି ବୃନ୍ଦାବନ ବାଟେ ତୋ ପାଖକୁ ଆସୁ ଆସୁ, ଦେଖିଲି ସେହି ଚନ୍ଦ୍ରାବଳୀ ଝୁଲସାହି ମନ୍ଦାର ଗଛଟା ମୂଳରେ ଫାଶ ଗଳାଦେଇ ପଡ଼ୁଛନ୍ତି, ଆଉ ତାର ସଙ୍ଗ ସଖୀ ଗୁରୁଜଣଯାକ ବଞ୍ଚାଇବାରେ ଲଗିଛନ୍ତି ।

Digitized by PPRACHIN, SOA

ଶ୍ରୀକୃଷ୍ଣ—ବଟେ ! ସତ କହୁଛ ?

ମଧୁମଙ୍ଗଳ—ହଁ ସ୍ୱାଇ; ମିଛ ନୁହେଁ, ସାକ୍ଷାତେ ଦେଖି ଆସିଲି ସଖା ।

ଶ୍ରୀକୃଷ୍ଣ—ତା' ଘର୍, ତା' ଘର୍ ?

ମଧୁମଙ୍ଗଳ—ତା' ଘର୍ କଅଣ ହୋଇଥିବ କିଏ ଜାଣେ ?

ଶ୍ରୀକୃଷ୍ଣ—ଭଲ କଅଣ ଜାଣିଛ ? କହ, କହ ସଖା ।

ମଧୁମଙ୍ଗଳ—ଆଉ କଅଣ କହିବ ତାହା ! ଚନ୍ଦ୍ରାବଳୀର ସେ ସଖୀମାନେ କଅଣ କହୁଥିଲେ, ମୁଁ ଅଳ୍ପ ଶୁଣିଛି ।

ଶ୍ରୀକୃଷ୍ଣ—କଅଣ କହୁଥିଲେ ?

ମଧୁମଙ୍ଗଳ—କହୁଥିଲେ କି, ସଖି ! ଚାଲ ଚନ୍ଦ୍ରାବଳୀକି ମନାଇବା; ଯେପରି ଆମ୍ଭ ଅଭୀଷ୍ଟ ପୂର୍ଣ୍ଣ ହେବ ।

ଶ୍ରୀକୃଷ୍ଣ—ତେବେ ସେଠାକୁ ଗଲେ ତ ତାଙ୍କୁ ଦେଖି ପାରିବା ?

ମଧୁମଙ୍ଗଳ—ହଁ, କାହିଁକି ନ ଦେଖିବା ? ଅବଶ୍ୟ ଦେଖି ପାରିବା ।

ଶ୍ରୀକୃଷ୍ଣ—ତେବେ ଚାଲ, ସେହି ଗଉରୀ ତୀର୍ଥଠାକୁ ଯିବା ।

ମଧୁମଙ୍ଗଳ—ହେଉ, ଆସ ।

ଗୀତ

(କଳାକର ସୁନ୍ଦରଙ୍କୁ ମୁଁ ଭୁଲି ପାରଇଁ କି—ପ୍ରଭ)

ଆସ ଆସ ଚଞ୍ଚଳ ମୋ ନାହୁଆ କହାଇଁଛି ।
ଯା ସଙ୍ଗ ନେଉଛୁ ପଥେ ସେ ଥିବେ ଅନାଇଁଛି । ପଦ ।
ନାଶ ମନୁ ସବୁ ଦୁଃଖ, ହାସରେ ମଣ୍ଡି ଶ୍ରୀମୁଖ ।
ପାଶରେ ତାଙ୍କର କେତେ କହିବ ଯେନାଇଁଛି । ୧ ।

Digitized by PPRACHIN, SOA

ବାସନା ହୋଇବ ପୂର୍ଣ୍ଣ,   ରାସ ରସିକ ମୋହନ,
ତା ସଙ୍ଗ ମିଳନ ସୁଖ ଦେବ ମୁଁ ବନାଇଁଟି ।୨।

ମାସ ଉପବାସୀ ସମ,   ଦଶଇ ତା ଅଙ୍ଗ ଖିନ୍ନ;
ଦାସଅଙ୍ଗୀ ଦରଶନ ପାଇବ ଦନାଇଁଟି ।୩।

(ବୈଷ୍ଣବ ଚରଣ ଦାସ)

(ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ କରି ମଧୁମଙ୍ଗଳ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

ତୃତୀୟ ଅଙ୍କ

ଚତୁର୍ଥ ଦୃଶ୍ୟ

ବନପଥ

(ଯୋଗମାୟା ପୌର୍ଣ୍ଣମାସୀଙ୍କ ପ୍ରବେଶ)

ପୌର୍ଣ୍ଣମାସୀ—(ସ୍ୱଗତଃ) ନୀଳମୂରତି ବୃନ୍ଦାବନଚନ୍ଦ୍ରଙ୍କୁ ମୁଁ ଯେଉଁ ନାଗରୀ ବଶ ମନ୍ତ୍ରଟି ଶିଖାଇ ଦେଇଥିଲି, ଆଜି ସୁସମୟ ଜାଣି ସେ ରସିକଶେଖର କୃଷ୍ଣ, ଚନ୍ଦ୍ରାବଳୀର ନାମ ଧରି ବଂଶୀଟି ଫୁଙ୍କି ଦେଲେଣି ତ ! ଜାଣି ପାରୁଛି ସୁକୁମାରୀ ଚନ୍ଦ୍ରାବଳୀଟି ଏ ମୋହନ ବଂଶୀସ୍ୱନ ଶୁଣି ଉବଶା

Digitized by PPRACHIN, SOA

ହୋଇଯାଇ ଥିବ । ନିଜପୁର ମଧ୍ୟରେ ଥିଲେ କଥାଟା ପ୍ରକଟ ହୋଇ ପଡ଼ି ଥାଆନ୍ତା । ତେବେ ଅନୁମାନ କରି ଯାହା କି ପଦେ ଅଧେ କହୁ ଦେଉଛନ୍ତି, ସାକ୍ଷ ଲକ୍ଷରେ ଦେଖି ଅହୁରି ଅପବାଦ ଦିଅନ୍ତେ, ଯାହାହେଉ ନବ-ରସିକା ଚନ୍ଦ୍ରା, ତାର ସଖିମାନଙ୍କୁ ନେଇ ବୃନ୍ଦାବନକୁ ଫୁଲ ତୋଳିବା ଛଳେ ଘରୁ ବାହାର ଆସିଥିଲା. ନୋହିଲେ କଷ୍ଟମ ଶଙ୍କଟରେ ପଡ଼ିଯାଇ ଥାଆନ୍ତା, ମୁଁ ଏବେ ଯାଏଁ, ତାର କି ଅବସ୍ଥା ହୋଇଥିବ ଦେଖେଁ ।

ଗୀତ

(ହେ ଶ୍ୟାମ ! ରାଧା ସତେ ତମ୍ଭର—ସ୍ୱର)

ଦେଖିବ ବନ୍ଧୁଅଙ୍କୁ କି ଭଳି ।
ଅଙ୍ଗନାମ ସୁଖୀ ସେହୁ ଚନ୍ଦ୍ରାବଳୀ । ଘୋଷା ।
ମୁରଲୀ ଧ୍ୱନି, ଶ୍ରବଣେ ଶୁଣି,
କି ଅବସ୍ଥା ହୋଇଥିବ ନବବାଳୀ । ୧ ।
ସଖୀଙ୍କ ସଙ୍ଗେ, ରସ ପ୍ରସଙ୍ଗେ,
ଆସିଥିଲା ବୃନ୍ଦାବନେ ଫୁଲ ତୋଳି । ୨ ।

(ଗୀତ ଗାଇ ଗାଇ ପ୍ରସ୍ଥାନ)

ପଞ୍ଚ ପରିବର୍ତ୍ତନ

Digitized by PPRACHIN, SOA

ତୃତୀୟ ଅଙ୍କ

ପଞ୍ଚମ ଦୃଶ୍ୟ

ଗଉରୀ ତୀର୍ଥ

(ଭଦ୍ରକାଳୀ ପ୍ରସନ୍ନା ହୋଇ ଦଣ୍ଡାୟମାନା)
ଚନ୍ଦ୍ରାବଳୀ, ଶୈବ୍ୟା, ପଦ୍ମା, ଭଦ୍ରା, ଶ୍ୟାମଳା
କରଯୋଡ଼ ବନ୍ଦନା ଗାନ)

ଗୀତ

(ଅଜ୍ଞାନ ତିମିରେ ତସ୍ତ ଅନ୍ଧକାର ଥିଲି—ବୁଝେ)

ଜୟ ଜୟ ଭଦ୍ରକାଳି ଜୟ ଗୋ ଭବାନି !
ଜୟ ଜୟ କରାଳିକେ ଜୟ ବିନାଶିନୀ ମା ।। ୧ ।
ଜୟ ଜୟ ଭବାନୀ ଗୋ ମହିଷମର୍ଦ୍ଦିନୀ ।
ଜୟ ଜୟ ଶାକମ୍ଭରି ଶ୍ମଶାନ ବାସିନୀ ମା ।। ୨ ।
ଜୟ ଜୟ ଦୁର୍ଗେ ମାତଃ ! ଦୁର୍ଗତି ନାଶିନୀ ।
ଜୟ ଜୟ ଯୋଗମାୟା ଅଟ୍ଟହାସିନୀ ମା ।। ୩ ।
ଜୟ ଜୟ ଚପଳା ଗୋ ! ତାରା ତ୍ରିନୟନା ।
ଜୟ ଜୟ ମୁକ୍ତକେଶୀ ଚଣ୍ଡୀ କପାଳିନୀ ମା ।। ୪ ।

(ଏହି ବନ୍ଦନା ଗାନ ସହିତ ଯୋଗମାୟାଙ୍କ ଶ୍ରୀଚରଣ ତଳେ
ପଡ଼ିଲେ ଓ ମନ୍ଦାର, ଜାଈ, ଯୂଥି, ରଙ୍ଗଣୀ, ପ୍ରଭୃତି ଫୁଲମାଳା

Digitized by PPRACHIN, SOA

ଦେଇ ଦେବୀଙ୍କି ମନୋବାଞ୍ଛା ଫଳ ପ୍ରାର୍ଥନା କରିବା ଅଭିନୟ)

ପୌର୍ଣ୍ଣମାସୀ—(ନେପଥ୍ୟରୁ ପ୍ରବେଶ ହେଲେ)

ଚନ୍ଦ୍ରାବଳୀ—(ସଖୀମାନଙ୍କ ସହିତ ପୌର୍ଣ୍ଣମାସୀଙ୍କୁ ମାନ୍ୟ ଆଚରିଲେ)

ପୌର୍ଣ୍ଣମାସୀ—ତୁମ୍ଭମାନଙ୍କର ମନକାମନା ପୂର୍ଣ୍ଣହେଉ ।

(ଚନ୍ଦ୍ରାବଳୀଙ୍କ ପ୍ରତି ଚିବୁକ ଧରି କହିଲେ) ଧନମାଳି ! ତୋ ମୁଖଟିରେ ହରଷ ନାହିଁ କାହିଁକି ? ମନେ ମନେ କି ଚିନ୍ତା କରୁଚୁ ? ତୋର ଅଧିଷ୍ଠାଦେବୀ ତ ତୋ ପ୍ରତି ସୁପ୍ରସନ୍ନ ଅଛନ୍ତି, ଭାବନା କଅଣ ?

ଚନ୍ଦ୍ରାବଳୀ—ଜନନି ! ତୁମ୍ଭ ଆଗରେ ଏ ଦୁଃଖଭାଗିନୀ କଅଣ କହିବ ?

(ଅଶ୍ରୁତ୍ୟାଗ)

(ପୌର୍ଣ୍ଣମାସୀ—ଚନ୍ଦ୍ରମୁଖି ! ଏପରି ବିକଳ ହୁଅନା, ତୋର କୃଷ୍ଣ-ପ୍ରତି ଗାଢ଼ ଅନୁରାଗ ପ୍ରବଳ ହୋଇ ପଡ଼ିଛି ମୁଁ ଜାଣେ । କଲ୍ୟାଣ କରୁଛି ତୋତେ ସେ ନୀଳଚନ୍ଦ୍ର ଗୋଷ୍ଠଚନ୍ଦ୍ରମା ଅବିଳମ୍ବେ ପ୍ରାପ୍ତ ହୁଅନ୍ତୁ ।

ପଦ୍ମା—ଭଗବତି ! କୃଷ୍ଣ ପ୍ରାପ୍ତି ନ ହେଉଁ ନ ହେଉଁ ତ ଏପରି ବାଦ ରଟନା ହେଲାଣି, ଗୋପପୁରଯାକ ହଟା ବସିଲାଣି, ଆଉ କୃଷ୍ଣ ସଙ୍ଗେ ଆଳାପ ହେଲେ ପୁଣି କି ଦଶା ନ ହେବ ?

ସଖୀଗଣ—ଦେବି ! ଏ କଥା ଯଥାର୍ଥ ।

Digitized by PPRACHIN, SOA

ଗୀତ

(ଝିଙ୍ଝୁଟି ଚନ୍ଦ୍ରାବଳୀ ନାଗରୀ—ବୃନ୍ଦେ)

ଗୋପରେ ନିତ ହୁଛା ଅପବାଦ ।
ପତିବ୍ରତା କୁଳେ ହେଲା ପ୍ରମାଦ ।
ଧିକ ଅମ୍ଭର ନବ ଯଉବନ ।
ହୋଉ ଖାଇବୁଁଣି ଲାଜ ଗୁମାନ ଗୋ ।
କି କରିବୁଁ ବୁଦ୍ଧି ନାହିଁ ଗୋ ! ଜନନି !
ଅମ୍ଭେ ନମ୍ବା ବୋଲି   ଦୁରିହାଃ ହେଲେ
ଥିଲେ କୃଷ୍ଣଙ୍କୁ ନ ଛୁହିଁ ଗୋ । ୧ ।

ଗୀତ

ପୌର୍ଣ୍ଣମାସୀ—ଅଗୋ ବାଳୀମାନେ ଏ କି ଗୋପର ।
ତୁମ୍ଭେ ତାଙ୍କର ଅଃ କି ଗୋ ପର ? ।
ଶ୍ରୀକୃଷ୍ଣ-ଅନନ୍ତ-ବ୍ରହ୍ମାଣ୍ଡ-ପତି ।
ତୁମ୍ଭେ ତାହାଙ୍କର ନିଜ ସୁବତୀ ଗୋ !
ଚନ୍ଦ୍ରା ମୋର ! ପୂର୍ବେ କହିଛୁ ମୁଁ ତୋତେ ଗୋ ।
ତାହା କମ୍ପା ଧନ—   ମାଳତି ମୋହର,
ମନେ ନ କରୁ ପରତେ ଗୋ । ୨ ।

ଦେଖ ଯେତେ କଲେ ନର ରୂପରେ ।
ଏମନ୍ତ ହୋଇଥିଲା କା' ବାପରେ ।
ପୂତନା କୋଣା ଅଦ କଲେ ହତ ।

Digitized by PPRACHIN, SOA

କେ ବର୍ଣ୍ଣି ପାରିବ ତାଙ୍କ ଚରିତ ଗୋ !
ଚିତ୍ତୁ ସଂଶୟ ନ କର ଗୋ !
ପ୍ରେମସ୍ତବ ଶ୍ରେଣେ, ହୃଦପଦ୍ମମାଳେ,
ସେ ରସରାଜଙ୍କୁ ବର ଗୋ । ୩ ।
ଏକ ମନ୍ତ୍ର ଦେବି ସେ ମୂଳ ବୀଜ ।
ଆଗମ ନିଗମ ମରମ ତେଜ ।
ବଜ ତା, ରସନା-ସୃଜନ ମାତ୍ରେ ।
ମୁଖେ ନ ବୋଲ୍ ବସି ମନସୁଖେ ଗୋ !
କୃଷ୍ଣ ଭୁଜଙ୍ଗ ଗାରୁଡ଼ି ଗୋ !
ସର୍ବଦା ସ୍ମରି ହୋଇବେ ଧନେ ସେ
ନ ପାରିବେ ମୁଖ ମୋଡ଼ି ଗୋ ! । ୪ ।

(ମନ୍ତ୍ର ଦାନକଲେ)

ନିଅ ଏ ମନ୍ତ୍ର ମୁଁ ଭଲେ ଜାଣେଁ ।
(ଚିବୁକ ଧରି) ଗୋବିନ୍ଦ ତୋ ଅଙ୍ଗେ ହୋଇଛି ବାଇ ।
ଲେଖ ଶିଷ୍ଟାଚ୍ଚ ବିଳମ୍ବ ନ କର ।
ବଂଶୀପାଣି ନିଶ୍ଚେ ହେଲେଣି ତୋର ଗୋ !
ସିତ ହାସ ପରକାଶ ଗୋ !
ଇଷ୍ଟଦେବ ଇଷ୍ଟ— ଦେବୀଙ୍କି ସୁମରି
ପ୍ରେମ ପନ୍ଥ ଲେଖି ବସ ଗୋ । ୫ ।

(ଚନ୍ଦ୍ରାବଳୀଙ୍କି ପ୍ରବୋଧି ଗାନକଲେ ପ୍ରସ୍ଥାନ ସମୟେ
ଚନ୍ଦ୍ରାବଳୀ ଓ ସଖୀଙ୍କ ପ୍ରଣାମ)

Digitized by PPRACHIN, SOA

ପଦ୍ମା—ସଖୀ ଚନ୍ଦ୍ରାବଳି ! ଭଗବତୀ ଯାହା ଆଜ୍ଞା କରିଗଲେ
ତାହା ପାଳନ କରିବଟିକି ?

ଗୀତ

ଆଣି ଦେଉଛି ମୁଁ ଏହିଠାରେ ଜବାପୁଷ୍ପ ରସ ।
ଲେଖ ଗୋ ପ୍ରାଣବନ୍ଧୁଙ୍କ ପାଖକୁ ସନ୍ଦେଶ ।
ହେଳାକଲେ ତୋର ବେଳା ବୁଡ଼ିଯିବ ସିନା ?
ଅଉ କି ଭାବନା ତୋର କହ ଗୋ ନବୀନା ?

ଚନ୍ଦ୍ରାବଳୀ—କି ଭାବନା କରିବ ଗୋ ପ୍ରିୟସଖି ପଦ୍ମା !
ଛନ୍ଦା ଚରଣେ ତ ପ୍ରାଣ ଦେଇଛି ମୁଁ ବନ୍ଧା ।
ଯୋଗେ ଯୋଗମାୟା ଅସି ଦେଲେଣି ତ ଆଜ୍ଞା ।
ହେବ କି ଗୋ ମୋର ଭଲ କଲେ ତା ଅବଜ୍ଞା ?
ଆଣ ଗୋ ମନ୍ଦାର ଫୁଲ ଦୋରୁଅରୁ କଳୁ ।
ଲେଖିବ ବୃତ୍ତାନ୍ତ ଯାହା ମନେ ମୋ ରହୁଛି ॥

ପଦ୍ମା—(ମନ୍ଦହାସରେ) ତେବେ ଆଣି ଦେଉଛି ।

(ପ୍ରସ୍ଥାନ)

ଚନ୍ଦ୍ରାବଳୀ—ସଖି ଶୈବ୍ୟେ ! ସଖି ଭଦ୍ରେ !! ସଖି ଶ୍ୟାମଳେ !!!
ସତେ ମୋ ଆଶା-ତରୁ କୁସୁମିତ ହେବ ?

ଗୀତ

(କୃଷ୍ଣନାମ ଅଙ୍କଠାରୁ ମୋ ଶ୍ରବଣେ—ବୃନ୍ଦେ)

ସତେ କି ଗୋ ସଖି ! ମୋର ଆଶା-ତରୁ
ଶୁଭେ ହେବ କୁସୁମିତ ଗୋ ।

Digitized by PPRACHIN, SOA

ଜୀବନ ସଙ୍ଗାତ, ସେହୁ ବନମାଳୀ,
ଘେନିବେ ମୋର ଉଦନ୍ତ ଗୋ !
ପ୍ରତେ ନାହିଁ ମୋର ଶଙ୍କେ ।
କି ଦଶ୍ୟକୁ ତୁମ୍ଭଙ୍କୁ ମୋ ମିଳେ ଗୋ । ୧ ।

ରସାମୃତ ସିନ୍ଧୁ, ଲାବଣ୍ୟ ଲହରୀ,
ପ୍ରେମନାବେ ସତେ ବସି ଗୋ !
କୂଳ ଗୁଡ଼ ଦୂରେ, ଅଥଳ ସଲିଳେ,
ଇଚ୍ଛା ସୁଖେ ଯିବ ଭାସି ଗୋ !
ସଙ୍ଗିନୀ ସଙ୍ଗ ଅଳିଙ୍କ !
ତାତେ ହୋଇବ ମୋ ନାବ ଠେଲା ଗୋ । ୨ ।

ପୌର୍ଣ୍ଣମାସୀଙ୍କ, ପ୍ରଦତ୍ତ ମନ୍ତ୍ରବଳେ,
ବାମନ ହୋଇବ ଉଚ୍ଚ ଗୋ ।
ଦକ୍ଷିଣ ଅନୁକୂଳ, ସମୀରଣରେ,
ସୁଖେ ମୁଁ ହୋଇବ ପାର ଗୋ !
ଏ ମାତ୍ରା ମୋହ ତଞ୍ଜାକୁଁ ।
ନସ୍ତରବ ଦେବୀ କୃପାବନ୍ତୁଁ ଗୋ । ୩ ।

ପଦ୍ମା—(ଜବାପୁଷ୍ପରସ ଓ ଗୋଟିଏ ମୟୂର ପର ଘେନି ପ୍ରବେଶହେଲେ)

ଶୈବ୍ୟା—ସଖି ପଦ୍ମେ ! ଚନ୍ଦ୍ରିକା ଲେଖିବାର ସାମଗ୍ରୀ ଆଣିଲ କି ?

ପଦ୍ମା—ହଁ ଆଣିଲି, ମାତ୍ର କେତେଗୁଡ଼ାଏ ସୁନ୍ଦର ଶକୁନ ଦେଖି ଆସିଲି ।

ଚନ୍ଦ୍ରାବଳୀ—କଣ କଣ ଦେଖିଲ ପଦ୍ମେ ?

Digitized by PPRACHIN, SOA

ପଦ୍ମା—ତେବେ ତାହା କହେଁ ଶୁଣ ।

ଗୀତ

(ଅରେ ଭ୍ରମରେଲି—ସ୍ତଷ)

ଅଗୋ ପ୍ରିୟଅଳି !   ଅଗେ ପ୍ରିୟଅଳି !
ତୁମ୍ଭେ ବଡ଼ ଭାଗ୍ୟବତୀ ଚନ୍ଦ୍ରାବଳି !
ଯାଇଥିଲି ଜବାରସ ଅଭିଳାଷେ ।
ଦେଖିଲି ଶୁଭଶକୁନାବଳୀ । ଘୋଷା ।

ନକୁଳ ଯୁଗଳ ଖେଳୁଥିଲେ ।
ବକୁଳତ ର ଭୃଙ୍ଗେ ଦୋଳୁଥିଲେ
ଦୁକୂଳଶୋଭୀ ରେ,   ସୁକୁଳବତୀଏ,
ହୁଳହୁଳି ଧ୍ୱନି କରୁଥିଲେ । ୧ ।

ଦେବଆଳେ ଶଙ୍ଖ ଶୁଭୁଥିଲା ।
ମଥାପରେ ଘୂରେ ଶଙ୍ଖଚିଲା ।
ଭରଦ୍ୱାଜ ପକ୍ଷୀ,   ଖଞ୍ଜନ ଯୁଗଳ,
କ୍ରୀଡ଼ାରେ ମୋ ଦୃଷ୍ଟି ପଡ଼ିଗଲା । ୨ ।

ବାମେ ଶବ ଶିବା ପୂର୍ଣ୍ଣକୁମ୍ଭ ।
ଦକ୍ଷିଣେ ଗୋ ଦ୍ୱିଜ ମୃଗ ଶବ ।
ଶ୍ୱେତ ପାରୁଅଟି,   ନେତ ଉଡ଼ାଳର,
ପରାପ୍ତେ ମୋ ଅଗରେ ସୁଲଭ । ୩ ।

Digitized by PPRACHIN, SOA

ଶୈବ୍ୟା—(ହସିକରି) ତେବେ ଆମ୍ଭର ବଡ଼ ସୁଭାଗ୍ୟ, ଯାହାକୁ ପତ୍ର ଲେଖିବା ପୂର୍ବରୁ ଏତଲି ସୁଲକ୍ଷଣମାନ ଦେଖାଗଲାଣି । (ଚନ୍ଦ୍ରାବଳୀଙ୍କ ପ୍ରତି) ସଖି ! ଆଉ ହେଳାକରେ କି କାର ? ସ୍ନେହପତ୍ରିକା ଲେଖିବାକୁ ଆରମ୍ଭ କର ।

ଚନ୍ଦ୍ରାବଳୀ—ହଁଅ ଗୋ ଶୈବ୍ୟେ ଲେଖିବି, ମୋତେ ଗୋଟିଏ କେତକୀ-ପତ୍ର ଆଣିଦିଅ ସଖି !

ପଦ୍ମା—ତାହା ତୁମ୍ଭର ମସ୍ତକରେ ଅଛି ଗୋ ! ସେହି ଗନ୍ଧମଣ୍ଡିତ କେତକୀଦଳରେ ଶୋଭାମଣ୍ଡିତଙ୍କ ନିକଟକୁ ନେହ ହୋଇ ଯାହା ଲେଖିବାର ପ୍ରେମମଞ୍ଜୁଳା ଲେଖ ।

ଚନ୍ଦ୍ରାବଳୀ—ହେଉ ସଖି ! (ଗର୍ଭରୁ କେତକୀଦଳ ବାହାର କରି କହିଲେ) ସଖି ପଦ୍ମେ ! କାଳୀ ତ ହେଲା, କାଗଜ ତ ହେଲା, ଆଉ କଲମ ତ ନାହିଁ ; କିପରି ପତ୍ର ଲେଖିବି ? କରଜମୂନରେ ଲେଖନ୍ତି କିନ୍ତୁ କରଜ ଗାର କାଟିବା ଦୁଃଖର ପରିଚେୟ, ଏଣୁ କରଜ ଗାର ଆଗରୁ କାଟିବ ନାହିଁ, ମୋତେ ଗୋଟିଏ ଫୁଲଶର ଆଣିଦିଅ ।

ପଦ୍ମା—ନା, ସଖି ! ଫୁଲଶର ଏକା ତୋତେ ଏହା କରଇ, ସେ ଫୁଲଶର କଥା ଆଉ ପଚାଅ ନାହିଁ ।

ଚନ୍ଦ୍ରାବଳୀ—ସଖି ଗୋ ! କେଉଁ ଫୁଲଶର ବୋଲି ବୁଝିଲ ? ମଦନ ? ନା, ନା, ମୁଁ ଏହି କୃତ୍ରିମ ବାଂଶରୂପୀ ଫୁଲଶରକୁ ଖଣ୍ଡିଏ ମାଗିଲି ।

Digitized by PPRACHIN, SOA

ଶୈବ୍ୟା—ଚନ୍ଦ୍ରାବଳୀ ଗୋ ! ସେ ମଧ୍ୟ ତୋର ବିପକ୍ଷ ଅଟେ, ଯେହେତୁ ତାଂଙ୍କରୁ ବଂଶୀ ନିର୍ମାଣ ହୋଇ ତୋତେ କାଳ-ସର୍ପିଣୀ ତୁଲ୍ୟ ଦଂଶନ କରୁଛି ।

ପଦ୍ମା—ସଖି ! ଏବେ ଶୁଣିବନା କାହିଁକି ଗୋ ? ମୁଁ ସବୁ ବାଟରୁ ଏହି ମୟୂରପରଟି ଗୋଟାଏ ଆଣିଛି, ଏହାର ସାହାଯ୍ୟରେ ପତ୍ର ଲେଖ ।

ଚନ୍ଦ୍ରାବଳୀ—ହଁ ସଖି ! ଏ ମୟୂରପରଟି ସୁବିଧାୟିକା, ଯେଣୁ ଶ୍ରୀକୃଷ୍ଣଙ୍କ ଶିର ମଣ୍ଡନ ହୋଇଛି ।

ପଦ୍ମା—ତେବେ ନିଅ, ଲେଖ ଆରମ୍ଭ କର ବସ ।

(ପତ୍ର ପ୍ରଦାନ)

ଚନ୍ଦ୍ରାବଳୀ—(ପ୍ରେମ ପୁଲକ ବଦନେ ଲଜ୍ଜା ଓ ଭୟ ସହିତ ଲେଖି ବସିଲେ)

ଗୀତ

(ଚନ୍ଦ୍ରାବଳୀଙ୍କ ଚିଠାଉ)

(ରାଗ—କନଡ଼ା)

ବାଳିକା ଶରଣ, ବାଳିକା କଣାଣ, ବନମାଳୀ ପଦ୍ମ ଚରଣ ।
କନିଷ୍ଠାଙ୍ଗୁଳି ଦକ୍ଷିଣଗ କୋଣ କଳ ଗାତ୍ରରୁ ଯାହାର କୋଟି କୋଟି
ବ୍ରହ୍ମାଣ୍ଡ ବ୍ରହ୍ମା ଦୋହନ ହେ ସୁନ୍ଦର । କହନ୍ତି ସେ ପରମାତ୍ମା ଯାହାକୁ

Digitized by PPRACHIN, SOA

ତବ ଦଳ ଯେ ଜନମ ତାହାଙ୍କୁ, କଳ୍ପନାରେ ତା ଅଂଶରେ ଜୀବ ତବ ସଂସାର ଖେଳ ରଚିଲୁ ହେ । ସୁନ୍ଦର ।। ୧ । କୋଟି ବ୍ରହ୍ମାଣ୍ଡ ନାଥ ସେ କୋଟି କୋଟି ବ୍ରହ୍ମାଣ୍ଡ ଯା ଶ୍ୱାସୁଁ ଜନମ । ନମେ ନମେ ବାହୁଡ଼ ହୋଇନ୍ତି ଲୀନ । କାରୁଣ୍ୟ ଜଳେ ଶୋଭନ ଯେ ପ୍ରଭୁର ହୃମ୍ବର ସେ କଳା ଯେନ ହେ ସୁନ୍ଦର ! କଣ୍ଟୁ କ୍ଷୁଦ୍ର ନାହିଁ ଅଣୁ ପ୍ରତ୍ୟେକେ । ତଳେ ପ୍ରବେଶ ସେ ଗୋଟି ଗୋଟିକେ, କେବଳ ଅଚିନ୍ତ୍ୟ ଅବ୍ୟକ୍ତ ଏଣୁଟି ଶୁଣାଅଛୁ ବେଦବାକ୍ୟ ହେ ସୁନ୍ଦର ।। ୨ ।

ଗୀତ

(ଜୀବନ ଗଲେ ଏତେକ କହିବ—ବୃନ୍ଦେ)

ଅହେ ପ୍ରାଣବନ୍ଧୁ !
ଦୁଃଖିନୀ ଚନ୍ଦ୍ରାର ହୃଦୟ ଇନ୍ଦୁ । ପଦ ।
ସବୁ ଜଣାଇଲି ଠେରେ ମାଧବ ।
ଶମ୍ଭୁ ବିଭୂତ ପରାପ୍ୟେ ଅଦର ।।
ସରଣେ ତ ମୁଁ ଅନଗତ ଧୀର ।
ଛଣୀ ନିଶି ବହିଲି ପରି ତବ ।।
ଷଟ୍‌ପଦରେ ତ ସୁମନା ଦୁସ୍ତର ।
ସଙ୍ଗ କରଇ ପୁଣ କୁଞ୍ଜର ।।
ସଙ୍କେତ ଯେ ଗହ୍ୱର ତୀର୍ଥ ମୋର ।
ସକ୍ତପାରେ ତହିଁରେ କିଙ୍କର ।।
ସଖୀ ଶୈବ୍ୟା ପଦ୍ମାଦିଙ୍କ ବସୁର ।
ସଙ୍ଗସେବା ତାଙ୍କେ ହେବ ପ୍ରଚୁର ।।

Digitized by PPRACHIN, SOA

ସଦାଶିବ ସେବା ପୂର୍ଣ୍ଣ ପ୍ରସ୍ତର ।
ସନ୍ନିଧିକୁ ଲେଖା ଦେଲ ତୁମ୍ଭର ॥
ସମ୍ଭ୍ରମରେ ଦେଲୁ ଗ୍ରନ୍ଥ ଉତ୍ତର ।
କ୍ଷମା ଦୋଷୀ ଦାସୀ ଦୋଷ ନ ଧର ॥

(୬ ସାମନ୍ତ ସିଂହାର)

ନିବେଦକ:—

ଶ୍ରୀ ଶ୍ରୀ ଚନ୍ଦାଚରଣ ଖଣ୍ଡିତାଦାସୀ : -

"ଚନ୍ଦ୍ରାବଳୀ"

(ଏହାପରେ ସମସ୍ତ କାରଣ ଲେଖି ଶଙ୍ଖାଙ୍କ ମୁଦ୍ରା ସମସ୍ତେ ଶିଳ୍ପକାରିଣୀ ପ୍ରବେଶ)

ପଦ୍ମା—(ନେତ୍ରାନ୍ତରେ ଠାରିଦେଲେ) ଏହୁ ଦେଖିଲଣି ଗୋ ! ଶଙ୍ଖକାରିଣୀସୁନ୍ଦରୀ ପୋଗକୁ ପହଞ୍ଚିଲଣି । ଏହାର ହାତେ ଶଙ୍ଖାଙ୍କ ପତ୍ରିକ ତାଙ୍କ ନିକଟକୁ ପଠାଇଲେ ଭଲ ହେବ ।

ଚନ୍ଦ୍ରାବଳୀ—(ଶଙ୍ଖକାରିଣୀ ପ୍ରତି ସଲଜ୍ଜେ) ସଖି ଶଙ୍ଖକାରିଣି ! ମୋର ଗୋଟିଏ ଉପକାର କରି ପାରିବୁ କି ?

ଶଙ୍ଖକାରିଣୀ—ହେମାମଣି ! କି ଉପକାର କରିବ ଏ ଦାସୀ ? ଆଜ୍ଞା ଦେଉ ।

Digitized by PPRACHIN, SOA

ଚନ୍ଦ୍ରାବଳୀ—ଏ ପଦିକା ଗଣ୍ଡିକ ନେଇ ନନ୍ଦନନ୍ଦନଙ୍କୁ ଦେବୁ । ସଖି ! ତୋ'ଠାରେ ତ ମୋର କୁପଣ ନାହିଁ, ନଂ, ଏ ଛଟାକୁ ଗଣ୍ଡିକ ନେ ।

(ଛଟାକୁ ପ୍ରଦାନ)

ଛନ୍ଦକାରଣୀ—ମୋର ବଡ଼ ସୁଭାଗ୍ୟ, ଯାହାକ ଅଙ୍ଗ ଚୁମ୍ବ ଦର୍ଶନ ସଙ୍ଗେ ସଙ୍ଗେ ଗୋପ ଯୁବରାଜ ନାଗରଚନ୍ଦ୍ରଙ୍କି ଦର୍ଶନ କରିବ । (ଅଳ୍ପ ହସି ହସି) ଏ ଛଟାଖିର ମରମ ମୁଁ ଜାଣିଲି ଯେ ।

(ଛଟାକୁ ଗଣ୍ଡି ନାଭରେ ଖୋସିବା ଅଭିନୟ)

ଜେମାଦେଈ ଗୋ ! ମୋତେ ମେଲାଣି ଦିଲୁ ।

ଗୀତ

(ବସନ୍ତ କଥିତ ଧନ୍ୟା ଗୀର—ଖ୍ରତ)

ଅଗୋ ସୁରସିକା ଜେମାମଣି !
ଶୁଣିକ ଦଅ ମୋତେ ଗୋ ମେଲାଣି ।
ଏ କାର୍ଯ୍ୟ ଚୁମ୍ବକ,   ଦେଲାପର ମୋର,
ମନକୁ ଅସ୍ତୁକୁ ସୁଲକ୍ଷଣି !
ଅଗୋ ଠାକୁରାଣି !
ଛଟାଙ୍କର ମରମ ପାରିଲି ଜାଣି । ୧ ।

(ଗାନସହ ପ୍ରସ୍ଥାନ)

Digitized by PPRACHIN, SOA

ନେପଥ୍ୟରୁ—(ଷଷ୍ଠବର୍ଷୀ ବୃଦ୍ଧୀ ସହିତ ଚନ୍ଦ୍ରାବଳୀଙ୍କ ଶାଶୁ 'ଜଟିଳା' ପ୍ରବେଶ)

ଜଟିଳା—(ନଇଁ ନଇଁ ଆଣୁଅ ଯାଷ୍ଟି ଦଣ୍ଡାଭ୍ର କରି କୋଧରେ ଝିଙ୍କ୍ଇତ ହୋଇ)

ଅଗୋ ବଇଦ ଘରର ବୁଢ଼ି ! ତେମେ ଯେଉଁ ଔଷଧି ଦେଲ, ତାହା ଖଇକି ଅସିଲା ନାହିଁ କି ପେଉକି ଅସିଲା ନାହିଁ, ମୋ ବୋହୂର ଅବସ୍ଥା ଯେମିତ ଅଛି ସେଇମିତ ।

ବୈଦ୍ୟବୃଦ୍ଧୀ—ମୁଁ ତ ଭଲ ଔଷଧି ବାଛି ବାଛି କରି ଦେଇଚି; କହୁଥିଲି ଯେଉଁ ପାଚନଟି, ତା' ନ ଦେଲେଯାଏ କଣ ଏ ରୋଗ ଭଲ ହେବ ?

ଜଟିଳା—ଆଉ କଅଣ ପାଚନ ଫାଚନ ତା କହୁନାଅଁ ?

ବୈଦ୍ୟବୃଦ୍ଧୀ—ଆସ ତେବେ ତୁମ୍ଭ ଘରେ ଏକାନ୍ତ ସ୍ଥାନରେ ଗୂପ୍ତ କରି କହିବ ।

ଜଟିଳା—(ଚନ୍ଦ୍ରାବଳୀଙ୍କ ପ୍ରତି) କେଉଁ ପାପ ଅରଜିଥିଲୁ ଯେ ଏତେ ହୀନ ଅବସ୍ଥା ହେଲୁ ? ଆଉ କାଲିଠାରୁ କାଳୀ ପୂଜାକୁ ଅସିଲେ, ତୋର ମୋର ଖଦ୍ଧା ଖଣ୍ଡି ହେବା; ଯା ଯା କଅଣ କହିବ ? ନିତ ନିତ ଗୋଟାଏ ହୁଦର ନଗେଇଲା, କେତେ ଅଛନ୍ତି ଧରୁଛି, କେତେ ରୋଗ ବଇରାଗ ଯୋଟି ଯାଉଛି; ଏ ରଙ୍ଗ ସବୁ ତୋର ଘୁଞ୍ଚି-ଯିବ ଯେ; ରହ ରହ । ମୁଁ କହୁଛି ଆଉ ଏଣିକି ଏ

Digitized by PPRACHIN, SOA

ଗଜସ୍ୱୀ ତୀର୍ଥରୁ ବଦର ଚାଟୀ ପୂଜିବାକୁ ଆସନା ଆସନା ।
ଆସିଲେ ପୁଣି ଦେଖିବୁ କଅଣ କରିବ ବୁଝିବୁ ।

ଚନ୍ଦ୍ରାବଳୀ—(ଭୟ ସହିତ ଦୈନ୍ୟତା ରଖି କହୁଚଲେ) ଏତେ ସଗୁର ବାହିଁକି ଜନନି ! ମୁଁ କାଳୀ ପୂଜାକୁ ନ ଆସିଲେ ନାହିଁ, ଏଭଳି ଘୋଷା ହେଉଛ କିଅଁ ମା !

ଜଟିଳା—ହଁ;ସାବଧାନ ! ସାବଧାନ ! ! ମୋ କଥା ମାନ ଘରେ ରହ । ଏବେ ମୋ ସଙ୍ଗେ ସଙ୍ଗେ ଆ ।

(ବୃଦ୍ଧା ଶଙ୍କସ୍ତ୍ରୀ ସହିତ ପ୍ରସ୍ଥାନ)

ଚନ୍ଦ୍ରାବଳୀ—(ସଖିମାନଙ୍କ ପ୍ରତି) ସଖିଏ ଗୋ ! ଚାଲ, ଅର୍ଯ୍ୟାଙ୍କ ଶିଭ ତ ଦେଖୁଚ, ଚାଲ ଘରକୁ ଯିବା । ହା ପ୍ରଭୁ ! ଏ ଦୁଃଖିନୀ ଦୁଃଖ ସତେ ଶୁଣିବ ?

ଗୀତ

(କୀର୍ତ୍ତନ ସ୍ୱର)

ଅହା ପ୍ରାଣପ୍ରଭୁ, ଜୀବନବନ୍ଧୁର;
ସତେ ଅଭାଗିନୀ ଆଶା ।
ତୁଟାଇବ ତୁମ୍ଭେ, ଘନକୁ ଚାତକ
ପରି କରିଛି ଭରସା ।
ଅହେ କୃପା ନିଧାନ !
ଶରଣ ରକ୍ଷଣ ପତିତପାବନ । ୧ ।

Digitized by PPRACHIN, SOA

ଭଗବତୀଙ୍କର,　　　ସିଦ୍ଧିମନ୍ତ୍ର ସତେ,
ସଫଳ ହୋଇବ ଭାଳେ ।
ତବ ସେବା ଯୋଗ୍ୟା,　　　ହେବ ଏ ଅଧୀନା,
ଧ୍ୟାନ ରଖି ପଦ୍ମତଳେ ।
ଅହେ ପ୍ରାଣପିତୁଳ !
ହୃଦୟ ଚନ୍ଦନ ମୋ ଗଳାମାଳ ହେ । ୨ ।

(ଗଦଗଦ ସ୍ୱରେ ଗାନସହ ସଖିଙ୍କି ଘେନି ପ୍ରସ୍ଥାନ ସମୟେ)

ପରଦା ପତନ

Digitized by PPRACHIN, SOA

ଚତୁର୍ଥ ଅଙ୍କ

ପ୍ରଥମ ଦୃଶ୍ୟ

ନନ୍ଦୀଶ୍ୱର ମହଲ

(ଦେବାଳୟ ରତ୍ନ ଗୃହଦନା ଉପରେ ଶ୍ରୀକୃଷ୍ଣ, ବଲ୍ଲଭ, ଓ ପଦ୍ମକ ଏବଂ ମଧୁମଙ୍ଗଳ ସଖାସଙ୍ଗେ ବସିଥିବା)

ବଲ୍ଲଭ—(ଶ୍ରୀକୃଷ୍ଣଙ୍କୁ ତାମ୍ବୁଲ ଯୋଗାଉଥିବା)

ପଦ୍ମକ—(ଅଲଟ ଧରି ଧୀରେ ଧୀରେ ବଞ୍ଚୁଥିବା ଅଭିନୟ)

ଛଦ୍ମଚାରିଣୀ—(ଅଳ୍ପ ଅଳ୍ପ ହସି ହସି ପ୍ରବେଶ ପୂର୍ବକ ନମସ୍କାର ଅଭିନୟ)

ଶ୍ରୀକୃଷ୍ଣ—ଛଦ୍ମଚାରିଣି ! କେଉଁଠାରୁ ଆସିଲ ?

ଛଦ୍ମଚାରିଣୀ—ଘନସୁନ୍ଦର ! ମୁଁ ଦଧି ଗ୍ରାମଠାରୁ ଆସିଛି ।

ଶ୍ରୀକୃଷ୍ଣ—କେଉଁ କାର୍ଯ୍ୟରେ ?

ଛଦ୍ମଚାରିଣୀ—ତୁମ୍ଭର ନିକଟରେ କିଛି ମୋର କାର୍ଯ୍ୟ ଥିବାରୁ ।

ଶ୍ରୀକୃଷ୍ଣ—ଦଧି ଗ୍ରାମରେ ଗୋବର୍ଦ୍ଧନ ମଲ୍ଲଙ୍କର ସବୁ କୁଶଳ ତ ?

ଛଦ୍ମଚାରିଣୀ—ହଁ, ଗୋପେଶ୍ୱରଙ୍କ କୃପାରୁ ତାଙ୍କର ସବୁ ମଙ୍ଗଳ । ନାଗର ! ତୁମ୍ଭର କୁଶଳ ଥିଲେ କାହାର କୁଶଳ ନୁହେ ? ତୁମ୍ଭେ ଭଲ ଅଛ ତ ?

Digitized by PPRACHIN, SOA

ଶ୍ରୀକୃଷ୍ଣ—ଏକପ୍ରକାର ଭଲ ଅଛୁ, ମାତ୍ର ଶୁଣି ପାରିଥିଲୁ, ଗୋବର୍ଦ୍ଧନ ଗ୍ୱାଳଙ୍କ ପତ୍ନୀ ଅସୁସ୍ଥ ଶରୀର ଅଛନ୍ତି ବୋଲି, ଏହା କଅଣ ସତ୍ୟ ?

ଚନ୍ଦ୍ରଚାରିଣୀ—ରସରାଜ ହେ ! ସେ କଥା ମୁଁ କଅଣ କହିବି ? ଗୋବର୍ଦ୍ଧନ ମହନ୍ତଙ୍କ ପାଖକୁ ତ କଂସ ମହାରାଜାଙ୍କର ଖବର ଅସିଛି, କାଲିଠାରୁ ସେ ମଥୁରାରେ କଳ୍ପତରୁ ବସିବେ, ଅଜ ଗୋପୁମାନେ ଭଲରେ ରହିବା ଉପାୟ କରିବେ । ମାତ୍ର ଚନ୍ଦ୍ରାବଳୀକି ଜ ବ୍ୟାଧି ଘୋଟିଛି, ତା' କେହି ଜାଣିପାରୁ ନାହାନ୍ତି ।

ଗୀତ

(ଶ୍ୟାମବନ୍ଧୁଙ୍କୁ ରଖିଲ କେ ସଜନୀ—ପ୍ରଭୃତି)

ଅହେ ରସନିଧି !
ଚନ୍ଦ୍ରାବଳୀକି ଘୋଟିଛି କେଉଁ ବ୍ୟାଧି । ପଦ ।

ତାହା କେହୁ ନ ପାରନ୍ତି ଜାଣି,
ସବୁବେଳେ ସେ ଜ ଦୁଃଖ ଗୁଣି ।

କାନ୍ଦଇ ହସଇ,　　　　　　ଷଣେ ମୋହ ଯାଇ,
ଚେତ ଉଠି ବସେ ପୁଣି ପୁଣି । ଅହେ ରସନିଧି ! । ୧ ।

ଗଲରାତ୍ରି ଗର୍ଗଙ୍କୁ ନବଜାଲୀ,
ଯିବାପାଇଁ ବନ୍ଧୁ ପୁଣ୍ୟ ଜାଲୀ ।

କମଳବଦନା,　　　　　　କରୁଥିଲେ ମନା,
କେତେ ଫରକାରେ ଦେଇ ଗାଳି । ଅହେ ରସନିଧି ! । ୨ ।

Digitized by PPRACHIN, SOA

ବଇହୂଣୀ ବୁଢ଼ୀ ସାହା ହୋଇ,
କି ଉପାୟ ଯାଉଅଛୁ କହ ।
ତେଣ୍ଡିକର ବୁଢ଼ୀ,   ମନା କରୁନାହିଁ,
ଚନ୍ଦ୍ରବନେ କାଳୀ ପୂଜାପାଇଁ । ଅହେ ବସନ୍ତ ! । ୩ ।

(ବୈଷ୍ଣବ ଚରଣ ଦାସ)

ମନମୋହନ ! କାଲି ଚନ୍ଦ୍ରଭାଗୀ ପୁଷ୍କରାକୁ ଚନ୍ଦ୍ରା ଠାକୁରାଣୀ ସର୍ବ ସୁଖରେ ଝଙ୍କେ କହିବେ, ସେଇ ବିରହିଣୀଙ୍କ ସଙ୍କେତ ନାଅ ।

(ମନୋହର ପାଦୁକା ଦୁଇଟି ଥୋଇଦେବା ଓ ତାହା ଉପରେ ଶଠାଉ ଗଣ୍ଡି ବଣିଦେବା ଅଭିନୟ)

ଶ୍ରୀକୃଷ୍ଣ—(ସଖୀଙ୍କ ଅଜାଣାରେ ଚରଣ ଯୁଗଳରେ ପତଳୁ ଛୁପି ରଖିବା ଅଭିନୟ)

ସଖୀଗଣ—(ନେପଥ୍ୟରୁ ପ୍ରବେଶି ଠଗ୍ଠର ହେବା ଅଭିନୟ)

ମଧୁମଙ୍ଗଳ—(ଦୀର୍ଘ ହାସ୍ୟକରି କରତାଳି ମାରି) ମୁଁ ଜାଣିଲିଣି ଯେ, ଲୁଚେଇଲେ କି ଲାଭ ସଖୀ ! ସବୁ ଜଣାଗଲାଣି ।

ଛଦ୍ମକାରଣୀ—ବନମାଳି ! ଏ ଦାସୀ ମେଲାଣି ହେଉଛି ।

(ନମସ୍କାର ସହିତ ପ୍ରସ୍ଥାନ)

ମଧୁମଙ୍ଗଳ—(ଶ୍ରୀକୃଷ୍ଣଙ୍କ କାନ ପାଖରେ ଗୁନଗୁନ କହିବା ଅଭିନୟ)

ବସନ୍ତ—(ଯୁଗଳ ହସ୍ତଧରି ଶ୍ରୀକୃଷ୍ଣଙ୍କ ନିକଟରେ ହସି ହସି ବସିବା ଅଭିନୟ)

Digitized by PPRACHIN, SOA

ଯଶୋଦା—(ନେପଥ୍ୟରୁ ପ୍ରବେଶ କରି) ଧନୀମାନେ ରେ ! ଆଜି ତୁ କେତେ ଶୁଖିଲା ଦିଶୁଛୁ, କ୍ଷୀଣ ; ମାଲୁଣି ତୋ ଦେହରେ ସ୍ଫୂର୍ତ୍ତି ନାହିଁ, ଆଉ ଥା, ଚଳକ ଖାପଖା ।

ବସନ୍ତ—(ଯଶୋଦାଙ୍କ ପ୍ରତି) ମାଆ ! ଆଜି ପଣ୍ଡିତ ଅକ୍ରୂରଠାରୁ ଆମ୍ଭେମାନେ ଗୋଷ୍ଠକୁ ଯିବୁ ନାହିଁ, ନେଇଆ ଅଧାରକ ତୁମ୍ଭ ପୁଅଙ୍କୁ ଚଗଲା କରଇ ପଠାଇଲା, ସବୁବେଳେ ନେଇ ବନଯାକ ବୁଲାଉଛ ।

ଗୀତ

(କଲା କଣ୍ଟଦଲା ଅଞ୍ଜନ ମର୍ଦ୍ଦନ—ଧ୍ରୁବ)

ମେଳଅ ମଧୁମଙ୍ଗଳ,   ବାଙ୍ଗାଳଅ,
ବଢୋଇମାନଙ୍କ ସୁତୁ ।
ତା ସଙ୍ଗେ ପଢ଼,   କୃଷ୍ଣ ନାଶ ଯିବେଟି,
ତୁମ୍ଭର ଏହୁ ହେଲାକୁ ଗୋ ମା ! ॥
ବାନେ ଲୁହା ଲୁହ,   ନ ଜାଣଇ କେହୁ,
ଏ କେଉଁ କଥା ବାରତା ।
ଏ ଘର ସେ ଘର ;   ସ୍ନେହର ଖାଇବା,
କରୁଥାନ୍ତି ଏହୁ ଶନ୍ତା ଗୋ ମା ! ॥

ଯଶୋଦା—(ମନ୍ଦହାସରେ) ମୋ କୃଷ୍ଣ ପରି ତୁମ୍ଭମାନଙ୍କର ସ୍ନେହ ? ବାପଧନ ! କେହୁ କଣ୍ଟ କଲା ଗୋଲ କରିବ ନାହିଁ । ସଙ୍ଗ ସୁଖରେ ଖେଳିବ, ମୋ ନୀଳମଣିର ଏ କଥା ହାରକ ହେଲା ; ଆଉ ସେପରି ହୃଦ କରିବ ନାହିଁ ।

Digitized by PPRACHIN, SOA

(ଏହା କହି ସ୍ତମ୍ଭ ଭଳି ଭାବରେ) କୃଷ୍ଣ ରେ ! ମୋ
ଘନଶ୍ୟାମ ନୀଳମଣି ରେ ! ତୋର ଏ ବୃଦ୍ଧି କିଆଁ ?

ଗୀତ

(ଧନମାଳ ରେ ! ମୋତେ ନ କର ଅଳି—ପ୍ରଭ)

ନୀଳମଣି ରେ ! କମା କରୁ ଏ ବୃଦ୍ଧି
କେଉଁ ଦ୍ରବ୍ୟ ଅବା   ମୋର ଘରେ ନାହିଁ
ଲୋଭ କର ଖାଉ ଲବଣୀ ଦଧି । ଘୋଷା ।
ଯେତେ ଯେତେ ଲୋକେ ତୋ ନାମେ କହ,
ମୋ ପାଶେ ଆସି ଗୁହାରି କରନ୍ତି ।
ସବୁ ସହୁ ଥିଲି   ପଥର କରି ଛ
ଆଜୁ ଶିଖିଲୁ ଏ ବଡ଼ୋଇ ସିଦ୍ଧି ? । ୧ ।
କେତେ ଘନାବର୍ତ୍ତି ସର ତୋପାଇଁ,
ସାଇତିଥାଏଁ ମୁଁ ତାହା ନ ଖାଇ ।
ପର ଘରେ କମା   ଚୁରି କରି କରୁ
ଦୁଃଖି ସଞ୍ଚାଳ ମୋ ଅଞ୍ଚଳନିଧି ! । ୨ ।

(ଗୀତ ଗାଇ ଗାଇ ପ୍ରସ୍ଥାନ)

ଶତ୍ରୁ ୧—(ଏହି ସମୟରେ ଛଟାକ୍ ଫିଟାକ୍ ଫିଟାକ୍ ଛରଛର ହେଲେ ଓ ଅଷ୍ଟର ପନ୍ତ୍ରଣ ଦେଖି ଗୁନ୍ତିକ ସ୍ୱେଦନୀରରେ ଜର ଜର ହୋଇଗଲେ)

Digitized by PPRACHIN, SOA

ମଧୁମଙ୍ଗଳ—ଅହେ ରସିକରାଜ କେବଳି ! ଉଃ ଆଉ ଶ୍ଳୋକ ଭଲକରି ପାଠ ହେଉ, ଏତେବେଳେ ଭାବନା-ସମୁଦ୍ରରେ ବୁଡ଼ିଗଲେ କଅଣ ହେବ ?

ଶ୍ରୀକୃଷ୍ଣ—ସଖା ! ଏ ସ୍ନେହ ପୂର୍ଣ୍ଣ ଅକ୍ଷରର ମୁକ୍ତାପ୍ରାୟ ବର୍ତ୍ତୁଳ, ସୁନ୍ଦର ଅକ୍ଷର ବୃନ୍ଦ ମୋ ମନକୁ ହରଣ କରୁଛି,

ଗୀତ

(ମେଳଅ ମଧୁମଙ୍ଗଳ ବାଙ୍ଗାଳଅ—ପ୍ରତ)

ଭଲ ଲେଖିଛୁ   ସଳଖେ ଧାଡ଼ି ଅଛୁ
ନ ବଳିଛୁ ମାତ୍ରାରେଖ ।
ଲଗି ମିଶି ନାହିଁ   ଛିପ ଦେବ କାହିଁ
ଏ ଗୁଣକୁ କେ ଗ୍ରାହକ ହେ ।
ସଖା ! ଭଲ ଯତ୍ନେ ଗୁନ୍ଥୁ ଶବ୍ଦରେଖା ହେ ସଖା !
ସ୍ନେହପୂର୍ଣ୍ଣ ତା ଶ୍ରୀହସ୍ତ ଲେଖା ହେ ସଖା !
ମନ ନୟନ ଯତ୍ନରେ ରଖା ହେ ସଖା ! ।୧।

(୬ କବିସୂର୍ଯ୍ୟ ବ୍ରହ୍ମା)

ସଖାଦ୍ୱୟ—(ମସ୍ତକ ଲଗାଲଗି କରି ବେଢ଼ି ବହୁ ଆଦର ସହ ଦେଖିବା ଅଭିନୟ)

ଶ୍ରୀକୃଷ୍ଣ—(ପତ୍ର ଧରି ନେତ୍ରରେ ଅଶ୍ରୁ ଢଳ ଢଳ କରି ପ୍ରଥମରେ ପଦେ ମାତ୍ର ଶୁଣାଇବା ସମୟେ)

Digitized by PPRACHIN, SOA

ମଧୁମଙ୍ଗଳ—ସଖା ! ଧନ୍ୟ, ଧନ୍ୟ, ଏମନ୍ତ ନାରୀ ତୁମ୍ଭଙ୍କୁ ଯୋଗ୍ୟ ଥିନା,
ତିଷ୍ଠନ ଧାତା କି ନ କରେ ସତେ !

ଗୀତ

(ଚି ନାମ ବୋଇଲି ଛନ୍ଦ—ବୃତ୍ତେ)

ଚନ୍ଦ୍ରକୁ ଦେଲ   ପୀୟୂଷ ସେ ବିଧାତା
ବୃନ୍ତରେ ଦେଇଛନ୍ତି ବାସ ।

କୁବେର ଅଲକା—   ପତି ବୋଲାଇଲା
ସଦାଶିବଙ୍କୁ ପାଶୁଁଶ । ୧ ।

ଜଣାଗଲାଣି   ବିବେକ ଅହେ ସଖା !
ଗୁଣ ଜନମାଙ୍କ ଭାବ ।

ମୃଦ ମୃଦ୍ୱ ପଦ   ଏକାନ୍ତେ ପଢ଼ିବା
ବନେ ହେ ସୁବଗୀତଙ୍କ । ୨ ।

ବାନ୍ଧି ରଖ ଚେଲା—   ଥକେ ଏ ପଦକୁ
ଭୁଲ ହେ ଯିବା ଭସ୍ମଲେ ।

ବଜାଇ ବଂଶୀ   ମଧେ ମଧେ ହସି
ବୁଡ଼ିବା ପ୍ରେମ-ସଲିଳେ । ୩ ।

(ଓ କବିସୂର୍ଯ୍ୟ ବ୍ରହ୍ମା)

ଶ୍ରୀକୃଷ୍ଣ—(ବେଣୁ ନାଦ କରି ଅଗ୍ରସର ହେବା ଅବସ୍ଥା)
ମଧୁମଙ୍ଗଳ—(ଅନବରତ କରତାଳି ବାଦନ କରି ଯିବା ଅବସ୍ଥା)

Digitized by PPRACHIN, SOA

ସୁବଳ—ହଇରେ ! ତେମେମାନେ କ କଥାବାର୍ତ୍ତା ହେଉଥିଲ ?

ବସନ୍ତ }
କିଙ୍କିଣି } —(ହସି ହସି ଚପଳରେ ଧାଇଁ ମଧୁମଙ୍ଗଳକୁ ଧଇଲେ)

ରୋହିଣୀ—(ପ୍ରବେଶ ପୂର୍ବକ ବୋଧ ଦେଇ) ଧନମାଳ ! ତୁଟି ବନକୁ ଯିବ ନାହିଁଟି ? ନନ୍ଦରାଣୀଙ୍କ ମନରେ ସନ୍ତାପ ଦେବ ନାହିଁଟି ! ନିଅ କାହ୍ନୁ ! ପାଞ୍ଚଣ ନିଅ । ମୋ ବଳରାମ ଘର ତୁମ୍ଭର ବଡ଼ ଭାଇ ! ତାହାର କଥା ମାନିଥିବ ଟିକାମାନେ ରେ ! ମୋ କହିବା କଥା ମନେରଖି ଯାଅ ।

ଯଶୋଦା—(ପ୍ରବେଶକରି କାନ୍ଦ କାନ୍ଦ ହୋଇ) ନୟନ ସଞ୍ଜାଳ ! ଧନମାଳ ! ମାଆ ଯାହା କହୁଲେ ଶୁଣିଲୁ ତ ? ବାପ ରେ ! ମୋ ମନରେ କଷ୍ଟ ଦେଇ ତୁବ ବନକୁ ଯିବୁ ନାହିଁଟି ? ଦାରୁଣ କଂସଚରମାନେ ନାନା ଭୟଙ୍କର ରୂପରେ ବନେ ବନେ ବୁଲୁଛନ୍ତି, ସେଥିକି ସାବଧାନ ଥିବୁ । (ଛବୁକ ଧରୁ)

ଗୀତ

(ନାଗମଣି ଗିରିଧାରୀଠାରେ—ପଦ)

ଅରେ ଧନମାଳ; ମୋ ନେତ୍ରସଞ୍ଜାଳ;
ଛନ୍ତାଥିନା ଛନ୍ତାମଣି ରେ !
ମୋ ମନେ ସନ୍ତାପ; ନ ଦେବୁଟି ବାପ !
କଲାକାହ୍ନୁ, ବେଣୁପାଣି ରେ !

Digitized by PPRACHIN, SOA

ବନ୍ଧୁ ଭ୍ରାତ ବନେ ଲୁବ୍ଧ !
ନ ଯିବୁଟି ମୋହର ମାଧୋଇ ରେ । ୧ ।

ହିଂସ୍ରାଳୁଣ ଜନ୍ତୁ,   ଜଗର ଶ୍ୱାପଦ—
ମାନେ କେତେ କୂଟପଣେ ରେ !

ବୃକ୍ଷଥାନ୍ତି ବନେ,   ଥିବୁ ସାବଧାନେ;
ସଙ୍ଗେ ଥିବେ ସଖାଗଣେ ରେ !

ଅରେ ମୋ ହୃଦୟନିଧି !
ତୋତେ କହୁଛି ଏତେ ପ୍ରବୋଧି ରେ । ୨ ।

(ବାତ୍ସଲ୍ୟମୟୀ ଜନନୀ ଏହିପରି ଶ୍ରୀକୃଷ୍ଣଙ୍କୁ କହିଲା ପରେ)

ଶ୍ରୀକୃଷ୍ଣ—(ମାଆଙ୍କୁ ନମସ୍କାର କରି ବିନମ୍ରଭାବେ ବୁଝାଇ କହିଲେ)

ଗୀତ

(ଅଲସ ବସନ୍ତ ରାଗ । ଶ୍ରୀ ବୃନ୍ଦାବାନନ—ପ୍ରଭ)

ଚିନ୍ତା ନ କର ଜନନି ! ଘେନ ମୋ ବିନତି ।
ନାଚିଟ ବନକୁ ଯିବୁ ଭୁଞ୍ଜି ଅନ୍ନ ମାନ ଗୋ । ୧ ।

ଭାଇ ବଳରାମ ଥିବେ ମୋର ସଙ୍ଗେ ସଙ୍ଗେ ।
ତାଙ୍କୁ ଛାଡ଼ି ବନରେ ଖେଳିବି ମୁଁ ରଙ୍ଗେ ଗୋ । ୨ ।

ସଖାମାନେ ଘେରିଥିବେ ମୋ ପାଶେ ମଣ୍ଡଳୀ ।
ବନେ ଧେନୁ ଚରାଇବୁଁ ସର୍ବେ ମିଳି ଖେଳି ଗୋ । ୩ ।

ଅପରାହ୍ନବେଳେ ବନୁ ଲେଉଟିବୁଁ ଜାଣି ।
କର ମା ! କଲ୍ୟାଣ ସାଙ୍ଗି ଦେଉଛନ୍ତି ଘେଉଣି ଗୋ । ୪ ।

Digitized by PPRACHIN, SOA

(ଗାନ ସହିତ ସଖୀମାନଙ୍କ ସଙ୍ଗେ ପ୍ରସ୍ଥାନ)

ରୋହିଣୀ—ଆସ ଗୋ ଯଶୋଦେ ! ଶୁଭକାର୍ଯ୍ୟ, ଡେରିବା, ଆସ ।

ଯଶୋଦା—ସଖି ! ଏ ଅବୁଝା ମନ ତ ବୁଝୁନାହିଁ; ଆହା, ମୋ ବାଳୁଆ ସୁନାକୁ କେତେବେଳକୁ ଦେଖିବଟି !

ଗୀତ

(ଗୌରୀଙ୍କ ବଳିତେ ହବେ—ଯତି)

ଆହାରେ ବାଳୁଆ ସୁନା ଗଲା ବନମାଳି !
କେତେବେଳକୁ ଆସିବୁ ବନୁ ଚଳ ଚଳ ।
ମୋ ବନମାଳି ରେ !
ଦୁଃଖିନୀ ସଞ୍ଜାଳ ନେଉଥିବୁଲ । ୧ ।
ବନେ କଣ୍ଟା ଗୋଡ଼ ଖଣ୍ଟା ବାଜିଲେ ଚରଣେ ।
ଏ କଷ୍ଟ କୋହ୍ଲବ ତୋତେ ଦୂର ଗୋ ସୁରଣେ ।
ମୋ ଚନ୍ଦ୍ରାମଣି ରେ !
ଦୁଃଖୀଧନ ବେଣୁପାଣି । ୨ ।

(ବୈଷ୍ଣବ ଚରଣ ଦାସ)

(ପ୍ରସ୍ଥାନ)

ଷଷ୍ଠ ପରିବର୍ତ୍ତନ

Digitized by PPRACHIN, SOA

ଚତୁର୍ଥ ଅଙ୍କ

ଦ୍ୱିତୀୟ ଦୃଶ୍ୟ

ଚନ୍ଦ୍ରାବଳୀଙ୍କ କକ୍ଷ

(ଚନ୍ଦ୍ରାବଳୀଙ୍କର ଗୃହ ସଖିଙ୍କ ସଙ୍ଗେ କଥୋପକଥନ)

ଚନ୍ଦ୍ରାବଳୀ—(ସଖିମାନଙ୍କୁ ଚାହିଁ)

ଗୀତ

(ଛୁଟ ପଥର କଲଣି ସହୁ ସହୁ—ପ୍ରଭ)

ଅଗୋ ପ୍ରିୟ ଅଳି !
ସତେ ଶ୍ୟାମଚନ୍ଦ୍ର ଦେବେ କୃପା ଢାଳି ।
ପ୍ରତେ ନାହିଁ ହେବ ସେବା ଦାସୀ ବୋଲି । ଘୋଷା ।

ମଦନ ସୁନ୍ଦର ଘନଶ୍ୟାମ,
ବଦନଚନ୍ଦ୍ରମା ଅନୁପମ ।
ସଦନରେ ବନ୍ଧା— ପନା କସ ଦନୁଁ,
ବଦନ ଦେଖନ୍ତୁ ମୋତେ ବାମ । ୧ ।

ହସି ହସି ବାଣୀ ଭାଷିବାର,
ରସି ରସରଙ୍ଗେ ତୋଷିବାର ।
ବଶୀକରଣ ମନ୍ତ୍ର, ହେଲା ମୋତେ,
ଗଳିବା ଅଧରୁ ସୁଧା ଧାର । ୨ ।

Digitized by PPRACHIN, SOA

ବଡ ହେଲି ଶ୍ୟାମେ ମୁଁ କାତରେ,
ପଠନେ ସମ୍ବାଦ ହୃଦଗତେ ।
ଦଣ୍ଡ କରଦେଲ,   ଲଜ୍ଜ-ସମ୍ବଳିତ;
ପତର ପଠାଇ ଦୂତୀ ହସ୍ତେ । ୩ ।

ପାଳି ତାଙ୍କ ସ୍ନେହାବଳୀ ସ୍ପୃହା,
ଭୁଲି କରଅଛୁ ପ୍ରତିଆଶା ।
ବାଳିକା ଧନକୁ,   ବାଳିକାଙ୍କୁ ସେବ;
ମାଳ ଜପେ ତା' ନା' କର ପେଷା । ୪ ।

ବ୍ରଜଯୁବରାଜ ମୋର ସବୁ,
ରଜନୀ ଦନ ଏ ସବ ଲୋଡ଼ୁଁ ।
ସଙ୍ଗ ସୁମନସେ,   ବରଣ କରୁଛୁ,
ପୂର୍ବର ଗୀରତ ଅନୁବର୍ତ୍ତୁଁ । ୫ ।

(ବୈଷ୍ଣବ ଚରଣ ଦାସ)

ପଦ୍ମା—ସଖି ଚନ୍ଦ୍ରାବଳି ! ତୁମ୍ଭ ମନୋବାଞ୍ଛା ଇଷ୍ଟଦେବୀ ପୂର୍ଣ୍ଣ କରିବେ ।

ଶୈବ୍ୟା—ସଖି ! ଏଥିପାଇଁ ଭାବନା କରନା; ଅବଶ୍ୟ ତୁମ୍ଭ ଆଶା-ତରୁ ଫଳବତୀ ହେବ ।

ଭଦ୍ରା—ଚନ୍ଦ୍ରାବଳି ! ଚନ୍ଦ୍ରକଣାରେ ଚନ୍ଦ୍ରାତପ କଷ୍ଟେଁ ଟଣାଯିବାର ଆଶା ଦେଖା ଗଲଣି, ତନ୍ଦ୍ରା ହେଲେ କି ଫଳ ?

ଶ୍ୟାମଳା—ସଖି ! ଏ ଶ୍ୟାମଳା କଥା ମନେ ପକାଇବ ତେତେବେଳେ ସିନା, ଯେତେବେଳେ ଶ୍ୟାମଳ କିଶୋରଙ୍କ ଅଙ୍କସଙ୍ଗ

Digitized by PPRACHIN, SOA

ନାଇ କହିବ । ଦୁଃଖୀ କରନା, ସୁଖର ସମୟ
ଦୂରର ଅଛୁଛି ।

ଗୀତ

(ଗୁର୍ଦ୍ଧା ଅଙ୍କନମ ସ୍ତୁକୁମାସ୍ତ—ରୂପକେ)

ସଖି ! ଦୁଃଖ କରନା ଗୋ ମନେ ।
ସୁଖବେଳ ତୋ ଅଛୁଛି, ଗୋ ଅଳିପଦନେ । ଘୋଷା ।

ସେ ବ୍ରଜବଧୂଙ୍କ କୂଳେ, ଅବଶ୍ୟ ବିଳସି ଗଲେ,
ନବ ରସବତୀ ଭାବେ ମଜିବୁ ସୁମନେ । ୧ ।
ନିକୁଞ୍ଜେ କୁସୁମ ଶେଯେ, ସୁକୁନ୍ଦଳେ ରସରଙ୍ଗେ,
ଦ୍ବିକୁଳଶୋଭ୍ରି ! ଖେଳିବୁ ପରମ ଯତନେ । ୨ ।
ଆସ ଯିବା ଗୋ ବନ୍ଧନ, ଯହିଁ ସେହୁ ଚନ୍ଦ୍ରବନ,
କାଳୀ ପୂଜିବା ଏ ଲାଗି ତାଙ୍କ ସୁପ୍ରସନ୍ନେ । ୩ ।
ହେମବରଣୀ ରେ ! ତୋର, ପ୍ରେମରେ ସେ ଜରଜର,
ତେଣୁ ମଧୁମଙ୍ଗଳ ସଖା କହୁଥିଲା ଦନେ । ୪ ।
ଆଜ ତୋ ଦେବା ପଠିବା, ଗାଣିବାଷ ପଢ଼ି ଏକା,
ସାଜବେଣି କାମ ବେଶ ଦଶୁଛି ନୟନେ । ୫ ।

(ବୈଷ୍ଣବ ଚରଣ ଦାସ)

(ଚନ୍ଦ୍ରାବଳୀଙ୍କ ମନ୍ଦିରେ ସଖି ଗୁରୁସଖି ଗାନନ୍ତଙ୍କେ ପ୍ରସ୍ଥାନ)

ପଞ୍ଚ ପରିବର୍ତ୍ତନ

Digitized by PPRACHIN, SOA

ଚତୁର୍ଥ ଅଙ୍କ

ତୃତୀୟ ଦୃଶ୍ୟ

ଲୋହ ବନ

(ଦାମ, ସୁଦାମ, ସୁବଳ, ଶ୍ରୀଦାମ, ବସୁଦାମ, ଅନୁଦାମ, ନକୁଳ, ଗନ୍ଧର୍ବ ତୋକଳ, ତେଜ, ଅର୍ଜୁନ, ବାହୁ, ସୁବାହୁ, ମଣିଭଦ୍ର, ସ୍ତୋକକୃଷ୍ଣ, ମଧୁମଙ୍ଗଳ, ଉଜ୍ଜ୍ୱଳ, ବଳରାମ, ଶ୍ରୀକୃଷ୍ଣ)

ତୋକଳ—ସଖାମାନେ ! ତୁମ୍ଭେ ସବୁ ଯେତେ ଜଣ ଅଛ, ଏ କାହ୍ନୁର ଢଙ୍ଗ ରଙ୍ଗ କିଛି ଜାଣିଛ ନା ?

ନକୁଳ—କଅଣ ଭାଇ ତୋକଳ ! ମାୟାଧର ମାୟା ଯେ ଅନନ୍ତ-ଅସୀମ, ତାହା କିଏ ଜାଣେ ?

ତୋକଳ—ମୁଁ କିଛି କିଛି ଜାଣେ, ଶୁଣିବ ଭାଇ ?

ଉଜ୍ଜ୍ୱଳ—କଅଣ ଜାଣିଛୁ କହୁନୁ ତୋକଳ ?

ମଧୁମଙ୍ଗଳ—ଏଁ, ଭାରି ଜାଣିବାର ଥାଏ ତୁ କି ନା ? ସେଇଥି ଲାଗି ଗର୍ବ କରି କହୁଛୁ ।

ତୋକଳ—ବନ୍ଧୁ ! କହିବ, କହିବ ? ତେବେ ଶୁଣ; କାହ୍ନୁ ଯହିଁପାଇଁ ଲୁଚିଲା, ମୁଁ ଏବା ଜାଣେଁ ତାହା ।

ସ୍ତୋକକୃଷ୍ଣ—(ଅମ୍ବରକୁ ଠାରି) କହୁତ ହୋଇଲେ ଯାହା ।

ଗନ୍ଧର୍ବ—କୃଷ୍ଣର ନୂଆ ନୂଆ ପ୍ରୀତ ବୋଲି ସିନା ?

ତେଜ—ଏବେ ସୁବଳ ତଡ଼ ମେଳ ହୋଇଛି, ତାହିଁ ଜଣାଯାଉନା ।

Digitized by PPRACHIN, SOA

ଶ୍ରୀଦାମ—(ଠାର ଶ୍ରୀକୃଷ୍ଣଙ୍କ ପ୍ରତି) ସଖା ! କିଏ ଛନ୍ଦ ?
କିଏ ଛନ୍ଦ ତାହା ବୁଝିବୁଁ ଟିକ,
ଜାଣିଲେ ଖାଇବୁ ଛନ୍ଦ ସବୁ ପଣା,
ନୋହିଲେ ଖାଅ ମାଟିକି ॥

ମଧୁମଙ୍ଗଳ— ଶେବେ ଇନ୍ଦ୍ରାଣୀ ସୁବର୍ଣ୍ଣ ମଧ୍ୟରେ ସୁବର୍ଣ୍ଣ ମାଳ ପ୍ରାନ୍ତରେ ।
ଯାହାର ନାମଟି ତାହାର ଏଥିରୁ ଅନ୍ତର୍ଲିପି ବୁଝ ଧୀରେ ॥

ଶ୍ରୀଦାମ—ଏବେ ଜଣାଗଲା ଯେ, ବ୍ୟାସେ ଜ୍ୱଲଛ ସଖୀ ସେ ତାର !

ଗୀତ

(ଏହୁ କଥା ନକି ବଥା ରେ ସଙ୍ଗାତ—ପ୍ରତି)

ହେଲା ହେଲା ଏବେ ଜଣାଗଲା ସିନା
ବ୍ୟାସେ ଜ୍ୱଲଛ ସଖୀ ସେ ।
କାଲି ମୁଁ ଯିବ ସେଠାକୁ କହୁଥିଲେ
କହିବ ମୁଁ ପରିହାସେ ।
ହେ କଳାକାହ୍ନୁ ! କହିବ ମୁଁ ପରିହାସେ । ୧ ।

ଗୀତ

(କି ନାମ ବୋଇଲୁ ତୁହି ଗୋ—ବୃନ୍ଦେ)

ଶ୍ରୀକୃଷ୍ଣ—ସତ୍ୟବତୀଙ୍କ କଥା— ତୁମ୍ଭ ଥିଲେ ଧର
କଷ୍ଟ ବୁଝିବ ଏ କଥା ।
ନୋହିଲେ ଶ୍ରମ କରିବାରୁ କି ହେବ
ଫୁଟି ମରୁଥିବ ବୃଥା ॥

Digitized by PPRACHIN, SOA

କହୁଛ ତାହାଙ୍କୁ   ନାଗରି ଯେ ଶୋଭା
ଜନବର୍ଣ୍ଣେ ଲୋକେ ଜାଣି ।
ପୂର୍ବେ ଗଣ୍ଡଦେରୁ   ଚରଣ ପ୍ରାନ୍ତ ରୁ
ନ କହୁରୁ ତହୁଁ ମଣି ॥
ଆହେ ପ୍ରିୟସଖା   ସୁବଳ ! କହ ତ
ସେଧନ କେ ଗୃହୁଁ ଅଲ ?
ମୁଁ ଭଷି ଶୁଣିଲି   କହୁ ନ ଭଣିଲି
ମନ୍ଦ ମନ୍ଦ ହସି ଗଲା ॥
ତାହାର ନାମ କ   କହୁବଟି ମୋତେ ?
ମରିବ ମୁଁ ତାହା ବେନ ।
ତା ନେତ୍ର କଟାକ୍ଷ   ମୋର ମର୍ମେ ମାରି
ଯାଇଛନ୍ତି ଚନ୍ଦ୍ରବଦନା ॥

ସୁବଳ—(ହସି ହସି କହିଲେ)

ଗୀତ

(ଜଯରେଖ୍ତ—ରୂତ୍ରେ)

ହେ ସଖା ! ବୃନ୍ଦ   ଦେଖି ଯାହା କହୁଛ
ତୁମ୍ଭେ ଯେ ବଡ଼ ଗୁମାନ ।
ଠାରୁ ନେତ୍ର ଯେତୁ   କହୁଇଛ ଏହା
ସେ ବାଳା ଚନ୍ଦ୍ରମଣି ॥

Digitized by PPRACHIN, SOA

ମଣି ତ ଜାଣିଛି   ପାଇବ ଣ ତରେ
ମାଙ୍କେ ନେଇ ଅଙ୍କ ଦେଇ ।
ଯା ବନ୍ଧନ୍ ଅନ୍ତ—   ଲିପି କର ବଣ
ଏକ ଏକ ବର୍ଣ୍ଣେ ଏହୁ ॥

ଶ୍ରୀକୃଷ୍ଣ—(ଏହାର ମର୍ମ ବୁଝି ପାରି ବୃଷଭୁ ଆଲିଙ୍ଗନ କରିକ ଓ ଭାବାବେଶରେ କହିଲେ)

ମଧୁମଙ୍ଗଳ—(ସ୍ମିତ ହାସରେ) ବାହ୍ବା ! ବାହ୍ବା ! ଇଏ କଣ ?
(ଏହା କହି ତରତରେ ଶ୍ରୀକୃଷ୍ଣଙ୍କୁ ଧକ୍କା ଟଳାଇଲେ)

ଗୀତ

(ଶ୍ୟାମ ବୁଲନ୍ତ ବନେ—ସୁର)

ସୁର ୧—ଅହେ ମିତ ! ଶୁଣି,   ନ ସ୍ୱବ ବର୍ଣ୍ଣବେ,
ଯାହା କହିବ ମୁଁ ତାହା ।
ନ ଜାଣିଲେ ତୁମ୍ଭେ,   ରସିକ ନୁହଁଟି,
ଜାଣିଲେ ତାହାର ନାହା ହେ । ଅହେ ମୁରଲୀ ବାହା ! ॥
ପୂର୍ବ ସ୍ଥାନେ ଅପୂର୍ବ   କଲେ ଯା ନାମ,
ଅଧିକ ଅର୍ଥ ହୁଅଇ ।
ତାଙ୍କୁ ଦେଲେ ମଧ୍ୟ,   ଦନା ମାସ ସ୍ଥାନ୍ତ,
ବଲେମେ ଦଣ୍ଡ ପୁରନ୍ଦ୍ର ହେ । ଅହେ କଳାକହ୍ନାଇଁ ! ॥
ଅନ୍ତ୍ୟ କର୍ଣ୍ଣ ବାହୁ—   ଉଲେ ନାସ୍ତି ଲଷ—
ଶୁଣୁ ଏକ ମଧ୍ୟ ବୁଝି ।

Digitized by PPRACHIN, SOA

ଏ ନାମ ଯାହାର,   ତାହାକୁ ଭଜିଲେ,
ବଇକୁଣ୍ଠେ କେଉଁ ଗିରି ହେ ? ଅହେ ସୁବଳବନ୍ଧୁ ! ॥

ତା ବନସ୍ଥାନ୍ଲ,   ନଶ କୋଣ ସର
ସୁଯଶ ସଙ୍ଗାରେ ତାହିଁ ?

ଭାବୁନାଶ ମଧ୍ୟେ,   ତୁମ୍ଭଙ୍କୁ ପ୍ରବୁଦ୍ଧେ,
ସାର ବନ୍ଧୁଅଛୁ ବନ୍ଧୁ ହେ । ଅହେ ପ୍ରାଣମାଧୋଇ ! ॥

ଶ୍ରୀକୃଷ୍ଣ—ଯା କହୁଲ ସଖା !   ସତ୍ୟ ସତ୍ୟ ନେନେ-
ଦେଖିନାହିଁ ମୁଁ ମାଡର ।

କେବେ କହୁଥାନ୍ତ,   ସେ ବାମ ଗୃହାବ
ଜଗନ୍ମୋହନ ମନ୍ତ୍ରର ହେ । ମୋର ସୁବଳ ସଖା !॥

ସୁବଳ—(ନେତ୍ରାନ୍ତରେ ଠାରବାରୁ)

ଶ୍ରୀକୃଷ୍ଣ—(ଜାଣିପାର ମଉନ ହେଲେ)

ମଧୁମଙ୍ଗଳ—(ଶ୍ରୀକୃଷ୍ଣଙ୍କ ମନର ଭାବ ବୁଝି) ସଖା ! ଅସ, ଅମ୍ଭେ
ତିନିଜଣ ଫୁଲ ତୋଳିବା !

ସୁବଳ—ବାଃ ! ସେହୁ ଚନ୍ଦ୍ରକାନ୍ତ ଫୁଲ ଗୁଡ଼ିକ ତୋଳି ବକୁଳ
ବକୁଳ ମୂଳରେ ଗନ୍ଥିବା ।

ମଧୁମଙ୍ଗଳ—ହଁ, ହଁ, ସତ କହୁଲ ସୁବଳ ! ଅସ ଅସ ।
(ଶ୍ରୀକୃଷ୍ଣଙ୍କ ସହ ମଧୁ ଓ ସୁବଳ ପ୍ରସ୍ଥାନ)

ବସନ୍ତ—କି ହୋ ! ତୁମ୍ଭେ ତିନିଜଣ ସାଥିହୋଇ ଗ୍ଭଲିଗଲ ?
ମୋତେ ଡାକିଲ ନାହିଁ, ମୁଁ ତେବେ ବଳେ ବଳେଯିବି !
(ପ୍ରସ୍ଥାନ)

Digitized by PPRACHIN, SOA

ଶ୍ରୀଦାମ—ଶୁଣ ଦାମ ସୁଦାମ ! ଏମାନେ ଫୁଲଦୋଳା ବାହାନାରେ କେଉଁଆଡ଼କୁ ଗଲେ, ଶୁଣ ସେ ରହସ୍ୟ ଅନୁମାନ କରି ବୁଝିବା ।

ସମସ୍ତେ—ହଁ ଶୁଣ ! ଆସ ଆସ, ଚଞ୍ଚଳ ଆସ ।

(ସମସ୍ତଙ୍କ ପ୍ରସ୍ଥାନ)

ପଟ ପରିବର୍ତ୍ତନ ।

ଚତୁର୍ଥ ଅଙ୍କ

ଚତୁର୍ଥ ଦୃଶ୍ୟ

ବକୁଳ ବନ

(ଶ୍ରୀକୃଷ୍ଣ, ସୁବଳ, ମଧୁମଙ୍ଗଳ, ବସନ୍ତଙ୍କ ପ୍ରବେଶ)

ଶ୍ରୀକୃଷ୍ଣ—ବସନ୍ତ ! ଏ ପତ୍ରରେ କଅଣ ଲେଖାଅଛି ପଢ଼, ତାହା ଶୁଣିବା । (ପତ୍ର ପ୍ରଦାନ)

ବସନ୍ତ—ହେଉ, ପଢ଼ୁଛି ଶୁଣ (ଧୀରେ ଧୀରେ ସୁସ୍ୱରେ ପାଠକଲେ)

(ପଦ୍ୟରୂପୀ ପତ୍ରିକା)

ଭାଳିକା ଶରଣ,   ବାଳିକା ଜଣାଣ,
ବନମାଳୀ ପଦଚରଣ ।
କନିଷ୍ଠାଙ୍ଗୁଳ ଦନ୍ତ ନଖ କୋଣ ।

Digitized by PPRACHIN, SOA

ଜଳ ଗାଆନ୍ତି ଯାହାର,   କୋଟି କୋଟି ବ୍ରହ୍ମାଣ୍ଡ,
ବ୍ରହ୍ମା ଦୋହନ ହେ; ସୁନ୍ଦର ! ।
କହନ୍ତି ସେ ପରମାତ୍ମା ଯାହାକୁ ।
ଭବ ଜଳ କେ ଜନମ ତାହାକୁ ।
କଳନାରେ ତା   ଅଂଶରେ ଜୀବ ଜଡ଼
ସଂସାର-ଖେଳଘରକୁ ହେ, ସୁନ୍ଦର ! । ୧ ।
କୋଟି ବ୍ରହ୍ମାଣ୍ଡନାଥ………………

(ନାଚେଣି ନାଚେଣି) ସେ କୋ-ଟି-କୋ-ଟି (ପାଠ କରୁ କରୁ)

ମଧୁମଙ୍ଗଳ—(ଝଟ୍‌କରି ପଦଗଣ୍ଡି ଝାମ୍ପିନେଇ କହିଲେ)
ଆଉ ଏ ପଦ ଗଣ୍ଡି ଆରମ୍ଭ ଦେବାକୁ, (ବୁଢ଼ାଙ୍ଗୁଳି ଦେଖାଇ)
ନ ପାଠଂ, ନ ପାଠଂ, ନ ପାଠଂ; (ମୁଖଭଙ୍ଗି ସହିତ)
ବାବୁ ! ଅଚ୍ଛା ଅଚ୍ଛା, ତମ ମଜାସବୁ ବାହାରିବ ଯେ,
ରହ ରହ ।

(ପଦ ଖଣ୍ଡ ପକାଇ ତାନରେ ବାନ୍ଧିବାକୁ ଆରମ୍ଭ)

ଶ୍ରୀକୃଷ୍ଣ—(ବିନମ୍ର ସହିତ)

ଗୀତ

(ଅଇଲା ବସନ୍ତ ସ୍ୱଙ୍କା—ପଦ)

ଅହେ ମୋ ପରାଣ ସଖା ! ଶୁଣ ମୋ ବଚନ ।
ତଅ ତଅ ପଦଗଣ୍ଡି ଅନ୍ୟ ହେଉ ସ୍ୱତ ହେ ॥

Digitized by PPRACHIN, SOA

ମଧୁମଙ୍ଗଳ—ଯେବେ ମୋତେ ନବଣୀରୁ ସେଇଟେ ଦେବୁ ନନ୍ଦ ।
ତେବେ ଏ ଖଣ୍ଡଟି ଦେବ ତା ନୋହିଲେ ଯନ୍ତ୍ର ହେ ॥

ଶ୍ରୀକୃଷ୍ଣ—ଯେତେ ଇଚ୍ଛା ତେତେ ଦେବ ନବଣୀ ଶାକର ।
ସୁବାସ୍ୱା ବନ୍ଧୁ ସେ ପତ୍ରିକାଟି ଦାନ କର ହେ ॥

ମଧୁମଙ୍ଗଳ—(ପତ୍ର ଧରି ବକ୍ରସ୍ୱ ଭଙ୍ଗୀରେ) ଆଗେ ଅମ୍ଭେ ଟିକଏ ପଢ଼ୁଁ, ବନ୍ଧୁ, ଏତେ ଉତ୍କଣ୍ଠା କାହିଁ (*ପତ୍ର ଆରମ୍ଭ ଓ ପଢ଼ି.ନ. ଜାଣିଲା ପରି ପତ୍ର ଫେରାଇବା) ନଅ ନଅ, ଅମ୍ଭେ ଏ ଅକ୍ଷର ପାଠ ନୋହୁଁ ।

ଶ୍ରୀକୃଷ୍ଣ—(ବସନ୍ତ ପ୍ରତି) ସଖେ ! ତୁଳକର ପଢ଼ ତ ବଳ ?

ବସନ୍ତ—(ତୁଳକର ପାଠକଲେ)

ଗୀତ

କନ୍ଦର୍ପ ଦର୍ପଭଞ୍ଜନ ଘନାଞ୍ଜନ ଗଞ୍ଜନ ଶରୀରଣ କାଳିଆ । କୁବଳୟ କୁଞ୍ଜଫଳ ମାଳିଆ କୁଣ୍ଡଳିଆ କାଳସର୍ପ ମେଳିଆ ତୁଳା ତନୁ ପାତଳିଆ ହେ ସୁନ୍ଦର !। କୋମଳ ପଦାରବିନ୍ଦ ସିଆଳିଆ । କୁଞ୍ଜବିହାରୀ କଦମ୍ବମୂଳିଆ । କଳାପି-କଳାପ ଚଳିଆ କାମିନୀ କଦମ୍ବ ଧୈର୍ଯ୍ୟ ଟାଳିଆ ହେ, ସୁନ୍ଦର !। ୧ । ତମ୍ଭକୁ କର ଲେଖିବ କି ପ୍ରକାର ଅନୁମାନେ ଜାଣ ପ୍ରସଙ୍ଗ । କଳକଣ୍ଠ କଣ୍ଠିକ କର ସଙ୍ଗ । ଦାନ ମନ୍ତ୍ରକୁ ସେବାଯୋଗ୍ୟ ନୋହିଲେ ବାରେ ଦେଖାଅ ଶ୍ରୀଅଙ୍ଗ ହେ, ସୁନ୍ଦର ! ବୃପାସିନ୍ଧୁ ନାମ କାହୁଁ ବହିଲ । କେଉଁ ରଙ୍କ ତୁମ୍ଭକୁ କି ପିଇଲ ? ବାମ ଦରକ୍ଷ ବାମା ତୁମ୍ଭ ମାନସ ବାସ ଉଦ୍ଦେଶ ହିଁ ଭିଲ ହେ, ସୁନ୍ଦର । ୨ ।
କବେ ଚନ୍ଦ୍ରୀ ବେଳ ତୁମ୍ଭ ଭରାକୁ ହଟହଟା ଗୋପନଗରେ ।

Digitized by PPRACHIN, SOA

ଦେଖଣ ତପ ଫଳ ମିଳ ବେଗରେ, ବର୍ଣ୍ଣ ଆଦ୍ୟରେ ଶୋଭାକୁ ସମ୍ପୂର୍ଣ୍ଣ
ବନ୍ଧ ବନିତା-ସ୍ୱଗରେ ହେ, ସୁନ୍ଦର !। ଭଣ ।

ଶ୍ରୀ ଶ୍ରୀ ଛନ୍ଦାଚରଣ ଦାସୀ ଅଭଗିନୀ:—

“ଚନ୍ଦ୍ରାବଳୀ”

ଶ୍ରୀକୃଷ୍ଣ—ବସନ୍ତ ! ପଦ୍ମ ପଢ଼, ଶେଷରେ ଅଛି ତ ? ସେ ନାମଟି ଆଉ ଥରେ ପଢ଼ ଶୁଣେ !

ବସନ୍ତ—ଶ୍ରୀ ଶ୍ରୀ ଛନ୍ଦାଚରଣ ଦାସୀ ଅଭଗିନୀ ‘ଚନ୍ଦ୍ରାବଳୀ’

ଶ୍ରୀକୃଷ୍ଣ—ଆହା ! ନାମ ଅନୁରୂପେ ପ୍ରେମପଦଟି ତ, ସଖା ! ଧନ୍ୟ ଧନ୍ୟ, ଅକ୍ଷର ଯୁଗଳ କି ସୁନ୍ଦର, ଶ୍ଲୋକର ପଦ ପଦ ଭରେ ଛଣା ଅମୃତ ପୂର ବନ୍ଧୁ ହେ, ପ୍ରିୟସଖା ! ଗୁଣଗ୍ରାହୀର ଏ ରସସିନ୍ଧୁରେ ମୋ ମନ ବୁଡ଼ିଗଲାଣି ଯେ, ଏଥିକି ଉତ୍ତର କଅଣ ?

ବସନ୍ତ—ହେ ଗୁଣଗ୍ରାହକ ! ତୁମ୍ଭେ ଯେପରି ଗୁଣ ଶିକ୍ଷା ପାର, ସେ ଗୁଣବତୀ ମଧ୍ୟ ସେହିପରି ଗୁଣଶକ୍ତି ପାରନ୍ତି, ନୋହିଲେ ତୁମ୍ଭ ଗୁଣାବଳୀକି ମାଳ କରି ଏପରି ଲେଖି-ଥାଆନ୍ତା କି ? ହେ ଗୁଣଗ୍ରାହୀ ! ତୁମ୍ଭେ ନିଜର ମହିମା ଭକ୍ତମାନଙ୍କ ମୁଖରେ ଏହିପରି ଶୁଣାଇଥାଅ ।

ଗୀତ

(କୃଷ୍ଣର ଗମନ, ଦେଖି ଚଳ ଚଳ—ପ୍ରଭ)

ନାନା ସ୍ୱରୂପରେ   ଜନ ମନ ମୋହି—
ବାଲୁ ଏକା ତୁମ୍ଭେ ପ୍ରବୀଣ ।
ନର ଲୀଳାରେ   ଯାହା ନ ପୃଥିବୀରେ
ଧନ୍ୟଙ୍କର ଗୋପୀରମଣ ॥
କାହ୍ନୁ ହେ ! ଧନ୍ୟ ଧନ୍ୟ ତୁମ୍ଭ ମହିମା । ୧ ।

(ବୈଷ୍ଣବ ଚରଣ ଦାସ)

ମଧୁମଙ୍ଗଳ—ବୟସ୍ୟ ! ବ୍ରାହ୍ମଣମାନେ ତୁମ୍ଭଚରିତ ବୁଝିପାରି ପାରନ୍ତି ହୋଇ କଥା ହେଉଥିବାର ମୁଁ କିଛି କିଛି ବୁଝି ପାରୁଛି । ଆଉ ସମ୍ପୂର୍ଣ୍ଣରୂପେ ଜାଣିଲି, ତୁମ୍ଭେ ସାକ୍ଷାତେ ନାରାୟଣ, ଲୀଳା ବିସ୍ତାର କରିବାକୁ ଏ ମର୍ତ୍ତ୍ୟମଣ୍ଡଳରେ ଜାତ ହୋଇଛ । ଆମ୍ଭମାନଙ୍କ ଭାଗ୍ୟ ଧନ୍ୟ, ଯେଣୁ ତୁମ୍ଭର ସଙ୍ଗୀ ହୋଇଛୁଁ । ଆଜମଧ୍ୟ ସେହି ଚନ୍ଦ୍ରାବଳୀ ଧନ୍ୟାଙ୍କପର କାହୁଁ ତୁମ୍ଭ ମହିମା ଜାଣିଲା, ଯଦ୍ୟପି ତୁମ୍ଭ ଚରିତ ସମ୍ପୂର୍ଣ୍ଣ ଜାଣି ପାରି ନ ଥିବ, ତେବେ ତା ବଗିଚାରେ ବଟାବଟି କରି ଏ ପତ୍ରିକା ଲେଖି ଦେବାଟା ସଫଳ ତାହାର ପିନା ।

ଶ୍ରୀକୃଷ୍ଣ—ବୟସ୍ୟ ! ନାଗରଙ୍କୁ ନାଗରୀମାନେ ଏହିପରି ଟେକାଟେକ କରି ଲେଖିଥାଆନ୍ତି । ଯାହାହେଉ, ସଖା ! ତହିଁରୁ କି ମିଳିବ ? ମୋର ସଦାନନ୍ଦ ନାମ, ଏଣୁ ସଦାସର୍ବଦା

Digitized by PPRACHIN, SOA

ଆନନ୍ଦରେ ଥାଏଁ । ଏହି ସ୍ଥାନଟି ମୋର ସର୍ବଦା ନିତ୍ୟ, କାଳେ କାଳେ ମୋର ଗୋରକ୍ଷଣ ବୃତ୍ତି । ପ୍ରକୃତରେ ନାରାୟଣ ମୁଁ ନୁହେଁ, ନାରାୟଣଙ୍କର ସୁର, ନର, ନାଗ, ଜନର ସ୍ତୁତ ଭୃତ୍ୟ ଅଟନ୍ତି । ମୁଁ ତାଙ୍କର କେଉଁ ଅଂଶରେ ସମ ହେବି ? ସାମାନ୍ୟ ଗୋପଶିଶୁ ମାତ୍ର ।

ମଧୁମଙ୍ଗଳ—ହେ ଗୁଣ୍ଡବଙ୍କା ବଣ୍ଡ ! ଏ ଷଣ୍ଡପଣ ଛାଡ଼; ଛାଡ଼ । ତୁମ୍ଭ ଗୁଣ ମୁଁ ଜାଣି ପାରିଲିଣି ଯେ ?

ଗୀତ

(ଭଞ୍ଜମେଳା ମନ୍ତ୍ରର ବଂଶୀ ଧ୍ୱନି—ପ୍ରଭ)

ହେ ଗୁଣ୍ଡବଙ୍କା ଏ ବଣ୍ଡପଣ ।
ଜାଣିଲି ଜାଣିଲି ତୁମ୍ଭ ଗୁଣ ।
ସବୁଆଡ଼େ ତୁର   ତୁମ୍ଭେ ଅବତର
ମାରବ କଂସକୁ ଏ ପ୍ରମାଣ । ଥାଉ ଥାଉ
ଆମ୍ଭ ଆଗେ ଫଟେଙ୍କେ ନ କହ ଅଭ ହେ ।
ଯେବେତ ଧନ ମିଳନ୍ତା ସେ ଇଚ୍ଛା ହେଉ ହେ ।
ଆମ୍ଭେ ଦରିଦ୍ର ବ୍ରାହ୍ମଣ ମାଗି ଖାଉଁ ହେ ॥

ଶ୍ରୀକୃଷ୍ଣ—(ହସି ହସି ଆଲିଙ୍ଗନ କରିଲେ ଓ ଏହିପରି କହିଲେ)

ଗୀତ

(ଉପରୋକ୍ତ—ତୁଳେ)

ଅହେ ବଟୁ ତୁମ୍ଭେ ଧନ୍ୟ ଧନ୍ୟ ।
ସଖା ମଧ୍ୟେ ଅଟ ମୋ ଜୀବନ ।

Digitized by PPRACHIN, SOA

ତାହା ସବୁ ଛାଡ଼;   ଚନ୍ଦ୍ରାବଳୀ ବଚ୍ଚ
ଅବେକ୍ଷିକା ଭଣି ପ୍ରେମଧନ ସେ । ଭକ୍ତ ଦାସ ।

ଏ କାରଣ ଏବେ ମୋ ଉପାୟ କସ ହେ ।
ତାହା ସେବା କରୁକୁ ମୋ ଦୁଃଖ ନାଶ ହେବ ।
ବନ୍ଧୁ ଭୂଷା ଥାଉଁ ମୁଁ ଯାଉଛୁ ନାଶ ହେବ ॥

ବସନ୍ତ—(ହସି ହସି କହୁଲେ) ସଖୀ ! ଅନ୍ଦ୍ରେ ଆଜେ ଉଦ୍ଗାର କରି ଲେଖିବା ।

ଶ୍ରୀକୃଷ୍ଣ—(ଭ୍ରମ ସହ୍ଲତ) ପ୍ରିୟେ ! ଆସ ଆସ; (ଗୋଟିଏ ସଖୀକୁ ଆଲିଙ୍ଗନ କରିବା ଅଭିନୟ)

ମଧୁମଙ୍ଗଳ—(ପରିହାସ ମିଶା ଛଳ ଉକ୍ତି) ଅହେ ରସରାଜ ଚନ୍ଦ୍ର-ବର୍ତ୍ତ ମହାଶୟେ ! ଶୁଣିବା ହେଉ, ଶୁଣିବା ହେଉ ?

ଗୀତ

(ଜଳା କଳେବର କହାଁଇ, ସଙ୍ଗେ ଷୋଡ଼ଶୀ ସୁତ—ପ୍ରତ)

ମଦନ ମଦର ମାଦଣେ ଅହେ ଜାଳଅହାଗୀ !
ଅଶ୍ଳେଷିତ ହୋଇଗଲଣି ଏବେ ଥରାଇ ଛାତ । ୧ ।

ତୁମ୍ଭ ଜାଣ ଉପ୍ଗୁମାନ ଅଙ୍ଗ ଅଙ୍ଗୁ କ ବାକୀ ?
କାହାକୁ କ ଚୋଳ୍ କନ୍ଦୁର କାନ୍ଦୁ କାହାକୁ ଜାଳ ? ।୨।

ପଦ ଲେଖିବାକୁ ହେଜା ତ କଲେ ଚେଲା ବୁଢ଼ବ ।
ଚଞ୍ଚଳ ଲେଖା ଅବନ୍ଧ ହେ ଏହୁ ମହାର୍ଣ୍ଣ ଶୁଭ । ୩ ।

Digitized by PPRACHIN, SOA

ବସନ୍ତ ସଖା ଯା କହୁଛ ସେହି ପ୍ରକାରେ ଲେଖ ।
ବିଳାସ ହାତରେ ପଠାଇ ଲଭ ଆନନ୍ଦ ସୁଖ । ୪ ।

(ବୈଷ୍ଣବ ଚରଣ ଦାସ)

ସଖା ! ବିଳମ୍ବ ନ କର, ସେହି ଅନୁରୂପେ ପତ୍ରିକା ଲେଖ । ବିଳାସର ଭଉଣୀ ଘର, ସେ ସଖୀସ୍ଥଳୀ ଗ୍ରାମରେ, ତାକୁ ସେ ସେଠାକୁ ଯିବ ବୋଲି କହୁଥିଲା, ସନ୍ଧ୍ୟାକେ ତ ବିଳାସ ସିଲ୍କଟିଏ, ତାହାର ହାତରେ ଛଟାଙ୍କ ଗଣ୍ଡିକ ପଠାଇବା, ସେ ନେଇ ଚନ୍ଦ୍ରାବଳୀଙ୍କି ଦେବ ।

ବସନ୍ତ—ମୋର ଆଉ ଗୋଟିଏ କଥା ମନେ ପଡ଼ିଲା ସଖା ! ପତ୍ରିକାଟି ମୁହଁ ପୁଷ୍ପମାଳାରେ ଗୁନ୍ଥାଇ ପଠାଇ ଦିଅ, ଯେପରି ଅନ୍ୟ କେହି ଜାଣି ନ ପାରିବେ ।

ଶ୍ରୀକୃଷ୍ଣ—ସଖା ! ଉଚିତ କହିଲ, ଆସ ତାହାହିଁ କରିବା, ଏ କଥା ମଧ୍ୟ ଆମ୍ଭର ଆଉ ସଖା କେହି ଯେପରି ନ ଜାଣନ୍ତି, ଗୋପନ କରି ରଖ ।

ସୁବଳ—ଭଲ ଭାବୁ ! ଚନ୍ଦ୍ରାବଳୀର ପତ୍ରିକାଟି ମଧ୍ୟ ଲୁଚାଇ ରଖ ।

ଶ୍ରୀକୃଷ୍ଣ—ହଁ ସଖା ! ଏହି ବନମାଳା, ବୈଜୟନ୍ତୀମାଳା ସଙ୍ଗେ ହୃଦୟରେ ଲୁଚାଇ ରଖିବ । (ତାହା କଲେ)

ବସନ୍ତ—ଏବେ ଉଠ ଯିବା, ଅନ୍ୟାନ୍ୟ ସଖାଙ୍କ ପାଖେ ।

ମଧୁମଙ୍ଗଳ—ଆଉ ବିଳମ୍ବ କଲେ କି ଲାଭ ? ଆସ ।

ଶ୍ରୀକୃଷ୍ଣ—ଚାଲ, ଫୁଲ ତୋଳି ତୋଳି ତାଙ୍କ ନିକଟକୁ ଯିବା ।

Digitized by PPRACHIN, SOA

ଗୀତ

(କୁସୁମିତ ବୃନ୍ଦାବନ ଦେଖ ସଖା ଓ ଶୋଭନ—ପ୍ରତି)

ଫୁଲ୍ ଫୁଲ୍ ଡୋଳି ଡୋଳି,　　ଭାବ ପାଶେ ଯିବା ଚାଲି,
ଅଙ୍କେ ମଧୁ ବସନ୍ତ ସୁବଳ !
ଦେଖି ସେ ଲାବଣ୍ୟ ଛଟା,　　ମନବାଞ୍ଛା ପୂରାଇବ,
ତୁମ୍ଭେମାନେ ଭରସା କେବଳ ।
ପ୍ରାଣକୁ ଅଧିକ ନରମସଖା !
ମୋ ଆଶା ତୁମ୍ଭଙ୍କୁ ବାଧଇ ଏକା । ୧ ।

(ବୈଷ୍ଣବ ଚରଣ ଦାସ)

(ସମସ୍ତଙ୍କ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

ଚତୁର୍ଥ ଅଙ୍କ

ପଞ୍ଚମ ଦୃଶ୍ୟ

ଲୋହ୍ଲା ବନ

(ଦାମ, ସୁଦାମ, ବସୁଦାମ, ଶ୍ରୀଦାମ, ଅନୁଦାମ, ନକୁଳ, ଗନ୍ଧର୍ବ, ତୋକଲ, ଚେଳ, ଅର୍ଜୁନ, ବାହୁ, ସୁବାହୁ, ମଣିଭଦ୍ର, ଉତ୍ପଳ; ଶ୍ରୀକୃଷ୍ଣ, ବଳରାମଙ୍କ କ୍ରୀଡ଼ା କୌତୁକ)

Digitized by PPRACHIN, SOA

ଶ୍ରୀଦାମ—(ଲେଉଟଣର ଦୂରକୁ) କେଜାଣି ! ଦେଖିଲ ତ, କଅଣ କାହ୍ନୁର ଢଙ୍ଗ ? ସୁବଳ, ମଧୁମଙ୍ଗଳ, ବସନ୍ତ ଏ ତିନି ଜଣଙ୍କୁ ଘେନି କେଉଁଆଡ଼େ ଯେ ଗାଈ ଚରାଇବାକୁ ଯାଇଛି, ଏ ପର୍ଯ୍ୟନ୍ତ ତାହା ଖବର ନାହିଁ ହଳ ମାଆ-ନନ୍ଦ ରାଣୀ କେତେ ଅନାଇବେ ? ଆମ୍ଭମାନଙ୍କ ସଙ୍ଗରୁ ତ ନିତ ନିତ ଏହିପରି ଅଲଗା ହୋଇ କେଣେ ବୁଲି ଯାଉଛି, ତାକୁ କେତେ ଅନାଇବା !

ବଳରାମ—ଶ୍ରୀଦାମ ରେ ! ମୁଁ ତାହାର ବଡ଼ଭାଇ ବୋଲି ହାସ୍ୟରସରେ ତାର ବାଧା ଘଟେ, କାରଣ କାହ୍ନୁ ମୋତେ ବିଶେଷ ମାନ୍ୟ କରେ, ଏହିହେତୁ ତାହାର ଆନନ୍ଦ ଊଣା ହୁଏ, ଯାଉଥାଉ, ତା ଆନନ୍ଦରେ କିଆଁ ବାଧା ଘଟିବ, ତାର ଅତିପ୍ରିୟ ସଖାମାନଙ୍କ ସଙ୍ଗେ ଏହିପରି ଖେଳୁଥାଉ ।

ଗୋ ଧନ ବାହୁଡ଼ାବେଳ ହେଲାଣି, ଏଥର ଆମ୍ଭସଙ୍ଗେ ମିଶିବ ତ ? ଆସ ସମସ୍ତେ ବଂଶୀ କାହାଳୀ, ଶିଙ୍ଗା ବଜାଇବା ସେ ସ୍ୱରକଣ ଯେଉଁଠାରେ ଥିଲେ ଶୁଣି ଆମ୍ଭ ନିକଟକୁ ଏହିକ୍ଷଣି ଦଉଡ଼ି ଆସିବେ ।

ସୁଦାମ—ହେଉ, ହେଉ, ବଜାଅ, ଆଉ ମଣ୍ଡଳୀହୋଇ ସମସ୍ତେ ନାଚ ।

ଦାମ—ଗୀତ ଗାଇ ଗାଇ ନାଚିବା, ବଂଶୀ ବାଇ ବାଇ ମଣ୍ଡଳୀ ହୋଇ ବୁଲିବା ।

ଗନ୍ଧର୍ବ—ହଁ ଭାଇ ! ଏହି କଥା କରିବା ।

ବଳରାମ—ଗାଅ ତେବେ, କାହ୍ନୁ ବି ସେହିକଥା ଗୀତଗାଉଛି, ମଧୁରସ୍ୱରରେ, ମଧୁର ଛନ୍ଦେ, ମଧୁର ମନ୍ଦେ ।

Digitized by PPRACHIN, SOA

ସମସ୍ତେ—(ସମାନ ସ୍ୱରରେ କେତେଜଣ ଗାନକଲେ ଓ କେତେଜଣ ବଂଶୀ ବାଇଲେ)

ଗୀତ

ଜୟ ଘନ ଶ୍ୟାମଳିୟା,   ଗୋବ୍ରଜ ଧନ ଚୋଳିଆ,
ଜୟ ତରୁ ପାତଳିଆ, ବନଫୁଲ ମାଳିଆ ।
ଗୋପଶିଶୁ ମେଳିଆ ରେ, ପରାଣ ସଙ୍ଗାଳିଆ । ୧ ।
ଶିଖୀ ପୁଚ୍ଛ ଚୂଳିଆ,   ଗୁଞ୍ଜ ପୁଞ୍ଜ ମାଳିଆ,
ରଙ୍ଗ ଡାମ୍ଫୁଡାଳିଆ ରେ, ମାନସ ଚଞ୍ଚଳିଆ । ୨ ।
ଆସ ଆସ ଭାଇ, ଆସ ରେ ଧାଇଁ,
ଆସ ରେ ଆସ ରେ କୋଳଙ୍କାଇଁ !
ଗୋକୁଳେ ଯିବା ରେ ଫେରାଇ ଗାଈ ॥

(ସମସ୍ତେ ପାଦ ଛନ୍ଦ ଛନ୍ଦ ଗାନ ସହିତ ନୃତ୍ୟାଭିନୟ କଲେ)

ଶ୍ରୀକୃଷ୍ଣ—(ମଧୁମଙ୍ଗଳ, ସୁବଳ, ବସନ୍ତଙ୍କ ସହ ପ୍ରବେଶ)

ମଧୁମଙ୍ଗଳ—ଥାଉ, ଥାଉ ତୁମ୍ଭମାନଙ୍କ ନାଚିବା, ଗାଇବା, ସବୁ ଜଣାଗଲା ଯେ କରେ, ନାଚୁଆ ସ୍ୱଚ୍ଛା ବିନା କିଏଣ ନାଚ ତୁମ୍ଭମାନଙ୍କର ମାନିବ ? ନାଚୁଆ ମନ୍ତ୍ରୀ ଏ ମଧୁମଙ୍ଗଳର ମନ୍ତ୍ରଣା ନ ନେଇ ତୁମ୍ଭେ ଗୋଠପିଲାଏ ଯେ ଏତେ ନାଚ ନାଚ ଥୟା ହେଲଣି, କହିଲ ଭଲ ନୃତ୍ୟଗୋଷ୍ଠୀ ସୁନ୍ଦର ଦିଶୁଛି କି ?

ବଳରାମ—ନା, ନା, ବଟୁ ! ନାଚୁଆ ନୀଳମଣି ନ ଥିବାରୁ ନାଚ କାହାରି ଭଲ ଦିଶୁ ନ ଥିଲା, ଏବେ ସମସ୍ତେ ମିଳି ନାଚ,

Digitized by PPRACHIN, SOA

କାହ୍ନୁ ସଙ୍ଗରେ ମୁଁ ନାଚିବି; ଏଥିପରେ ନାଚି ନାଚି
ଗୋଧନ ବାହୁଡ଼ା କରି ଗୋକୁଳକୁ ଯିବି ।

(ଶ୍ରୀକୃଷ୍ଣଙ୍କ ପ୍ରତି)

ବଜାଅ'ତ ତୋର ମୋହନ ବଂଶୀ ?

ସମସ୍ତେ—ହଁ ବଜାଅ କାହ୍ନୁ !

ଗୀତ

ବଜାଅ ରେ କାହ୍ନୁ ମୋହନ ବଂଶୀ ।
ସଖାମେଳ ମଧ୍ୟରେ ହସି ହସି । ଘୋଷା ।

ନାଚ ଚଳ ଚଳ,   ଏ ସଖାମଣ୍ଡଳୀ,—
ନକ୍ଷତ୍ରମାଳକା ପୂର୍ଣ୍ଣିମା ଶଶି ! । ୧ ।

ତୋ ପ୍ରେମ ହିଲ୍ଲୋଳେ,   ମାତ କୁତୂହଳେ,
ଏହୁ ବନସ୍ଥଳୀ ଉଠୁ ଉଛୁସି । ୨ ।

(ଗାନ ସହିତ କିଙ୍କିଣି ଛନ୍ଦେ ସମସ୍ତଙ୍କ ନୃତ୍ୟ)

ବସନ୍ତ—ସଖାମାନେ ! ଦେଖ ଅସ୍ତଗିରିର ଅଦତ୍ୟଦେବ ଅରକ୍ତ ବର୍ଣ୍ଣରେ ମଣ୍ଡିଲେଣି । ଗୋପପୁରକୁ ଯିବାକୁ ମନେ ପଡ଼ୁନାହିଁ କି ?

ଅର୍ଜ୍ଜୁନ—ସଖା ! ଗୋପପୁରକୁ ଯିବା କଥା କାହିଁକି ମନେ ପଡ଼ିବ ? ଅମାନାଙ୍କ ସଙ୍ଗ ଏ ସୁବର୍ଣ୍ଣର ଅର୍ଘ୍ୟଥାଳୀକି ଧରି ଅସ୍ତ କାହ୍ନୁ ଙ୍କର ବନ୍ଦାପନା କରିବାକୁ ଅସୁଛୁ ? ବଂଶୀଧାରି ! ତୁମ୍ଭେ ପ୍ରେମରେ ଏହାକୁ ବୋଲ କରବଟି ?

Digitized by PPRACHIN, SOA

ଗୀତ

(ଶ୍ୟାମବନ୍ଧୁ ଘର ନେତ୍ର ଦ୍ୱାରାହିଁ—ଝୁଲା)

ବଂଶୀଧର ! ଅହେ ବଂଶୀଧର !
ତୁମ୍ଭ ପ୍ରେମେ ଏ ପ୍ରାଣ ଭୋଳାଇ ହେ ।
ଭବ ନୈରାଶ୍ୟେ ଏ ଜର୍ଜର ହେ ।
ଏ ହୃଦରେ ଏକା ହେଲ ଅନ୍ଧକାର ହେ । ୧ ।

ଶ୍ରୀକୃଷ୍ଣ—ଭାଇ ଅର୍ଜୁନ ! କାଲି ଏ ରହସ୍ୟ କରିବୁ, ବେଳ ଢଳୁର ହେଲାଣି, ଆସ ସମସ୍ତେ ଗୋପପୁରକୁ ଗାଈ ବାଛୁରିଙ୍କି ଫେରାଇ ନେବା ।

ବଳରାମ—ସଖାଗଣ ! ଢିଲମ୍ବରେ ପ୍ରୟୋଜନ କଅଣ ? ଜଣର-ଗୋଷ୍ଠସମସ୍ତ ବ[illegible] ପଡ଼ିଲଣି, ସକଳେ ଚାଲ ।

ମଧୁମଙ୍ଗଳ—ଗୋଷ୍ଠବାହୁଡ଼ା ଗୀତଟି ଗାନ ହେଉ ତେବେ ।

ସମସ୍ତେ—(ସମସ୍ତେ ଗାଇଲେ)

ଗୀତ

(ଆସ ବୃନ୍ଦାବନେ ବନେ ବନେ—ବୃନ୍ଦେ)

ବନ ବାହୁଡ଼ା ବଳଯୁ ଠାଣି ଅହା କ ଶୋଭା ।
ଘନଶ୍ୟାମ ସଖାମେଳେ ଗୋଚାରଣେ ପ୍ରଭା । ଘୋଷା ।
ଜନ ମନ ବିମୋହନ,   ଭବ ଗାଢ଼ ଅପଘନ,
ଦେଖିଥିବ ଥରେ ସେବା ଜେ ନୋହେ ଲୋଭା । ୧ ।

Digitized by PPRACHIN, SOA

ବାତ୍ସଲ୍ୟମୟୀ ଜନନୀ,   ଭାଗ୍ୟବତୀ ନନ୍ଦରାଣୀ,
ଢୋଲ ମଣ୍ଡିବ ଏଥର ଏ ଗୋଷ୍ଠ ମଘବା । ୨ ।

ପୁଣି କାଲି ଗୋଦୋହନ,—   ସାରି କରି ଗୋସ୍ବରଣ,
ଆମ୍ଭେ ସର୍ବ ସଖାଗଣ ବନେ ଆସିବା । ୩ ।

ଘେନିଣ ସର ଲବଣୀ,   ମାତା ଯଶୋଦା, ସ୍ନେହୁଣୀ;
ଗୃହୁଁ ବସିଥିବେ ଗୁଲ ଗୁଲ ଖାଇବା । ୪ ।

(ନୃତ୍ୟ କରି କରି ସମସ୍ତଙ୍କର ପ୍ରସ୍ଥାନ)

ପରଦା ପତନ ।

Digitized by PPRACHIN, SOA

ପଞ୍ଚମ ଅଙ୍କ

ପ୍ରଥମ ଦୃଶ୍ୟ

ବିଳାସ ଭବନ

(ଶ୍ରୀକୃଷ୍ଣ ଏକାନ୍ତରେ ପତ୍ରିକା ଲେଖି ବିଳାସ ନାମକ ସଖୀ ହସ୍ତେ—
ପ୍ରଦାନ ପୂର୍ବକ କହିବା ଅନନ୍ତରୁ ଓ ଗାନ)

ଗୀତ

(ହୃଦୟ ବଇକୁଣ୍ଠ ମୁଁ ତାଙ୍କୁ ଜାଣି ଜାଣି—ପ୍ରଭ)

ପ୍ରିୟସଖୀ ! ତୂପତରେ ନଅ ନଅ ଏ ପତ୍ରିକା ।
ଏକାନ୍ତେ ସେ କାନ୍ତା—　　　　ରତନଙ୍କୁ ଦେବୁ
ନ ଜାଣିବେ ଆନ କେହୁ ଏକା । ଘୋଷା ।
ତୁ ତ ବୟସରେ ଅଟୁ ସାନ, ମନା ନାହିଁ ତୋତେ କା ସଦନ,
ଯେନାଯେନ ବଞ୍ଚ　　　　ଘନଜଘନୀକି
ବୁଝାଇବୁ ମନୁ ଗୂଢ଼ ଦଶା । ୧ ।

ବିଳାସ—(ପତ୍ରିକା ଗ୍ରହଣ କରି ଗର୍ଭରେ ରଖିବା ଓ ହସମନେ ପ୍ରସ୍ଥାନ)

ଶ୍ରୀକୃଷ୍ଣ—(ସ୍ୱଗତଃ) ଏ ବାଳକ ତ ଅବଶ୍ୟ ସେହି ସୁନ୍ଦରୀଙ୍କ ମୋ ହସ୍ତ ଲେଖା ପତ୍ରଟି ଦେବ, ଯାହାହେଉ ଅଳ୍ପ ମୋର ବଡ଼ଭାଗ୍ୟ ।

Digitized by PPRACHIN, SOA

ଗୀତ

(ଦାଣ୍ଡରେ ସୁଭଦ୍ରା ସମ୍ମୁଖ ହେବାର—ଗୀତ)

ଅହା ଅଜ୍ଞ ସଙ୍ଗେ ମୋର କି ସୁଖ ଉଦୟ ।
ପ୍ରାଣପ୍ରିୟା ଗଣ୍ଡୀଙ୍କୁ ଦେଲ୍ ପରିଚୟ ।
ନେଇ ଭେଟିବ ଶାଳାଏ ।
ତା ଦେଖି ସୁନ୍ଦରୀମାନ ହେବେ ତ ଭୟାସ । ୧ ।

ସଙ୍ଗେ ବାନ୍ଧୁ ନଅନ୍ତ ବନ୍ଧୁଙ୍କରେ ସାନ ।
ଜାଣେ ନାହିଁ ଯୁବାକୁଳ ବ୍ୟବହାରମାନ ।
ତାଙ୍କୁ ସବୁସ୍ଥାନ ଲଜ୍ଜା ।
ଅଜ୍ଞ ନଷ୍ଟେ କରିବ ମୋର ନୃପଗଣ୍ଡ । ୨ ।

ତାଙ୍କ ସ୍ପଷ୍ଟରେ ସବୁ କଣାଇବ ସେ ତ ।
ମୋ ହସ୍ତ ଲଗିତ ମନେ ନ ଥିବା ହଦନ୍ତ ।
ତାହା ଶୁଣି ଶିଷ୍ଟଠାରୁ ।
ଆନନ୍ଦନାରେ ମଣ୍ଡିବ ଅବଶ୍ୟ ସମ୍ଭୋରୁ । ୩ ।

(ବୈଷ୍ଣବ ଚରଣ ଦାସ)

(ପ୍ରସ୍ଥାନ)

ପଟ ପରିବର୍ତ୍ତନ

Digitized by PPRACHIN, SOA

ପଞ୍ଚମ ଅଙ୍କ

ଦ୍ୱିତୀୟ ଦୃଶ୍ୟ

ମଲ୍ଲ ସଦନ

(ଚନ୍ଦ୍ରାବଳୀ ଶିବନାମ ସ୍ମରଣ କରୁଥିବା,
ସଖିଗଣ ଚତୁଃପାର୍ଶ୍ୱରେ ବେଢ଼ି ବସିଥିବା)

ଚନ୍ଦ୍ରାବଳୀ—(କରୁଣସ୍ୱରେ)

ଗୀତ ।

(ମୋହନ ୨ ଭୂପାଳ ମନ—ପ୍ରଭ)

ଜୟ ଜୟ ସଦାଶିବ ସଦା ଶୁଦ୍ଧ ଦାତା ।
ଜୟ ଜୟ ଯୋଗେଶ୍ୱର ଅଣ୍ଡାଦ୍ଭବତା ॥
ଜୟ ସୁବର୍ଣ୍ଣଦାୟକ ପାର୍ବତୀରମଣ ।
ଜୟ ହେ ପଞ୍ଚଆନନ ତ୍ରିଶୂଳଧାରଣ ॥
ଜୟ ପଞ୍ଚଶର ହର ଜୟ ଦିଗାମ୍ବର ।
ଜୟ ଗଙ୍ଗାଧର ଜୟ ହେ ଚନ୍ଦ୍ରଶେଖର ॥
ଜୟ ପନ୍ନଗଭୂଷଣ କୈଳାସବାସୀ ।
ରକ୍ଷାକର ଏ ଶଙ୍କଟୁ ଶ୍ମଶାନ ବିଳାସୀ ॥

Digitized by PPRACHIN, SOA

ତାରେ ସାହା ହୁଅ ଦେବ ଦେବ ହେ ଶଙ୍କର ।
ଅର୍ଦ୍ଧାଙ୍ଗିନୀ ଚନ୍ଦ୍ରା ପ୍ରତି ସୁଦୟା ବତର ॥

(ବୈଷ୍ଣବ ଚରଣ ଦାସ)

ପଦ୍ମା—(ପ୍ରବୋଧ ଦେଇ) ହତାଦର ! ତମ ଅକଳଙ୍କ ଚନ୍ଦ୍ରମୁଖରୁ ଏ ଚିନ୍ତାଭାବ ଶୋଭାପାଏ କି ? ସଖି ! ବହୁରଙ୍ଗମାନଙ୍କ ଆଗେ ଧନ୍ଦା ପଡ଼ ନା ।

ସମସ୍ତେ—

ଗୀତ

(ଦେଖିଲେ ତାହାଙ୍କୁ ଲାଜମାଡ଼େ—ପ୍ରଭ)

ଅଜନମ ସୁଖି ! ଆଜି ଭାବ ଏ କି ?
ଛାଡ଼ ଛାଡ଼ ଏ ବିରସ ଧନ !
ଅତି ଅଳିଅଳା, ସୁନ୍ଦରୀ ଛଇଳା,
ମାନ ମାନ ଆମ୍ଭ ନିବେଦନ । ଘୋଷା ।

ମନ କଥା ମନେ ରଖି ଗୋ କିଶୋରି !
ବନଜନୟନରୁ ନ ବୁହାଅ ବାରି ।
ବହୁରଙ୍ଗ ମେଳେ, ଧନ୍ଦା ପଡ଼ିଗଲେ,
ରହିବ କି ମହତ୍ତ୍ୱ ଗୁମାନ ? ।୧।

କହୁଛୁଁ ମାନିବ ଥାଅ ସତରକ,
ନ ପାରନ୍ତୁ ଦେଖି କେ ଏମାନ ।

Digitized by PPRACHIN, SOA

ଅଗୋ ସୁବଦନ ! ନାକଟ ହେଲଣି,
ଛନ୍ଦୁ ଯୁଦ୍ଧବେଳ । ଶୁଭ ଶକୁନ । ୨ ।
ଶ୍ରମଣେ ଏପରି, ନ ସମ୍ବାଦ ଗୋଗ୍ୟ,
ଏଭଳି ଅଶୁଭର ଲକ୍ଷଣ ।
ଭୁବନମୋହନ, ଶୁଭ ସୁବଚନ,
ଚନ୍ଦ୍ରାବଳୀ ପରି ପ୍ରତେ ଜାଣ । ୩ ।
ଏ କଥା ଉଚିତ, ଅଗୋ ପ୍ରାଣପତି !
ଭାବରେ ନ ଥିବ ଅପଘନ ।
ଇନ୍ଦୁଦେବୀ ବରେ, ଭେଟିବ ଦେବବେ,
ବାନ୍ଧିବ ନବୀଶ ଜୀବଧନ ! । ୪ ।

(ବୈଷ୍ଣବ ଚରଣ ଦାସ)

ଚନ୍ଦ୍ରାବଳୀ—ସଖି ! ସତେ ମୋ ଆଶାବୃକ୍ଷରେ ଫଳ ଫଳିବ ?

ଗୀତ

(ମୁରଲୀ ! ତୋରେ ଶରଣ ଗଲି—ଯତି)

ସଜନି ! ବଡ଼ ବଡ଼ ଚଞ୍ଚଳ ଗୋ ।
ଆଶା ତରୁରେ କି ଫଳିବ ଫଳ ଗୋ । ଘୋଷା
ଛାର ଚନ୍ଦ୍ରାଣିଙ୍କ ସୁରସସୁଧା ।
ମିଳିବ କି ସତେ ଯିବ ଏ ବାଧା ଗୋ । ୧ ।

Digitized by PPRACHIN, SOA

ଦରିଦ୍ର ଲଭିବ ହଜିଲା ଧନ ।
ଚାତକ ଲଭିବ ନବୀନ ଘନ ଗୋ । ୨ ।
ସୁଖସିନ୍ଧୁରେ ତ ପ୍ରେମ-ବୋଇତ ।
ଭାସିବ ଆସିବ ପୂର୍ଣ୍ଣ ହୃଦନ୍ତ ଗୋ । ୩ ।

(ବୈଷ୍ଣବ ଚରଣ ଦାସ)

ପଦ୍ମା—ଏଥିରେ ସନ୍ଦେହ କାହିଁକି ? ନିଶ୍ଚୟ ତମ ଭାଗ୍ୟରବି ଉଦୟ ହେବ; ସ୍ଥିର ହୁଅ ।

କମଳା—(ନେପଥ୍ୟରୁ ପ୍ରବେଶ ହୋଇ) ସମସ୍ତେ କ'ଣ ଗପ ସପ ହେଉଛ ମ ? କାଳୀ ପୂଜା ଯାଅ । ଆଜି କେଣେ ବେଳ ମାଡ଼ି ଆସୁଛି ?

ପଦ୍ମା—ମା ! ଏଇକ୍ଷଣି ପୂଜା ଉପକରଣ ଦ୍ରବ୍ୟମାନ ସଜାଡ଼ି ଯାଇ ଚନ୍ଦ୍ରବନକୁ ଯିବୁଁ ।

କମଳା—ଆଉ ବିଳମ୍ବ କରନା, ଚଞ୍ଚଳ ଯାଅ, ଯାଅ ।   (ପ୍ରସ୍ଥାନ)

(ବିଳାସର ପ୍ରବେଶ)

ପଦ୍ମା— ଅହା ! ଦେଖିଲଣି ଗୋ ସଖି ! ଶ୍ୟାମଳା ଆମର ଯାହା କହୁଥିଲେ, ତାହା କପର୍ ସଫଳ ହେଲା ଦେଖ, ହସି ହସି ବିଳାସ କାହିଁକି ଆମ ପାଖକୁ ଆସିଲଣି । ଜଣାପାଏ କାଳିଆ ଠାକୁରଙ୍କର କିଛି ଖବର କହିବ । (ବିଳାସ ପ୍ରତି) ସୁଚତୁର ବିଳାସ ହେ ! ତୁ ଅଡ଼େ ଅସିଲୁ ?

ବିଳାସ—(ହସିକରି ଚନ୍ଦ୍ରାବଳୀଙ୍କ ଆଡ଼େ ଚାହିଁଲେ)

Digitized by PPRACHIN, SOA

ପଦ୍ମା—କହ ମ କହ, ଏଠିତ ଅନ୍ୟ କେହି ନାହାନ୍ତି, ଆମେମାନେ ତ ସମସ୍ତେ ଏକା ପ୍ରାଣପର, ଶଙ୍କା କରୁଚ କାହିଁକି ?

ଶୈବ୍ୟା— ବିଳାସ ରେ ! କଳାକାହ୍ନୁଙ୍କ ପାଖରେ ଯେମେ ସଖୀମାନେ ଯେପରି ଅଭେଦ, ଆମ ଚନ୍ଦ୍ରାବଳୀଙ୍କ ପାଖରେ ସେହିପରି ଆମେମାନେ ଅଭେଦ ମନ—ଅଭେଦ ପ୍ରାଣ । କହ କହ, କି କାର୍ଯ୍ୟରେ ଆସିଚୁ ନିର୍ଭୟରେ କହ ।

ପରିମଳା— କହ କହ ବିଳାସ ! କେଣେ ଆସିଚୁ ହେତ କହ ?

ଶ୍ୟାମଳା—ଯେପରି ବୁଢ଼ୀ ଶୁଣି ନ ପାରିବେ, ସେହିପରି ଗୋପନ ଭାବେ କହିଯା, କାରଣ, ସେ ନିକଟରେ ଅଛନ୍ତି ।

ବିନ୍ଦା—ଆଗୋ ! ନଣନ୍ଦ ତ ମହା ଚତୁରୀ, କାଳେ ଯଦି ସେ ଆସି ପହଞ୍ଚିଯାଏ, ତେବେ ବଡ଼ ବିଷମ ସମସ୍ୟା ଘଟିବ ।

ପଦ୍ମା—କାହିଁକି ମ, ଏତେ ଭୟ କାହିଁକି ? ଦୁଆର ମୁହିଁ କବାଟ ପାଖରେ ମୁଁ ବସୁଛି ନଣନ୍ଦ ଆସିଲାବେଳେ ଆଖି ଠାରିଦେବି ଯେ, ବିଳାସ ଲୀନହୋଇ ଖଟି ଲୁଚିଯିବ ।

ଶୈବ୍ୟା—ଉଚିତ ସଖି ! ଉଚିତ (ବିଳାସ ପ୍ରତି) କହତ ବିଳାସ !

ବିଳାସ—(ହସି ହସି ଉତ୍ତରୀୟ ବସ୍ତ୍ର ଶେଷ ଫିଟାଇ ସୁବାସିତ ଖଟାଉ ଖଣ୍ଡିକ ଚନ୍ଦ୍ରାବଳୀଙ୍କ ହସ୍ତେ ଦେଲେ)

ବୁଢ଼ୀ—(ପ୍ରବେଶ ହୋଇ) କି ଗୋ ପଦ୍ମା ! ବିଳାସ ଆସିଥିଲା ପରି, କୁଆଡ଼େ ଗଲା ?

ଚନ୍ଦ୍ରାବଳୀ—(ଗବାକ୍ଷମାର୍ଗରେ ବିଳାସକୁ ଛାଡ଼ିଦେଲେ)

ପଦ୍ମା—(ବୁଢ଼ୀ ପ୍ରତି) ନାହିଁ ଗୋ ! ସେ କାହିଁକି ଆସିବ ? ଏଠି ତାର କି ଦରକାର ଯେ ସେ ଏଠାକୁ ଆସିବ ?

Digitized by PPRACHIN, SOA

ବୃଦ୍ଧା—ମୁଁ ତ ଏତେକ୍ଷଣି ତାହାର ବଳ ପିଲାଟାଏ ଦେଖିଲାପରି ମନେ ହେଉଛି ।

ପଦ୍ମା—ମା ! ତୁମର ଏ ବୃଦ୍ଧବୟସ ହେବାରୁ ନାନାପ୍ରକାର ଭ୍ରମ ଚକ୍ରରେ ପଡ଼ୁଛ, କାହାକୁ କାହାପରି ଦେଖୁଛ, ଯାହାକି ଏ ସଖିସମାଜରେ ହାସ୍ୟଜନକ ହେଉ. ସେହିପରି କଥା ଆଣି ଥୋଉଛ ।

ବୃଦ୍ଧା—ତେବେ ମୋର କଣ ଏଇଟା ଭ୍ରମ ?

ପଦ୍ମା—ତା ନୁହେଁ ଆଉ କଅଣ ? ଯଦି ଅବଶ୍ୱାସ କରୁଛ, ବଲକର ଦେଖିପାଅ, ମନରୁ ସନ୍ଦେହ ଘୁଞ୍ଚିବ ।

ବୃଦ୍ଧା—ହେଉ ଥରେ ଦୃଷ୍ଟି ପକାଇଦେଇ ଯିବି; କଏ କଏ ତେମେ ଅଛ ଦେଖେଁ ।

(ଘର ଭିତରେ ପଶି ସମସ୍ତଙ୍କୁ ନିରେଖିବା)

(ପଦ୍ମା ପ୍ରତି) ପଦ୍ମେ ! ମୋ କଥା ଅନୁସାରେ ସମସ୍ତେ ଭଦ୍ରବନକୁ ଯାଇ କାଳୀପୂଜା ସାରି ଚଞ୍ଚଳ ଆସିବ, ନନ୍ଦପୁଅ ବଡ଼ ଦୁଷ୍ଟ, ଯେପରି ତାହା ହାବୁଡ଼େ ନ ପଡ଼ ।

ପଦ୍ମା—ହଁ ଗୋ ମା ! ଆମ୍ଭେମାନେ ଏହା ଭଲକରି ଜାଣୁ । ତେମେ ଯାହା ଆଜ୍ଞାକଲ ତାହା ଉତ୍ତମ ପ୍ରକାରେ ପାଳିବୁଁ, ଯାଅ, ଯାଅ, ଅନ୍ୟକାର୍ଯ୍ୟ ଦେଖ ।

ବୃଦ୍ଧା— ମୁଁ ତେବେ ଗଲି । (ପ୍ରସ୍ଥାନ)

ସଖିଗଣ—(ଠାର୍ ଠୁର୍ ସ୍ୱରେ ହସ୍ୟାଳାପ କଲେ)

Digitized by PPRACHIN, SOA

ଚନ୍ଦ୍ରାବଳୀ—(ପତ୍ରିକା ପାଠକରି ସଖିଙ୍କ ଆଡ଼କୁ ଚାହିଁ କହିଲେ)
ସଖିଗଣ ! ଦେଖିଲଣି ଗୋ ? ଆହା, କି ସୁନ୍ଦର
ବର୍ଣ୍ଣାବଳୀ, ମୁଁ ପଢ଼ୁଛି ଶୁଣ ।

ଗୀତ

(ପ୍ରୀତିଛଡ଼ା ମନ୍ତ୍ର ମୋତେ ଦିଅ କହି—ପ୍ରଭୃ)

(ସଖି) ଶୁଣ ଶୁଣ ।
ପଢ଼ୁଅଛି ମୁଁ ଅର୍ଥକୁ ତୁମ୍ଭେ ଜାଣ ।
ଦାସୀ ବଚନେ ଯୋଗାଏ ଏହୁ ଗୁଣ । ଘୋଷା ।
ଆହା କି ସୁନ୍ଦର ବର୍ଣ୍ଣାବଳୀ,
ଲେଖିଅଛନ୍ତି ଗୋ ବନମାଳୀ ।
ଉଦାର ଗୁଣକୁ, ଦୈନ୍ୟଭାଷଣକୁ,
ମୁହିଁ କି ସୁଜନ ଏକପଣି ଗୋ (ଶୁଣ ଶୁଣ) । ୧ ।

ସତେ କି ଦଇବ ଭେଟାଇବ,
ମାନସକୁ ଖୋଭ ତୁଟାଇବ ।
ଶ୍ୟାମବନ୍ଧୁ ନାମ, ସଙ୍ଖାଳି କର ଏ,
ଅଶ୍ରୁଗିରୀ ବର୍ଷୁବ କି ଦିନ । ୨ ।

(ବୈଷ୍ଣବ ଚରଣ ଦାସ)

ସଖି ! ଉପରେ ସେ ଚତୁର ଲେଖିଛନ୍ତି ଶୁଣିଲଣି ଗୋ !

ପଦ୍ମା—ପାଠ କର ତ ଦେଖି ?

ଚନ୍ଦ୍ରାବଳୀ—ସେ ଏହୁପରି ଲେଖିଛନ୍ତି ।

Digitized by PPRACHIN, SOA

ଗୀତ

(ରାଗ ଅସ୍ତ୍ରେ ଢେଙ୍କା ଦେଶ ପ୍ରକଟ—ଯତ)

ଅରେ ପ୍ରାଣବନ୍ଧୁ ତୁ ଯେଉଁଦିନୁ ।
ଛନ୍ଦ ଲଟ୍ଟେଣେ ହଣ୍ଠି ତୁଛୁଧନୁ ॥
ଓଃଁ ନେଇବାଣ୍ଡ ଗଳ୍ପ ମାର ।
ମନ୍ଦହାସ ମିଶିଥିବାରୁ କର ରେ ।
ସେ ଦିନୁ ପ୍ରାଣ ରଖିଲି ରେ ।
ନୋହିଲେ ମୋ   କେଉଁ କଥ ଥିଲା ନଇ
ସୁହାଗ ତ ସରିଥିଲା ରେ । ୧ ।
ତୋ ହସ୍ତ ଶଠାଭ ପ୍ରେମ ଧନରେ ।
ମୋତେ କିଣିନେଲୁ ବର୍ତ୍ତମାନ ରେ ।
ମୁହିଁ ଯେ ତୋର ସହଚେ କିଙ୍କର ।
ତୋର ଶ୍ରୀପଦ ସେବା ଅଧିକାର ରେ ।
ଦଅ ମୋ ନବନାଗରୀ ରେ ।
ହୃଦେ ହାତ ମାର   ରଖିଲୁ ରଖିଲୁ—
ବୋଲିବୁ ବାରେ କିଶୋରୀ ରେ ॥

(ବୈଷ୍ଣବ ଚରଣ ଦାସ)

ଚନ୍ଦ୍ରା—ତେବେ କି ଉପାୟ କରିବା ?

ଶୈବ୍ୟା—ଚାହିଁଛ ମ ? ଏଥିପାଇଁ ଚିନ୍ତା କଅଣ ? ପଦ୍ମଲାଭୁ ନନ୍ଦରାଜାଙ୍କ ନିଅଁରୁ ସତେଇଦେଲେ ତ ସେ ସବୁ କଥା ବୁଝି ଆସିବ ।

Digitized by PPRACHIN, SOA

ପଦ୍ମା—ହଁ, ହଁ, ଏହା ଯଥାର୍ଥ ଉକ୍ତି । (ଚନ୍ଦ୍ରାବଳୀଙ୍କି ପ୍ରତି)
ସଖି ! ମଞ୍ଜୁଳା ଦାସୀକି ନନ୍ଦରାଜାଙ୍କ ନିଅଁସକୁ ପଠାଅ ।

ଚନ୍ଦ୍ରାବଳୀ—(ଉଦ୍‌ଗତ କଣ୍ଠେ କହୁଲେ)

ଗୀତ

(ଅଙ୍କ ଶିଖର ରାଧାର ସଙ୍ଗରେ—ଯତ)

ଅଗେ ସଖୀମାନେ ସତେ, ପ୍ରାଣବନ୍ଧୁ କୃଷ୍ଣ ମୋତେ,
କୃପା ସୁଧାରସେ ମଜାଇବେ ।

ସତେ କି ମଞ୍ଜୁଳା ଦାସୀ, ସେଠାକୁ ଯିବ ହରଷି,
ପ୍ରତେ ଲାଗନାହିଁ ମନେ ଏବେ ଗୋ ସଖି ସଖି ଗୋ !

କହ କହ ବୋଧଦେଇ ମୋତେ ।
ମନମୋହନଙ୍କ ସଙ୍ଗ ଲଭିବ କେମନ୍ତେ । ୧ ।

(ବୈଷ୍ଣବ ଚରଣ ଦାସ)

(ସଖୀମାନଙ୍କ ସଙ୍ଗେ ପ୍ରସ୍ଥାନ)

ପଟ ପରିବର୍ତ୍ତନ

ପଞ୍ଚମ ଅଙ୍କ

ତୃତୀୟ ଦୃଶ୍ୟ

ନନ୍ଦାଳୟ

(ଶ୍ରୀକୃଷ୍ଣ, ସୁବଳ, ମଧୁମଙ୍ଗଳ ଓ ବଳାଙ୍କ ଆସୀନ)

ଶ୍ରୀକୃଷ୍ଣ—(ସଖାମାନଙ୍କ ପ୍ରତି) ସଖାଗଣ ! ବନ୍ଧୁବର କେବେ ସହିବ ?

Digitized by PPRACHIN, SOA

ଗୀତ

(ନାଥ ହେ, ବାହୁଡ଼ିଅଛ ଦଅ ଦରଶନ—ସ୍ୱର)

ସଖା ହେ ! ପ୍ରାଣବନ୍ଧୁ ବିରହ ବେଦନା ।
ସହୁଛି ମୁଁ କେତେ ଆଉ ଦରଶନ ବିନା ହେ । ପଦ ।
ଧ୍ୟାନ କେବଳ ଚନ୍ଦ୍ରଆନନ ତାହାର ।
ଏ ଆନ ରସରେ ମନ ନ ରସଇ ମୋର ହେ । ୧ ।
ହେ ବିଳାସ ! ମୋତେ ଥରେ କହ ତୁ ଯଥାର୍ଥ ରେ ।
ସତେ ନିଜ ପତ୍ର ଦେଇ ବାଳା ଶ୍ରୀହସ୍ତରେ ହେ । ୨ ।

(ବୈଷ୍ଣବ ଚରଣ ଦାସ)

ବିଳାସ—ସ୍ୱର ଠାକୁର ! ମୁଁ ତୁମ୍ଭ ପତ୍ରିକାଟି ନିଜେ ଚନ୍ଦ୍ରାବଳୀଙ୍କ ହାତରେ ଦେଇଛି, ସେମାନେ ଆଜ ଭଦ୍ରକାଳୀ ପୂଜା ଆସିବା ବେଳେ ତୁମ୍ଭଙ୍କୁ ଗୋଷ୍ଠରେ ଦର୍ଶନ କରିବେ ବୋଲି ସ୍ଥିର କରିଛନ୍ତି, ଚିନ୍ତା ଦୂର କର ।

ଶ୍ରୀକୃଷ୍ଣ—ବିଳାସ ହେ ! ତୁମ୍ଭେ ମୋର ବଡ଼ ଉପକାର କରିଅଛ ! ତୁମ୍ଭର ଏ ଗୁଣକୁ ମୁଁ କି ଉପହାର ଦେବି ?

(ଗଳାରୁ ଫୁଲ ମାଳା ସହ ରତ୍ନହାରଟି
ବିଳାସ ଗଳେ ଲମ୍ବାଇ ଦେଲେ)

Digitized by PPRACHIN, SOA

ନେପଥ୍ୟରୁ—(ମଞ୍ଜୁଳା ଦାସୀର ପ୍ରବେଶ)

ସୁବଳ—ଏହି ସଖା ! ଦେଖିଲଣି ନା ? ସେହୁ ଚନ୍ଦ୍ରାବଳୀଙ୍କ ଦାସୀ ମଞ୍ଜୁଳା ବାହୁଡ଼ି ତୁମ୍ଭ ନିକଟକୁ ଆସିଲେଣି, ବୋଧହୁଏ ବାଛୁ ନା ବାଛୁ ଶୁଭ ଖବର ଆଣିଛୁ ।

ମଞ୍ଜୁଳା—(ନମସ୍କାର କରି ସବିନୟେ) ଜୟସ୍ତୁ ଦେବ ! ଆମ ଚନ୍ଦ୍ରାବଳୀଙ୍କ ହୃଦୟ ବାଥା ଆଜି ଦୂର କରିବାକୁ ଚନ୍ଦ୍ର-ବନଠାରେ ତାଙ୍କୁ ଦର୍ଶନ ଦିଅ । ମଧ୍ୟାହ୍ନ ସମୟରେ କାଳୀପୂଜା କରିବାକୁ ସଖୀମାନଙ୍କୁ ନେଇ ସେହୁ ଅଜନ୍ମ-ସୁକୁମାରୀ ବିଜେ କରିବେ । ମୋ ହାତରେ ଏହି ଫୁଲ-ହାରଟି ତୁମ୍ଭ ନିକଟକୁ ପଠେଇଛନ୍ତି; ପ୍ରସନ୍ନମନେ ଗ୍ରହଣ କର । (ଶ୍ରୀକୃଷ୍ଣଙ୍କ ଗଳାରେ ଦେଇ ହସି ହସି) ମୁଁ ମେଲାଣି ନେଲି ।   (ପ୍ରସ୍ଥାନ)

ଶ୍ରୀକୃଷ୍ଣ—(ସଖାଙ୍କ ପ୍ରତି) ସଖାଗଣ ! ଚାଲ, ଗୋଷ୍ଠଲୀଳା ଛଳେ ଯାଇ ମହାବନରେ ଚନ୍ଦ୍ରାବଳୀ ନାମା ଚେହ୍ନୁଗମଣି ତୁଲେ ମୁଁ ପ୍ରେମାଳାପ କରିବି । ଯାହାକି ସେ ବାଳାର ମନୋରଥ ପୂର୍ଣ୍ଣ ହେବ ।

ସୁବଳ—ହେଉ ଅବ, ଅନ୍ୟାନ୍ୟ ସଖାଙ୍କୁ ଡାକି ବନକୁ ଯିବା ।

ମଧୁମଙ୍ଗଳ—ଚାଲ, ଚାଲ୍, ଚଞ୍ଚଳ ଚାଲ ।

(ସମସ୍ତଙ୍କ ପ୍ରସ୍ଥାନ)

ଷଷ୍ଠ ପଟବର୍ତ୍ତନ ।

Digitized by PPRACHIN, SOA

ପଞ୍ଚମ ଅଙ୍କ

ଚତୁର୍ଥ ଦୃଶ୍ୟ

ମଲ୍ଲପୁର ପ୍ରାଙ୍ଗଣ

(ଚନ୍ଦ୍ରାବଳୀ, ଶୈବ୍ୟା, ପଦ୍ମା, ଭଦ୍ରା, ଶ୍ୟାମଳା ବସିଥିବା)

ମଞ୍ଜୁଳା—ଆଜ ହେଲା କାହିଁକ ଗୋ ? ଶାଶୁ ବୁଢ଼ୀ ସଖି କେତେବେଳୁଁ ଆଦେଶ ଦେଲେଣି ମହାବନକୁ କାଳୀ ପୂଜା ଯିବା ପାଇଁ ? ତେଣେ କଣ ମନ ନାହିଁ, ନା; ଭୁଲିଗଲ ମ ?

ଗୀତ

ଅଗୋ ଚନ୍ଦ୍ରାବଳୀ,　　　　କାଳି ପୂଜିବାକୁ,
ସଖି କହୁଛନ୍ତି ବୁଢ଼ୀ ।
ଚହିଁବେ ତୁମ୍ଭର,　　　　ଏତେ ହେଲା ବେଳ,
ଯାଉଅଛ ବୁଦ୍ଧି ହୁଡ଼ି ଗୋ, ଭୁଲ ।

ଅମ୍ଭେ ଯିବୁଁ ମଧ୍ୟ ତୋଳି ଫୁଲ ଗୋ, ସଇ ।
ତୁମ୍ଭ ଦେହ ସିନା ହେବ ଭଲ ଗୋ, ଭୁଲ ।
ଦେଖିବା ସେ ବନ କି ଅମୂଲ୍ୟ ଗୋ, ସଇ ॥

Digitized by PPRACHIN, SOA

ଚନ୍ଦ୍ରାବଳୀ—ସଖି ମଞ୍ଜୁଳେ ଗୋ ! ଏହି କଥା ମନେ ପାଞ୍ଚି ଏବେ
ମୁଁ ଘରୁ ବାହାର ପାରେଁ ନାହିଁ ।

ଗୀତ

(ପ୍ରଣୟରେ ଦୁଃଖୀ ହୋଇ—ପ୍ରଭ)

ଅଗୋ ମଞ୍ଜୁମଣି, !   ଏହି କଥା ମଣି,
ଘରୁଁ ନୁହଇଁ ବାହାର ।
ବୋଲନ୍ତି ସୁନ୍ଦର,   ନନ୍ଦର କୁମର;
କରଇ ସେ ଅଶିଠାର ଗୋ, ଅଳି !
ତାହା ନାମ ପଣ୍ଡ ବନମାଳୀ ଗୋ, ଅଳି !
ବଳେ ହରଇ ସେ ବ୍ରଜବାଳୀ ଗୋ ଅଳି !
କେହୁ ଯିବ ପୂକ୍ସ ଉଦ୍ରଭାଳୀ ଗୋ ଅଳି !

ବୃନ୍ଦୀ—(ପ୍ରବେଶ ହୋଇ ତର୍ଜନ କରି କହୁବା)

ସେ ନନ୍ଦକୁମର,   କରେ ବ ଛାହାର,
ଉଚ୍ଚର ନାଗ୍ରମାନଙ୍କ ।
କାହା ରସନାରେ,   ଅଛି ଅନ୍ତୁ କି ସେ,
ଗ୍ଧହିଁପାରେ ମୋ ବନ୍ଧୁକୁ ଗୋ, ସଭ ।
ନ ଜାଣେ କି ସ୍ତବ ମୋ ଯେମନ୍ତ ଗୋ, ସଭ ।
କଂସ ଭୂପ ଗଣ୍ଠି ସାମନ୍ତ ଗୋ, ସଭ ।
କରୁ ପାରିବ କି ନନ୍ଦସୁତ ଗୋ, ସଭ ॥

Digitized by PPRACHIN, SOA

ତୁମ୍ଭେମାନେ ସଙ୍ଗେ,   ସଙ୍ଗେ ଥିବ ଯେତେ
ଭଲ୍ଲ ତା ଚେଷ୍ଟା ଦେଖିବ ।
ତାକୁ କୁବାଣୀ,   ଯେତେ ଶାର ବୋଲିବ;
ମୋ ଆଗେ ଆସି କହୁବ ଗୋ, ମାନ୍ତ ।

ଚନ୍ଦ୍ରାବଳୀ ପରିହାସ 'ପାଙ୍କ ଗୋ, ମାନ୍ତ ।
ଗୋବର୍ଦ୍ଧନ ତାର ଯେଣୁ ଭ୍ରାତ ଗୋ, ମାନ୍ତ ।
ଦେଖିଥିବ ଅନ୍ୟ ସ୍ତ୍ରୀ ସୂକ୍ଷ୍ମ ଗୋ, ମାନ୍ତ ।

ଚନ୍ଦ୍ରାବଳୀ— କହୁଲ ଏ ଭଳି   କେଉଁ ଗୁଣେ ବଳି,
ସେ ତୁମ୍ଭ ସୁତ ସଙ୍ଗରେ ।

ସ୍ୱପ୍ନେ ମୋତେ ମାନ୍ତ;   ଦେଖି ନ ପାରନ୍ତି;
ଦବସେ ନେତ୍ର ମୋଠାରେ ସେ, ଧନ୍ୟ ।
ନିଷ୍ଠାମରେ ଯେ ନିଅନ୍ତି ଦନ ସେ, ଧନ୍ୟ ।
ଏଣୁ ମୋର ସ୍ୱରବନ୍ତେ ମନ ସେ, ଧନ୍ୟ ॥]

(ଚ କବି ସୂର୍ଯ୍ୟ ବ୍ରହ୍ମା)

ବୁଢ଼ୀ—ନନ୍ଦପୁଅ ସିନା ସର-ଦହି-ଦୁଧ ସବୁ ଲୁଚି କରି ଖାଏ, ତାର ମନଚୋରୀ ଆଜ ଯାଏ ମୁଁ ନୟନରେ ଦେଖି ନାହିଁ ।

ଦୂତୀ—(ନେତ୍ରକୋଣରେ ଠାରି କହୁଲେ) ଅଗୋ ଚନ୍ଦ୍ରାବଳୀ ବେଶଭୂଷା କିଆଁ ଶେଷ ହୋଇଛି କି ? ଶୁଳ ଯିବା

Digitized by PPRACHIN, SOA

ପଦ୍ମା—ଏତେ କୋଳାହଳ କର କାହିଁକି ଗୋ ! ବେଳ ପଶ୍ଚ କଟିଗଲା ଦେଖୁନ, ସାମଗ୍ରୀମାନ ଏବେ ଆସ ସଜାଡ଼ିବା ।

ଶୈବ୍ୟା—ଆଗୋ ! ପୂଜା ସାମଗ୍ରୀ କଣ ଏପର୍ଯ୍ୟନ୍ତ ସଜଡ଼ା ବାକି ଅଛି? ତାହା ସବୁ ଠିକ ହୋଇଛି ମ ।

ପଦ୍ମା—ତେବେ ଧୀରଗମନାଙ୍କୁ ସଧୀରେ ଅଭିସାର କରାଇବା ଆସ, (ଚନ୍ଦ୍ରାବଳୀଙ୍କ ପ୍ରତି) ସଖି ! ଯିବା ପଶ୍ଚ, ଉଠ ଗୋ ଉଠ ।

ସମସ୍ତେ—　　　　　ଗୀତ

(ଦେଖ ଗୋ ଜୀବନଧନ—ପ୍ରତି)

ଯିବା ପଶ୍ଚ ପୂଜି କାଳ,
ଉଠ ଉଠ ସଜନ ଚନ୍ଦ୍ରାବଳୀ ଗୋ !
ଏଣେ ବେଳ ତ ପଡ଼ୁଛି ବଳ, ସଙ୍ଗିନୀ ଗୋ । ୧ ।
ଲୀଳାପଦ୍ମ ଧର କରେ,
ହଂସଗତି ! ଗତି କର ସଧୀରେ ଗୋ !
ଅଛି ଦିବସ କମା ମଝରେ, ସଙ୍ଗିନୀ ଗୋ । ୨ ।

ଚନ୍ଦ୍ରାବଳୀ—(ପ୍ରବଳ ମନେ କହିଲେ)

Digitized by PPRACHIN, SOA

ଗୀତ .

(କଶୋସ୍ରି ବଧୂରେ ହୁଡକା ବଧୂରେ—ପ୍ରଭ)

ହରି ଜିତଧୀଶ   ହାସ ଦଷ୍ଟ ବସ,
ନୟନ ଯୁଗଳ ମୀନ ।
ଭଲ୍ଲ ବମ୍ବା ରମ୍ଭ,   ଗଣ୍ଡ ପୂର୍ଣ୍ଣ କୁମ୍ଭ;
ଓଷ୍ଠ ପଦ୍ମବ ଯେସନ, ଗୋ ଝୁଲେ ।
ଏଣୁ ମଙ୍ଗଳ ମୋ ଢାଳେ ଢାଳେ ଗୋ ।
ସତେ ଦେଖିବ ବନ୍ଧୁଙ୍କୁ ଢୋଲେ ଗୋ ।
ମୋତେ ବସାବେ ସେ ଯେ କୋଲେ ଗୋ ।।

ସବୁ ସଖୀ— ପୋଛବ ଗୋ ମୁଖ,   ସେ ହୋଇ ବମୁଖ;
ବୋଲୁଥିବେ ଅନା ଅନା ।
କରଣ ସୁସ୍ପନ୍ଦ,   ଚଳାଇବେ ନନ୍ଦ,
ହୋଇବ ତ କେତେ ଅନା, ସେ ହରି ।
ପଇରମ୍ଭେ ଆରମ୍ଭିବେ ଧରି ସେ ।
ତୁମ୍ଭେ ଘୁଞ୍ଚୁଥିବ ନା ନା କରି ଗୋ ।
ସେ ଛୁପିବେ ମଲ୍ ବଶ ଗୋରି ଗୋ ।।
ଏ ଛଳ ଜିବଳ,   ଚଳଣ ଅଳପ;
ଛଡ଼ାଇବେ ଗାଢ଼େ ଭଡ଼ ।
ସେହି ସମୟରୁ,   ତ୍ୟାଜେ ଥାଇ ବୋଲି;
ଲଭେ ଯାଉଥିବ ବୁଢ଼, ସେ ଶ୍ୟାମ

Digitized by PPRACHIN, SOA

ଆଜ ଚଉବେଣି ଖଣ୍ଡ ଦାମ ସେ ।
ଫଟାଇବ ବାମଦେବ ଦାମ ଗୋ ।
କାଣ୍ଡି ସାଉଲେଣି ତୁମ୍ଭ ପ୍ରେମ ଗୋ ॥
ନୂଢ ଦମନା ପ୍ରୀତ କୁସୁମ ଗୋ ॥

(ଃ କବିସର୍ଯ୍ୟ ବ୍ରହ୍ମା ।)

(ଗାନ ସହୃତ ଚନ୍ଦ୍ରାବଳୀଙ୍କି ସନ୍ଦ୍ରଣ୍ଡ ମଣାଇ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ ।

ପଞ୍ଚମ ଅଙ୍କ

ପଞ୍ଚମ ଦୃଶ୍ୟ

ଭଦ୍ରକାଳୀ ମନ୍ଦିର

(ପ୍ରସନ୍ନବଦନା ଭଦ୍ରକାଳୀ ଦଣ୍ଡାୟମାନ ।)

ଚନ୍ଦ୍ର—(ଯୋଗିନୀବେଶରେ ଟଳ ଟଳ ଆସି କହିଲେ)
ମା ଜଗଦମ୍ବେ ! ମା ଭଗବତୀ ! ତୋର ଏ ଖେଳା-ଲୀଳା ରହସ୍ୟ କିନା !

Digitized by PPRACHIN, SOA

ଗୀତ

(ଅଇଲା ବସନ୍ତ ରାଜା—ପ୍ରଭ)

ଜୟ ଜୟ ଜଗଦମ୍ବେ ଜୟ ମା ଭବାନୀ !
ଜୟ ଜୟ ନିନ୍ଦନୀ ବିଘ୍ନବିନାଶିନୀ ମା ! । ୧ ।

ନମସ୍ତେ ସର୍ବମଙ୍ଗଳେ ଅଭୟଦାୟିନୀ !
ନମସ୍ତେ ନମସ୍ତେ ଦୁର୍ଗେ ଦୁର୍ଗତି ସଂହରଣୀ ମା ! । ୨ ।

ସକଳ ସିଦ୍ଧି ଦାୟିକେ ପ୍ରସନ୍ନବଦନା !
ମୋ ପ୍ରେମ-ଭଣ୍ଡାର ଲୁଣ୍ଠା ନୋହୁ ବିଘ୍ନ ଦାନ ମା ! । ୩ ।

(ବୈଷ୍ଣବ ଚରଣ ଦାସ

(କର ଯୋଡ଼ି ପ୍ରଣାମ କରିଲେ)

ମା ଜଗନ୍ମାତା ଭଗବତୀ ଗଉରୀ ! ଆଜ ଚନ୍ଦ୍ରାବଳୀ ଶ୍ୟାମ ଗୋପସୁନ୍ଦରଙ୍କ ତୁଲେ ମୋର ଶୁଭ ମିଳନରେ ଯେପରି କୌଣସି ପ୍ରକାର ବାଧା ନ ପଡ଼େ, ତାହା ତୋତେ ଲାଗେ ।

(ନେପଥ୍ୟରୁ କଣ୍ଠଧ୍ୱନି)

ଏହି ଯେ ସୁନ୍ଦରୀମାନଙ୍କ କଣ୍ଠଧ୍ୱନି ଶୁଭୁଛି । ଏବେ ଯାଉଛି, ଏହି ତମାଳ ମୂଳରେ ଟିକିଏ ଲୁଚି ରହିବ, ପ୍ରୀତି-

ବରଷଣା ଚନ୍ଦ୍ରାବଳୀ ଯେତେବେଳେ କାଳୀ ପୂଜାରେ ନିମଗ୍ନା ରହିବେ, ମୁଁ ଏହି ଫୁଲହାରଟି ତାଙ୍କ ଗଳାରେ ଉପହାର ଦେବ ।

(ପ୍ରସ୍ଥାନ)

(ନେପଥ୍ୟରୁ ଚନ୍ଦ୍ରାବଳୀ ସହ ସଖିଗଣ ପୂଜାଦ୍ରବ୍ୟ ହସ୍ତେ ପ୍ରବେଶ)

ଗୀତ

(ଅଗୋ ପ୍ରିୟସଖି ! ଯୁଗଳ ପବନ କରବା ପାପଅଖି—ବୃତ)

ଅଗୋ ଚନ୍ଦ୍ରାବଳୀ !
ଦେଖ ଦେଖ ସୁପ୍ରସନ୍ନା ଭଦ୍ରକାଳୀ !
ଆଜି ମନାଇବ ତୁମ୍ଭେ ବନମାଳୀ ଗୋ । ଘୋଷା ।

ଦେଖିଅଛି ସତେ ଶୁଭମାନ,
ଏଣେ ଇଷ୍ଟଦେବୀ ପରସନ୍ନ ।
ଶ୍ରୀ ନନ୍ଦନନ୍ଦନ,   ମୁରଲୀ ବଦନ,
ହେଲେ ଦେବେ ନିଶ୍ଚେ ଦରଶନ ।୧।

ପୂଜ ଗୋ ଆସନ ସ୍ୱାଗତରେ,
ପାଦ୍ୟ ଅର୍ଘ୍ୟ ଦୀପ ସହୃତରେ ।
ଦଅ ଦଅ ଧୂପ,   ନୈବେଦ୍ୟ କଳାପ,
କର୍ପୂର ଆଳତି କର ଧୀରେ ।୨।

Digitized by PPRACHIN, SOA

ଆନନ୍ଦରେ ଅମ୍ଭେ ସର୍ବ ଆଳି,
ସ୍ତୁତି ସଙ୍ଗେ ଦେବୁଁ ହୁଳହୁଳି ।
ଦେବୀଙ୍କର ଦେଖ, ଗଳାରୁ ଖସିଲା,
ପ୍ରସାଦ ଚନ୍ଦନ ପୁଷ୍ପମାଳ । ୩ ।

(ବୈଷ୍ଣବ ଚରଣ ଦାସ)

ଚନ୍ଦ୍ରାବଳୀ—ସଖୀଗଣ ! ଦିଅ, ଦିଅ; ସମସ୍ତେ ହୁଳହୁଳି ଦିଅ । ମୁଁ ପୂଜା କରିବାକୁ ବସୁଛି, (ଏହା କହି ଦେବୀଙ୍କୁ ପ୍ରଣାମ)

ସଖୀଗଣ—(ପ୍ରଣାମ କରି ହୁଳହୁଳି ପକାଇଲେ)

ଚନ୍ଦ୍ରାବଳୀ—(ଅଣ୍ଟୁମାଡ଼ି ଭଦ୍ରକାଳୀଙ୍କ ପୂଜାରେ ନିମଗ୍ନା)

ସଖୀଗଣ—(କର ଯୋଡ଼ି ସ୍ତୁତି ପାଠ କଲେ)

ଗୀତ

(ଅଞ୍ଜନ ଛପିରେ ଟେକୁ—ସ୍ତୁତି)

ଜୟ ଜୟ ଭଦ୍ରକାଳୀ ଜୟ କାତ୍ୟାୟିନୀ ।
ସୁପ୍ରସନ୍ନ ହେଉ ସେନ ଅମ୍ବର ଦମ୍ଭିନୀ ମା ! । ୧ ।
ଜୟ ଜୟ ଅମ୍ବିକେ ଗୋ ଜୟ ଆଦିଶକ୍ତି ।
ଦିଅ କୃଷ୍ଣ ପ୍ରେମଭକ୍ତି ଦିଅ କୃଷ୍ଣ ଭକ୍ତି ମା ! । ୨ ।

Digitized by PPRACHIN, SOA

ଜୟ ଗୋ ସର୍ବମଙ୍ଗଳେ ଦେବୀ ଯୋଗମାୟା ।
ଅନାଥିନୀ ଡାକୁଅଛି କର ଗୋ ସୁଦୟା ମା ।। ୩ ।

ଜୟ ଗୋ ଜୟ ଭବାନୀ ତ୍ରୈଲୋକ୍ୟତାରଣୀ ।
ଅଭୟ ବର ଦାୟିନୀ ଦୁର୍ଗତି ହାରିଣୀ ମା ।। ୪ ।

ଜୟ ମା ଗନ୍ଧର୍ବୀ ଯୋଗମାୟା ଜନନୀ ।
ମିଳନ କରାଅ ଚନ୍ଦ୍ରାବଳୀ ନୀଳମଣି ମା ।। ୫ ।

(ବୈଷ୍ଣବ ଚରଣ ଦାସ)

ସମସ୍ତେ—(ଅଭୟ ବନ୍ଦାପନା ଓ ପୁଷ୍ପାଞ୍ଜଳି ଝୁଲଝୁଲ ଦେଇସାରି ପୁନଶ୍ଚ ଗାଇଲେ)

ଗୀତ

(ହେ ଦୟାନିଧି ତେତେ ନବନିଧି—ବୃତ୍ତ)

ଜୟ ଜୟ ଜୟ; ଜଗତ ଜନନୀ,
ଭଗବତୀ ପୌର୍ଣ୍ଣମାସୀ ।
ଦିଅ ଏହୁ ବର, ଜନମେ ଜନମେ,
ହେବୁ କୃଷ୍ଣଙ୍କ ଦାସୀ ॥

Digitized by PPRACHIN, SOA

ଜୟ ଜୟ ଜୟ;   ଜଗତ ଜନନୀ,
ଭଗବତୀ ପୌର୍ଣ୍ଣମାସୀ । ପଦ ।

ଜୟ ମା ଶାରଦେ;   ଜୟ ମା ଶାରଦେ,
ନନ୍ଦସୁତ ପତି ତୁଅନ୍ତୁ ବର ଦେ ।

ତ୍ରୈଲୋକ୍ୟ ତାରିଣୀ,   ତାପ ବିନାଶିନୀ,
ପ୍ରସନ୍ନମୟୀ ସୁହାସୀ । ୧ ।

(ବୈଷ୍ଣବ ଚରଣ ଦାସ

(ଏହିପରି ସଖିଗଣ ସ୍ତୁତି ଗାନ କରୁଥିବା ଓ ଚନ୍ଦ୍ରାବଳୀ ଭାବାବସ୍ଥ ଚିତ୍ତରେ ଶ୍ରୀକୃଷ୍ଣଙ୍କଠାରେ ମନ ପ୍ରାଣ ଢାଳି ତାଙ୍କ ଚରଣ ତଳେ ପୁଷ୍ପାଞ୍ଜଳି ଦେବା ସମୟେ)

ଶ୍ରୀକୃଷ୍ଣ—(ଫୁଲହାର ହସ୍ତେ ପ୍ରବେଶ ଓ ଚନ୍ଦ୍ରାବଳୀକି ଆଲିଙ୍ଗନ କରିବା ଅଭିନୟ)

ଗୀତ

(ନଣ୍ଡେ ସେହି ନନ୍ଦସୁତ—ପ୍ରଭ)

ସୁନ୍ଦର ଚନ୍ଦ୍ରାନନା ପ୍ରିୟେ ! ମୋ ଚନ୍ଦ୍ରାବଳୀ, ରେ ଧନ !
ଚକ୍ଷୁସି ଚକୋରାଣୀରେ ଚମ୍ପକମାଳ । ୧ ।
ଚେତାଞ୍ଚଳ ଅଭିଧାନ ତୁ ମୋର ପିନା, ରେ ଧନ !
ଶଶୀ ବନୋଦନୀ ବାଳୀ ପ୍ରେମ ଅଧୀନା । ୨ ।

Digitized by PPRACHIN, SOA

ଚମ୍ପକ କଳସୀ ଗୋରୀ ନବ ନାଗରୀ, ରେ ଧନ !
ଭ୍ରମର କୁନ୍ତଳା ମୋ ପ୍ରଣୟ ସାଗରୀ । ୩ ।

(ବୈଷ୍ଣବ ଚରଣ ଦାସ)

ସଖୀଗଣ—(ଆନନ୍ଦ ମନେ ମିଳନ-ସଙ୍ଗୀତ ଗାନ କଲେ)

ଗୀତ

(ପୀଠପଃ ଢପଃ ପ୍ରୀତ—ପ୍ରତ)

(ଆହା କି ସୁନ୍ଦର ଗୋ,)

ଆହା କି ସୁନ୍ଦର ମିଳଣି !
ଶ୍ୟାମ ଚନ୍ଦ୍ରାବଳୀ ମିଳନ ଠାଣି । ଘୋଷା

ନବଘନେ ସଉଦାମିନୀ,
ହେମ ଛୁଲେ କି ନୀଳମଣି,

ତମାଲ ତରୁକୁ, ଆଶ୍ରୟ କଲା କି,
କନକ ଲତିକା ସଉଭାଗିନୀ । ୧ ।

ଧନ୍ୟ ଆମ୍ଭ ପୁଣ୍ୟ ସଜନ !
ଧନ୍ୟ ଆମ୍ଭ ନୟନ ବେନି,

ଧନ୍ୟ ଧନ୍ୟ ଧନ୍ୟ, ଆମ୍ଭ ସଖୀପଣ,
ମୋହନ କୋଳରେ ମନମୋହିନୀ । ୨ ।

ଦଅ ସହ ! ହୁଳହୁଳି କି,
ବଜାଅ ଗୋ ବାଁଶିବଳକି,

Digitized by PPRACHIN, SOA

ନାଚ ଭଲ ଭଲ;   ଦେଇ କରତାଳି,
ଝୁଲୁଲ ପତ୍ର ଏ ବନ ଅବନୀ । ୩ ।

(ବୈଷ୍ଣବ ଚରଣ ଦାସ)

(ଗାନ ସହିତ ସଖୀମାନଙ୍କର ସୁମଧୁର ନୃତ୍ୟ ଓ ଚନ୍ଦ୍ରା-
ଶୈବ୍ୟା ଦୁଇ ପାର୍ଶ୍ୱରେ ବନ୍ଧୁ ଆଳତି ପଦାପନା-
କରୁଥିବା ସମୟେ)

ଯ ବ ନି କା ପ ତ ନ

(ଇତି ଶ୍ରୀ ଚନ୍ଦ୍ରାବଳୀ ବିଳାସ ନାଟକ ସମ୍ପୂର୍ଣ୍ଣ)

→ [illegible], ବୈଦ୍ୟନାଥ ପ୍ରେସରେ ←
ଏସ୍ ଅମନୁଲ୍ ଅଲି, [illegible] ମୁଦ୍ରିତ

(୧୫୯ .)

ବିଜ୍ଞାପନ

ରାସଲୀଳା ନାଟକର ସୁଦକ୍ଷ ଲେଖକ
ବ୍ରଜବାସୀ ବାବାଜୀ :—
ଶ୍ରୀ ବୈଷ୍ଣବ ଚରଣ ଦାସଙ୍କ ପ୍ରଣୀତ
ନୂତନ ରଙ୍ଗିନ୍ ଛବି ଯୁକ୍ତ ନାଟକାବଳୀ

ମାନଭଞ୍ଜନ ନାଟକ ... ଟ ୦୪
ଶ୍ରୀ ଶ୍ରୀ ବୃନ୍ଦାବନ ଲୀଳାମୃତ ନାଟକ ଟ ୦୪
ବିଦଗ୍ଧ ମାଧବ ନାଟକ ... ଟ ୧୪୵
ଚନ୍ଦ୍ରାବଳୀ ବିଳାସ ନାଟକ ... ଟ ୦୪୵
ବିଦଗ୍ଧ ଚିନ୍ତାମଣି ନାଟକ ... ଟ ୦୪
ଯୁଗଳ ମାଧୁରୀ (ଗୀତ ଟ ୦୪

ପ୍ରାପ୍ତିସ୍ଥାନ :—
ଦାଶରଥି ପୁସ୍ତକାଳୟ
ବାଲୁବଜାର—କଟକ,
ପୋ: ଅ: ଗୃ[illegible] ।

Digitized by PPRACHIN, SOA